
সেপ্টেম্বররে ভারত আসিবে পুটিন

ପୃଷ୍ଠା ୫

# ସଂଚାର
THE SANCHAR


Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 26 ଭାଗ ୩୪ | ସଂଖ୍ୟା ୨୬ | Friday 17 April 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୧୭ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସଂସଦର ସ୍ୱତନ୍ତ୍ର ଅଧିବେଶନରେ ମୋଦିଙ୍କ ରଣହୁଙ୍କାର

# ବିରୋଧ କଲେ କ୍ଷମା ଦେବେନି ମହିଳା



- ବିରୋଧୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବ୍ଲାଙ୍କ ଚେକ୍: ସମସ୍ତଙ୍କ ଫଟୋ ଛାପିବୁ
- ବିଲ୍‌କୁ ପାସ୍ କରାଇବାକୁ ସବୁ ଦଳ ସହଯୋଗ କରିବାକୁ ଅପିଲ୍
- ଆଗତ ବିଲ୍‌କୁ ନେଇ ୧୮ ଘଣ୍ଟାର ମହାବିତର୍କ; ଆଜି ୪ଟାରେ ଭୋଟିଂ
- ସଂରକ୍ଷଣ ଆଳରେ ସୀମା ପୁନଃନିର୍ଦ୍ଧାରଣ ପେଞ୍ଚକୁ ନେଇ ବିରୋଧୀ ଖପ୍ପା
- ଭାଗ ଓ ଗୁରୁତ୍ୱ କମିବାକୁ ନେଇ ପ୍ରତିକ୍ରିୟାଶୀଳ ଦକ୍ଷିଣ ଭାରତ ନେତା
- ସୀମା ପୁନଃନିର୍ଦ୍ଧାରଣରେ କୌଣସି ପ୍ରାନ୍ତ ସହ ଭେଦଭାବ କରାଯିବନି

ନୂଆଦିଲ୍ଲୀ,୧୬।୪(ସଂଚାର ବ୍ୟୁରୋ): ଆଜିଠୁ ସଂସଦରେ ୩ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକି କେନ୍ଦ୍ର ସରକାର ଐତିହାସିକ ମହିଳା ସଂରକ୍ଷଣ ସମ୍ପର୍କିତ ସଂଶୋଧନ ବିଲ ଉପରେ ଆଲୋଚନା ଆରମ୍ଭ କରିଛନ୍ତି। କିନ୍ତୁ ଏହି ବିଲ୍ ଉପସ୍ଥାପନ ଭିତରେ ସୃଷ୍ଟି ହୋଇଛି ବଡ଼ ବିବାଦ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପ୍ରସ୍ତାବିତ ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩ କାର୍ଯ୍ୟକାରୀ କରିବାକୁ ଲୋକସଭାରେ ଉପସ୍ଥାପନ କରିଛନ୍ତି ମହିଳା ସଂରକ୍ଷଣ ବିଲ୍। ସଂସଦ ଓ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସ୍ଥାନ ଦେବାକୁ କେନ୍ଦ୍ର ସରକାର ଏହି ଐତିହାସିକ ପଦକ୍ଷେପ ନେବାକୁ ଯାଉଥିବା ବେଳେ ଏହା ସହ ଯୋଡ଼ି ହୋଇଛି ସୀମା ପୁନଃନିର୍ଦ୍ଧାରଣ ବିଲ୍। ଯାହାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ।



ଲୋକସଭାରେ ଆଗତ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ନେଇ ବିତର୍କ ଜାରି। ୧୫ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ବିଲ୍ ଉପରେ ବିତର୍କ ଚାଲିବା ନେଇ ବାଚସ୍ପତି ସୂଚନା ଦେଇଛନ୍ତି। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶାସକ-ବିରୋଧୀ ବିତର୍କ ଚାଲିବା ସମ୍ଭାବନା ରହିଛି। ଆସନ୍ତାକାଲି ଅପରାହ୍ନ ୪ଟାରେ ବିଲ୍ ଉପରେ ଭୋଟିଂ ହେବ।

ସଂସଦରେ ମହିଳା ସଂରକ୍ଷଣ ବିଲ୍ ଆଗତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଛନ୍ତି ରଣହୁଙ୍କାର। ସେ କହିଛନ୍ତି ଯେ ଦେଶର ୫୦ ପ୍ରତିଶତ ଜନସଂଖ୍ୟା ଅର୍ଥାତ ମହିଳାମାନେ ଏବେ ଆଇନ ତିଆରି ପ୍ରକ୍ରିୟାରେ ସାମିଲ ହେବାର ସମୟ ଆସିଛି। ଯେଉଁ ଦଳ ମହିଳା ସଂରକ୍ଷଣକୁ ବିରୋଧ କରିବ, ସେମାନଙ୍କୁ ଦେଶର ନାରୀଶକ୍ତି କେବେବି ପୃଷ୍ଠା-୬

## ଲାଭବାନ ହେବେ ଦକ୍ଷିଣ ରାଜ୍ୟ

ଦକ୍ଷିଣ ରାଜ୍ୟ ନେତୃବୃନ୍ଦଙ୍କ ଯୁକ୍ତିକୁ ଭିତ୍ତିହୀନ କହିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି ସମସ୍ତ ରାଜ୍ୟରେ ସମାନ ଭାବରେ ୫୦ ପ୍ରତିଶତ ଆସନ ବୃଦ୍ଧି କରିବେ। ଯାହାଦ୍ୱାରା ପ୍ରକୃତରେ ଦକ୍ଷିଣ ରାଜ୍ୟଗୁଡ଼ିକୁ ହିଁ ଅଧିକ ଲାଭ ଦେବ। ୫୦ ପ୍ରତିଶତ ଆସନ ବୃଦ୍ଧି ପ୍ରସ୍ତାବ ଅନୁଯାୟୀ ତାମିଲନାଡୁର ଲୋକସଭା ସିଟ୍ ସଂଖ୍ୟା ୩୯ରୁ ୫୯କୁ ବଢ଼ିପାରେ। ସେହିଭଳି କେରଳରେ ୨୦ରୁ ୩୦, ଆନ୍ଧ୍ରପ୍ରଦେଶରେ ୨୫ରୁ ୩୮, ତେଲଙ୍ଗାନାରେ ୧୭ ବଦଳରେ ୨୬ ଏବଂ କର୍ଣ୍ଣାଟକରେ ୨୮ ବଦଳରେ ୪୨କୁ ବୃଦ୍ଧି ପାଇବ। ସାମଗ୍ରିକ ଭାବେ ଦକ୍ଷିଣ ଭାରତର ଏହି ୫ ରାଜ୍ୟ ପୂର୍ବରୁ ସଂସଦରେ ୧୨୯ଟି ଆସନ ଅର୍ଥାତ ମୋଟ ସାଂସଦ ସଂଖ୍ୟାର ୨୩.୭୬ ପ୍ରତିଶତ ପ୍ରତିନିଧିତ୍ୱ ପାଉଥିଲେ। ପୃଷ୍ଠା-୬

# ଲୋକ ଭବନରେ ଏଡିସିଙ୍କ ଦାଦାଗିରି

- ରାଜ୍ୟପାଳଙ୍କ ସଚିବଙ୍କୁ ଅଭିଯୋଗ
- ଅଭିଯୋଗ କଲେ ରାଜ୍ୟ ଆୟକର କମିଶନର
- ଦୁଇ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର



ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):ଲୋକ ଭବନରେ ରାଜ୍ୟର ଦୁଇ ଜଣ ବରିଷ୍ଠ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ରାଜ୍ୟପାଳଙ୍କ ଏଡିସି। ଏନେଇ ରାଜ୍ୟ ମୁଖ୍ୟ ଆୟକର କମିଶନର ଡି. ସୁଧାକର ରାଓ ରାଜ୍ୟପାଳଙ୍କ ସଚିବଙ୍କୁ ଚିଠି ଲେଖିଛନ୍ତି। ଏଡିସିଙ୍କ ଏଭଳି କାର୍ଯ୍ୟକୁ ସେ ନିନ୍ଦା କରିବା ସହ ଆୟକର ବିଭାଗର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କ ପ୍ରତି ଏଡିସି ଓ ସୁରକ୍ଷା ଅଧିକାରୀଙ୍କ ବ୍ୟବହାର ପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

ଲୋକଭବନ ପରିସରରେ ଆଜି ଏଭଳି ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟ ଆୟକର କମିଶନର ଭାବେ ଦାୟିତ୍ୱ ନେବା ପରେ ଆଜି ଡି. ସୁଧାକର ରାଓ ତାଙ୍କ ସହଯୋଗୀଙ୍କ ସହ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସକାଶେ ଯାଇଥିଲେ। ଏହି ସାକ୍ଷାତ ପାଇଁ ପୂର୍ବରୁ ସମୟ ଧାର୍ଯ୍ୟ ହୋଇଥିଲା। ସେ ୱେଟିଂ ରୁମରେ ଅପେକ୍ଷା କରିଥିବା ସମୟରେ ତାଙ୍କ ସହ ଥିବା ଆଇଆରଏସ ଅଫିସର ମନୀଷ କୁମାର ଓ ସତ୍ୟପ୍ରକାଶ ମିଶ୍ର ରାଜ୍ୟପାଳଙ୍କ ଓଏସଡି ଓ ଏଡିସିଙ୍କୁ ଶ୍ରୀ ରାଓ ଅପେକ୍ଷା କରିଥିବା ସୂଚନା ଦେଇଥିଲେ। ତେବେ ଏହି ସମୟରେ ଏଡିସି କୁଳଦୀପ ମିନା ଦୁଇ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କୁ ବଳପୂର୍ବକ ପୁଲିସ ଭ୍ୟାନରେ ବସାଇ ଲୋକ ଭବନ ପରିସରରୁ ବାହାର କରିଦେଇଥିଲେ। ଏପରିକି ସେମାନେ ବିନାନୁମତିରେ ଲୋକ ଭବନରେ ପ୍ରବେଶ କରିଥିବା ଦର୍ଶାଇ ଏଡିସି ଉଭୟଙ୍କୁ କ୍ୟାପିଟାଲ ଥାନାକୁ ପଠାଇଦେଇଥିଲେ।

ଏହି ଗସ୍ତ ପୂର୍ବରୁ ଧାର୍ଯ୍ୟ ହୋଇଥିବା ବେଳେ ଆୟକର କମିଶନରଙ୍କ ସହ ପୃଷ୍ଠା-୬

## ଶ୍ରୀମନ୍ଦିରରେ ମୋବାଇଲ୍, ଧରାପଡ଼ିଲେ ନାବାଳିକା

ପୁରୀ,୧୬।୪ (ସଂଚାର ବ୍ୟୁରୋ): ପୁରୀ ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇବା କିମ୍ବା ଏବଂ ଭିଡ଼ିଓ କରିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ଗୁରୁବାର ଶ୍ରୀମନ୍ଦିର ପରିସରରେ ଜଣେ ନାବାଳିକା ଶ୍ରଦ୍ଧାଳୁ ଭିଡିଓ ରେକର୍ଡିଂ ଏବଂ ଫଟୋଗ୍ରାଫି କରି ସେବକମାନଙ୍କ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଝିଅଟି 'କୀର୍ତ୍ତନ ଚକଡ଼ା' ନିକଟରେ ନିଜ ମୋବାଇଲ ଫୋନରେ ମନ୍ଦିର ପରିସରର କିଛି ଦୃଶ୍ୟର ଫଟୋ ଉତ୍ତୋଳନ କରିଥିଲା। ସେ ଏହାର ଭିଡିଓ ରେକର୍ଡିଂ କରିବା ସହିତ ପତିତପାବନର ଫଟୋ ମଧ୍ୟ ଉଠାଇଥିଲା। ଏ ଘଟଣା ସେବକମାନଙ୍କ ନଜରକୁ ଆସିବାରୁ ସେମାନେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ତୁରନ୍ତ ଶ୍ରୀମନ୍ଦିର ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଓ ନାବାଳିକାକୁ ଅଟକ ରଖି ପଚରାଉଚରା କରିଥିଲା। ଫଟୋ ଓ ଭିଡିଓ ଉତ୍ତୋଳନ ପାଇଁ ନାବାଳିକା ବ୍ୟବହାର କରିଥିବା ମୋବାଇଲକୁ ପୁଲିସ ଜବତ କରିଛି। ଫଟୋ ଓ ଭିଡିଓ ସମେତ ସମସ୍ତ ରେକର୍ଡ ପୃଷ୍ଠା-୬

### ଟଙ୍କା ଚାପରେ ଆର୍ଥିକ ସ୍ଥିତି ଚେପା

## ବୃହତ ଅର୍ଥନୀତି ତାଲିକାରେ ୬କୁ ଖସିଲା ଭାରତ

ନୂଆଦିଲ୍ଲୀ,୧୬।୪: ଗତ ୨୦୨୫ ଶେଷ ଭାଗରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଥିଲା। ଜାପାନକୁ ପଛରେ ପକାଇ ଭାରତ ଏହି ସ୍ଥାନରେ ପହଞ୍ଚିବା ପରେ ଦେଶର ଅର୍ଥନୈତିକ ସ୍ଥିତି କ୍ରମାଗତ ଭାବେ ଉନ୍ନତ ହୋଇ ତୃତୀୟ ସ୍ଥାନରେ ବି ପହଞ୍ଚିଯିବା ନେଇ ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ଏବେ ଅନ୍ତର୍ଜାତୀୟ ବଜାରରେ ଦିନକୁ ଦିନ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଏହି କାରଣରୁ ଏବେ ଭାରତ ବିଶ୍ୱର ସର୍ବାଧିକ ଅର୍ଥନୀତିସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ଷଷ୍ଠ ସ୍ଥାନକୁ ଖସିଆସିଛି।



ଗତକାଲି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଭାରତ ଷଷ୍ଠ ସ୍ଥାନକୁ ଖସିବା ଫଳରେ ବ୍ରିଟେନ୍ ପଞ୍ଚମ ସ୍ଥାନରେ ପହଞ୍ଚିଯାଇଛି। ସେହିପରି ଜାପାନ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଆମେରିକା ଓ ଚୀନ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ସେମାନଙ୍କ ସ୍ଥିତିକୁ ଅପରିବର୍ତ୍ତିତ ରଖିଛନ୍ତି। ଏହାଛଡ଼ା ଜର୍ମାନୀ ତୃତୀୟ ସ୍ଥାନରେ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ସଦ୍ୟ ଜିଡିପି ଆକଳନ ଭିତ୍ତିରେ ଉକ୍ତ ରିପୋର୍ଟ ମାନ୍ୟତା ପ୍ରକାଶ କରିଥିବା ବେଳେ ଭାରତର ଜିଡିପି ଅଭିବୃଦ୍ଧି ୪.୧ରୁ ୪.୨ ପୃଷ୍ଠା-୬

### ଭାରତ-ନରୱେ ସହଯୋଗରେ କାର୍ଯ୍ୟକାରୀ ହେବ ଏମ୍‌ଏସ୍‌ପି

## ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ଓ ଅର୍ଥନୀତିର ବିକାଶକୁ ଗୁରୁତ୍ୱ

- ରାଜିନାମା ସ୍ୱାକ୍ଷରିତ
- ନୀଳ ଅର୍ଥନୀତିରେ ଉନ୍ନତି ଓ ଜଳବାୟୁରେ ସନ୍ତୁଳନ ଆଣିବ



ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ): ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ (ଏମଏସପି)। ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଓ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଆଜି ଲୋକସଭା ଭବନରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଆର୍‌ଏସ୍ କନ୍‌କରା ରାଜିନାମାରେ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଏହି ପୃଷ୍ଠା-୬

# ଦୁଇ ବର୍ଷରେ ଦାଗ ଧୋଇଦେଲେ ଶର୍ବଣା

ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):ପଶ୍ଚିମବଙ୍ଗ ନିର୍ବାଚନରେ ବ୍ରହ୍ମପୁର ଏସପି ଶର୍ବଣା ବିବେକ ଏମ୍‌ଙ୍କୁ ପଶ୍ଚିମବଙ୍ଗ ନିର୍ବାଚନରେ ପୁଲିସ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ୨୦୧୫ ବ୍ୟାଚ୍‌ର ଏହି ଆଇପିଏସ ଅଫିସରଙ୍କୁ ଅତ୍ୟଧିକ ରାଜନୈତିକ ସମ୍ବେଦନଶୀଳ ରାଜ୍ୟରେ ପୁଲିସ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କମିଶନ ନିଯୁକ୍ତି ଦେବା ଘଟଣାକୁ ନେଇ ଏବେ ବୟାନବାଜି ଆରମ୍ଭ ହୋଇଛି।

ବ୍ରହ୍ମପୁର ଏସପି ଭାବେ ଶର୍ବଣା ବିବେକ ସବୁବେଳେ ଗଣାମାଧ୍ୟମରେ ଚର୍ଚ୍ଚାରେ ଥାଆନ୍ତି। ଯେକୌଣସି ଘଟଣାରେ ପୁଲିସ ସଫଳତାକୁ ସେ ଅତି ନିଖୁଣ ଭାବେ ମିଡିଆ ଆଗରେ ଚିତ୍ରିତ କରିଥାନ୍ତି। ଜଣେ ପବ୍ଲିସିଟିପ୍ରେମୀ ଅଫିସର ହୋଇଥିବାରୁ ବ୍ରହ୍ମପୁରରେ ତାଙ୍କର ସବୁ ସ୍ତରର ଗଣମାଧ୍ୟମ ସହ ବେଶ୍ ଭଲ ସମ୍ପର୍କ। ବଡ଼ ବଡ଼ କେସ ଡିଟେକ୍ଟ କରିବାରେ ତାଙ୍କ ଦକ୍ଷତାକୁ ନେଇ କେହି ପ୍ରଶ୍ନ କରୁନାହାଁନ୍ତି। ହେଲେ ୨୦୨୪ରେ ନିର୍ବାଚନ କମିଶନ ଯେଉଁ ଅଫିସରଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟେଇଥିଲେ, ସେହି ଅଫିସରଙ୍କୁ ପୁଣି କିପରି ଏକ ରାଜନୈତିକ ସମ୍ବେଦନଶୀଳ ରାଜ୍ୟର



ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦେଲେ, ତାକୁ ନେଇ ପ୍ରଶ୍ନ ଉଠିଛି।

ଗତ ୨୦୨୪ ଏପ୍ରିଲ ୨ ତାରିଖରେ ନିର୍ବାଚନ କମିଶନ ଶର୍ବଣା ବିବେକଙ୍କ ସହ ୮ ଜଣ ବରିଷ୍ଠ ଆଇଏଏସ ଓ ଆଇପିଏସ ଅଫିସରଙ୍କୁ ନିର୍ବାଚନ ଦାୟିତ୍ୱରୁ

- ଶର୍ବଣା ବିବେକଙ୍କୁ ପଶ୍ଚିମବଙ୍ଗ ନିର୍ବାଚନ ଦାୟିତ୍ୱ
- ପୋଲିସ ପର୍ଯ୍ୟବେକ୍ଷକ ଭବେ ସାମୟୀକ ନିଯୁକ୍ତି
- ୨୦୨୪ରେ ନିର୍ବାଚନ ଦାୟିତ୍ୱରୁ ହଟାଇଥିଲେ ଇସି

ହଟେଇ ଦେଇଥିଲେ। ସେମାନଙ୍କ ମଧ୍ୟରେ କଟକ ଓ ଜଗତସିଂହପୁର ଜିଲ୍ଲାପାଳ ବି ଥିଲେ। ସେ ସମୟରେ ରାଜ୍ୟ ବିଜେପି ନେତାମାନେ ଶର୍ବଣା ବିବେକ ଓ ଅନ୍ୟ ୭ ଜଣ ଅଧିକାରୀ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରି ସରକାରୀ ଦଳ ପାଇଁ କାମ କରୁଛନ୍ତି ଓ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ସେମାନେ ନିର୍ବାଚନ କମିଶନଙ୍କ ନିକଟରେ ତଥ୍ୟ ପୃଷ୍ଠା-୬

## ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଖରାଛୁଟି ନିଷ୍ପତ୍ତି


ସ୍ପଷ୍ଟ କଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ତାତି ମାତ୍ରା ବଢ଼ିଚାଲିଛି। ପଶ୍ଚିମରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ତାତିର ତାଉ ଦେଖିବାକୁ ମିଳୁଛି। ତାତିରେ କଲବଲ ହେଉଛନ୍ତି ରାଜ୍ୟବାସୀ। ସେହିପରି ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି କରୁଛି ଜନଜୀବନ ଅସ୍ତବ୍ୟସ୍ତ। ଏପରି ସ୍ଥିତିରେ ରାଜ୍ୟରେ ସ୍କୁଲ୍‌ଗୁଡ଼ିକ ସକାଳୁଆ ଚାଲିଛି। କିନ୍ତୁ ସକାଳ ୮ଟାରୁ ତାତି ଆରମ୍ଭ ହୋଇଯାଉଥିବା ବେଳେ ଆଗକୁ ଏହା ଆହୁରି ଅଧିକ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରି ସ୍ଥିତିରେ ସ୍କୁଲ୍‌ଗୁଡ଼ିକୁ ଛୁଟି କରାଯିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ପଷ୍ଟ କରିଦେଇଛନ୍ତି। ପୃଷ୍ଠା-୬

### ଆଶ୍ରମ ସ୍କୁଲ୍‌ରେ ଝାଡ଼ାବାନ୍ତି ଘଟଣା

## ୨ ଛାତ୍ରଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ

କଟକ, ୧୬।୪ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନସ୍ଥ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ରୁପାଲୀ ବେସ୍ରା ନାମକ ଛାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟଣା ମନରୁ ଲିଭି ନଥିବା ବେଳେ ଆଜି ଉକ୍ତ ସ୍କୁଲ୍‌ର ଅନ୍ୟ ଦୁଇ ଜଣ ଛାତ୍ରଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ଉଭୟଙ୍କୁ କଟକ ଏସସିବି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଉଛନ୍ତି ରମେଶ ମୁର୍ମୁ ଏବଂ ଲକ୍ଷ୍ମୀ ଟୁଡୁ। ସେମାନେ ବାରିପଦାର ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟରେ ଚିକିତ୍ସାଧୀନ ଥିଲେ। ତେବେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ବୋଲି ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍ ବ୍ରଜ କିଶୋର ଦାସ କହିଛନ୍ତି। ପୃଷ୍ଠା-୬


SIKSHA 'O' ANUSANDHAN
SAAT-2026
Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବାପାଙ୍କ ଉଚ୍ଚାଭିଳାଷ, ବାଜିରେ ପିଲାଙ୍କ ରାଜନୀତି

ଭୁବନେଶ୍ୱର, ୧୬।୪(ସଂଚାର ବ୍ୟୁରୋ): ରାଜ୍ୟ ରାଜନୀତିରେ ବୟସ୍କ ପିତାମାନଙ୍କ ରାଜନୈତିକ ଅଭିଳାଷ ପାଇଁ ସେମାନଙ୍କ ପିଲାମାନେ ଏବେ ଅଡୁଆରେ। ଏମିତି ଅଡୁଆରେ ଯେ ଅନେକ ନିଜ ନିଜ ଭବିଷ୍ୟତକୁ ନେଇ ବି ଚିନ୍ତିତ ହୋଇପଡ଼ିଲେଣି। ରାଜନୀତି ଦୃଶ୍ୟପଟରେ ଏମାନଙ୍କ ମଧ୍ୟରୁ କେତେକ ଧିରେ ଧିରେ ଅଲୋଡ଼ା ହୋଇପଡୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି।



**ଧୀରେ ଧୀରେ ହେଉଛନ୍ତି ଅଲୋଡ଼ା**
**ଭବିଷ୍ୟତ ନେଇ ଚିନ୍ତା ବଢୁଛି**

ପରିଣତ ବୟସରେ ସକ୍ରିୟ ଥିବା ଏହି ପିତାଙ୍କ ମଧ୍ୟରେ ରହିଛନ୍ତି ବିଜୟ ମହାପାତ୍ର, ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ଅମର ପ୍ରସାଦ ଶତପଥୀ, ମହମ୍ମଦ ମୋକିମଙ୍କ ଭଳି ନେତା। ଏମାନଙ୍କ ମଧ୍ୟରୁ ଅମରଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କ ପୁଅଝିଅମାନେ ଏବେ ବିଧାନସଭାର ସଦସ୍ୟ। ତେବେ ଗତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଅଭିଯୋଗରେ ପ୍ରଭାତ ବିଶ୍ୱାଳଙ୍କ ପୁଅ ବିଧାୟକ ସୌଭିକ ବିଶ୍ୱାଳ, ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ବିଜେଡି ନିଲମ୍ବିତ କରିଥିବା ବେଳେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦଙ୍କୁ ଏହା ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ନିଲମ୍ବନ କରିଛି। ସେହିଭଳି କ୍ରସ ଭୋଟିଂ ପାଇଁ କଂଗ୍ରେସ ମଧ୍ୟ ମୋକିମ୍‌ଙ୍କ ଝିଅ ସୋଫିଆଙ୍କୁ ଦଳରୁ ନିଲମ୍ବନ କରିଛି।

ବର୍ତ୍ତମାନ ମହମ୍ମଦ ମୋକିମ ରାଜ୍ୟରେ ନୂଆ ଦଳ ଗଠନ କରି କଂଗ୍ରେସରେ ବିଭାଜନ ପାଇଁ ଲାଗିପଡ଼ିଛନ୍ତି। ତାଙ୍କ ଦଳ ଓଡ଼ିଶା ଜନତା କଂଗ୍ରେସ ରାଜ୍ୟ କଂଗ୍ରେସକୁ ଭାଙ୍ଗିବାରେ କେତେଦୂର ସଫଳ ହେବ, ତାହା ଆଗାମୀ ସମୟ କହିବାକୁ ଥିବା ବେଳେ ନୂଆ ଦଳର ମଞ୍ଚରେ ବସିଥିବାରୁ ସୋଫିଆଙ୍କୁ ଏବେ ବିଧାନସଭା ସଭ୍ୟପଦରୁ ହଟାଇବା ପାଇଁ କଂଗ୍ରେସ ଅଭିଯାନ ଆରମ୍ଭ କରିଦେଲାଣି। ଓଡ଼ିଶା ବିଧାନସଭାରେ ଭଲ ପ୍ରଦର୍ଶନ କରିଆସୁଥିବା ଓ ରାଜ୍ୟ ରାଜନୀତିରେ ଚମକୁଥିବା ନୂଆ ଚେହେରା ସୋଫିଆଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଆଲୋଚନା ମଧ୍ୟ ଆରମ୍ଭ ପୃଷ୍ଠା-୬

# ଜିଲ୍ଲା ବ୍ରାହ୍ମଣ ସଭା ନିର୍ବାଚନ

କେନ୍ଦ୍ରାପଡ଼ା, ୧୬।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ସଭା ପକ୍ଷରୁ ନିର୍ବାଚନ/ମନୋନୟନ କାର୍ଯ୍ୟକ୍ରମ ଆସନ୍ତା ୧୯ତାରିଖ ରବିବାର ପୂର୍ବାହ୍ନ ୧୦ଟାରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହେବ। ଏଣୁ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ରାହ୍ମଣମାନେ ଉପରୋକ୍ତ ସମୟ ଓ ସ୍ଥାନରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ନିବେଦନ କରାଯାଇଛି। ଏସମ୍ପର୍କିତ ସମସ୍ତ ସର୍ତ୍ତାବଳୀ ଉକ୍ତଦିନ ଜଣାଇ ଦିଆଯିବ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ସମସ୍ତ ବ୍ରାହ୍ମଣମାନେ ଏଥିରେ ଯୋଗଦାନ କରିବାକୁ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣସଭାର ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର ଅନୁରୋଧ କରି ଏକ ପ୍ରେସବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଯୁବ ଆଇନଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୧୪।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟର ଯୁବ ଆଇନଜୀବି ସ୍ୱର୍ଗତ ପ୍ରଭାତ ରଞ୍ଜନ ଦାସଙ୍କ ଷୋଡଶ କର୍ମଦିବସରେ ବାରିମୂଳ ପଞ୍ଚାୟତ ଖଣ୍ଡସାହି ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଆଇନଜୀବି ନିରଞ୍ଜନ ଗୋଛାୟତ, ଦୁର୍ଯ୍ୟୋଧନ ସାହୁ, ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସରୋଜକାନ୍ତ ସାହୁ, ସରପଞ୍ଚ ପ୍ରତିନିଧି ଶୁଦ୍ଧଦେବ ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲସଙ୍ଘ ସଭାପତି ରବି ମହାନ୍ତି, ସମ୍ପାଦକ ନିହାର ମହାପାତ୍ର,କୋଷାଧ୍ୟକ୍ଷ ରାଜୀବ ପାତ୍ର, ମହେଶ୍ୱର ବେହେରା, ବିଚିତ୍ରାନନ୍ଦ ବେହେରା,ଚକ୍ରଧର ରାଉତ, ନେହେରୁ ସାହୁ, ବିଭୁତି ଭୂଷଣ କର, ବିନୋଦ ବେହେରା, ଜ୍ୟୋତିର୍ମୟୀ ସ୍ୱାଇଁ, ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ, ଅମରେଶ ପଟେଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଅଧ୍ୟାପକ ଶ୍ରୀଧର ବେହେରା,ମାର୍ଶାଘାଇ କଲେଜ ଛାତ୍ରସଂସଦର ପ୍ରାକ୍ତନ ସଭାପତି ନଳିନୀକାନ୍ତ ପଣ୍ଡା, ରଶ୍ମିରଂଜନ ବେଉରା, ସଂଗ୍ରାମ କେଶରୀ ବେଉରା, ଜିତେନ୍ଦ୍ର ଲେଙ୍କା, ଆଦିତ୍ୟ ପଟ୍ଟନାୟକ, ପ୍ରାକ୍ତନ ସମ୍ପାଦକ ସୁବ୍ରତ ପ୍ରଧାନ, ଅଶୋକ କୁମାର ରାଉତ, ରଶ୍ମିରଂଜନ ରାଉତ, ଗିରିଜା ପ୍ରସାଦ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଭିନ୍ନକ୍ଷମତା ଅଧ୍ୟୟନକୁ ନେଇ ଇଣ୍ଟର୍ଣ୍ଣସିପ୍ ପାଠ୍ୟକ୍ରମ




କେନ୍ଦ୍ରାପଡା,୧୭।୪(ସଂଚାର ବ୍ୟୁରୋ)ଃ ନୂତନ ଜାତୀୟ ଶିକ୍ଷାନୀତି- ୨୦୨୦ ମୁତାବକ ବିଶ୍ୱବିଦ୍ୟାଳୟରେ ସ୍ନାତକ ଅଧ୍ୟୟନ କରୁଥିବା ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ବାହ୍ୟିକ ଅଧ୍ୟୟନ ନିମନ୍ତେ ଇଣ୍ଟରନ୍ସିପ୍ କାର୍ଯ୍ୟକ୍ରମର ପ୍ରାବଧାନ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘବର୍ଷ ଧରି ଭିନ୍ନକ୍ଷମଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟ କରୁଥିବା ପୁନର୍ବାସ ଅନୁଷ୍ଠାନରେ ଚଳିତବର୍ଷ ମହାବିଦ୍ୟାଳୟର ବିଭିନ୍ନ ବିଭାଗୀୟ ଛାତ୍ରଛାତ୍ରୀମାନେ ଇଣ୍ଟରନ୍ସିପ୍ ପ୍ରଶିକ୍ଷଣ ନେବା ଆରମ୍ଭ କରିଛନ୍ତି। ଏଥିପାଇଁ ପୁନର୍ବାସ ପକ୍ଷରୁ 'ଭିନ୍ନକ୍ଷମତା ଅଧ୍ୟୟନ' ସମ୍ପର୍କିତ ଏକ ସଚେତନତାମୂଳକ ତଥ୍ୟ ଓ ପ୍ରାୟୋଗିକ ଦିଗକୁ ନେଇ ବିଷୟବସ୍ତୁ ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଭିନ୍ନକ୍ଷମତା ସମ୍ପର୍କିତ ବିବିଧ ସଚେତନତାଧର୍ମୀ, ପ୍ରକାରଗତ ତଥା ସାମାଜିକ ଆଇନଗତ ଦିଗ ବିଷୟରେ ଜାଣିବା ସହିତ ଏହାର ବିବିଧ ଥେରାପି ଚିକିତ୍ସା ଓ ହସ୍ତକ୍ଷେପ ସମ୍ପର୍କରେ ସମ୍ୟକ ଅବବୋଧ ଅର୍ଜନ କରିପାରିବେ। ଯାହା ସେମାନଙ୍କୁ ବାହ୍ୟିକ ଜ୍ଞାନ ସହ ପରୋକ୍ଷରେ ଏକ ସମ୍ମିଳିତ ସମାଜ ସୃଷ୍ଟି କରିବାରେ ସହାୟକ ହୋଇ ପାରିବ ବୋଲି ପୁନର୍ବାସର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ଏହି କ୍ରମରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ଇଣ୍ଟରନ୍ସିପ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ମାଧପୁରସ୍ଥିତ ପୁନର୍ବାସ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରାରମ୍ଭିକ ଉତ୍ସବରେ ବିଭାଗୀୟ ମୁଖ୍ୟ ଡ଼ଃ ଦେବକାନ୍ତ ଷଡଙ୍ଗୀ ଏବଂ ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ।ଇଣ୍ଟନସିପ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ସଞ୍ଜୀବ ଜେନା ଓ ସଭ୍ୟ ବଂଶୀଧର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ବୈଷୟିକ ଅଧିକାରୀ କେଦାରନାଥ ବାରିକ ଓ ସହାୟିକା ଅମିଷା ବାରିକ ପରିଚାଳନାରେ ସହାୟତା କରିଥିଲେ।

# ଆଜାଦ୍ କ୍ଲବ ପକ୍ଷରୁ ଜାତୀୟସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

କେନ୍ଦ୍ରାପଡ଼ା,୧୬।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ସହରର ଫକିରାବାଦ୍ ଆଜାଦ୍ କ୍ଲବ ପକ୍ଷରୁ ଏକ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେ୍ ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡାରେ ଏଭଳି ଟୁର୍ଣ୍ଣାମେର ଆୟୋଜନ ଦ୍ୱାରା ଯୁବବର୍ଗଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହେବା ସହିତ ଏହି ଜିଲ୍ଲାରେ ବହୁ କ୍ରୀଡାବୀତ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଯୋଗଦେଇ ଏଭଳି ପ୍ରତିଯୋଗିତା ଦ୍ୱାରା ଆମ ଅଳର କ୍ରୀଡାବିତଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବ କଟକର ଟାର୍ଜନ କ୍ଲବକୁ ୩-୧ ଟ୍ରାଇବ୍ରେକରରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର କଳିଙ୍ଗ ୟୁନାଇଟେଡ ଏଫସି ଝାଡଖଣ୍ଡ ଚାଇବସାର କେଲାନ ସକ୍କର ଏକାଡେମୀକୁ ଭେଟିଥିଲା। କ୍ଲବର ସମ୍ପାଦକ ସେକ ଲିୟାକତ ଅଲ୍ଲୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ମୀର ବକ୍କାଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଣ୍ଡୁଚି ବଟରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୧୬।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅଧିନ ଗୁଣ୍ଡୁଚି ବଟରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ ହୋଇଯାଇଛି। ଏହି ଯଜ୍ଞକୁ ଉଦଘାଟନ କରି ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ପା ମହାଯଜ୍ଞର ବର୍ଣ୍ଣନା କରି କହିଲେ ଅନ୍ନଯଜ୍ଞ, ଜ୍ଞାନଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ ଓ ସେବାଯଜ୍ଞ କରିଲେ ଦେଶର ମଙ୍ଗଳ ହେବା ସହିତ ଭଲ ବର୍ଷା ହୋଇପାରିବ। ଫଳରେ ଧରିତ୍ରୀ ଶସ୍ୟଶାମଳା ହୋଇ ଭଲ ଫଳ ଫଳିବ, ବାୟୁମଣ୍ଡଳ ସୁଦ୍ଧ ହେବ ଓ ସୁଦ୍ଧ ବାତାବରଣ ହେବ। ଏହାଦ୍ୱାରା ସୁସ୍ଥ ଜୀବନ ଗଠନ ହେବ। ସୁସ୍ଥ ଜୀବନ ହେଲେ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ। ତେଣୁ ଯଜ୍ଞ କଲେ ପୃଥିବୀ ପୃଷ୍ଠରେ ଶାନ୍ତି ବଜାୟ ରହିପାରିବ। ଦେଶର ମଙ୍ଗଳ ବିଧାନ ପାଇଁ ଋଷିମୁନୀମାନେ ଅତୀତରେ ଯଜ୍ଞ କରୁଥିଲେ। ତେଣୁ ସମସ୍ତେ ଏକତ୍ରିତ ହୋଇ ଯାଗଯଜ୍ଞ କରନ୍ତୁ ଏହାଦ୍ୱାରା ସୁସ୍ଥ ପୃଥିବୀ, ସୁସ୍ଥ ସମାଜ, ସୁସ୍ଥ ପରିବେଶ ଓ ସୁସ୍ଥ ମନୁଷ୍ୟ ସୃଷ୍ଟି ହୋଇପାରିବେ ବୋଲି ଶ୍ରୀମା କହିଥିଲେ। ଏହି ଯଜ୍ଞରେ ଦୁତିଆଳ ଗ୍ରାମବାସୀବୃନ୍ଦ, ସାଧୁସନ୍ୟାସୀ ଓ ଭକ୍ତଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଯଜ୍ଞ କମିଟି ଓ ଗୁଣ୍ଡୁଚି ବଟର ମାତାଜୀଙ୍କ ସହଯୋଗରେ ଏହି ଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଶେଷରେ ଦୌ୍ରପଦୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଗିଲା କଟକଣା, ଦୁଇ ମାସ ମାଛ ଧରିବା ସମ୍ପୂର୍ଣ୍ଣ ମନା!



ପାରାଦ୍ୱୀପ,୧୬।୪(ସଂଚାର ବ୍ୟୁରୋ)ଃ ଲାଗିଲା କଟକଣା। ଦୁଇ ମାସ ମାଛ ଧରିବା ସମ୍ପୂର୍ଣ ମନା। ଦୂର ସମୁଦ୍ରର ଗଭୀର ଜଳରାଶି ମଧ୍ୟରେ ପ୍ରବେଶ ନିଷେଧ କଲା ପ୍ରଶାସନ। ନା ପଡ଼ି ପାରିବ ଜାଲ ନା ଧରାଯାଇ ପାରିବ ମାଛ। ଏମିତି କଟକଣା ଲାଗିବ ପରେ ଏବେ ଦୁଇ ମାସ ଧରି ହାତ ବାନ୍ଧି ବସିବେ ମତ୍ସ୍ୟଜୀବି ଓ ବୋଟ ମାଲିକ। ଏହି ସମୟରେ ପରିବାର ଚଳାଇବା ପାଇଁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ସେମାନେ। ଦୁଇମାସ ପାଇଁ ସମୁଦ୍ର ରେ ଚାଲିବ ନାହିଁ ମାଛଧରା ବୋଟ୍ କି ଯନ୍ତ୍ର ଚାଳିତ ଡଙ୍ଗା। ଏପ୍ରିଲ, ମେ ଓ ଜୁନ ମାସ ହେଉଛି ମାଛ ମାନଙ୍କ ଅଣ୍ଡାଦାନର ସମୟ। ତେଣୁ ମାଛ ବଂଶ ବୃଦ୍ଧି ପାଇଁ ପ୍ରତ୍ୟେକ ବର୍ଷ ଏପ୍ରିଲ ୧୫ ରୁ ଜୁନ ୧୪, ଦୁଇମାସ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର ମାଛ ଧରା ଉପରେ ରୋକ ଲଗାଇଥାନ୍ତି। ତେବେ ସରକାରଙ୍କ ଏହି ନିଷ୍ପତ୍ତି କୁ ମତ୍ସ୍ୟଜୀବୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ମାଛ ବଂଶ ବୃଦ୍ଧି ହେଲେ ହିଁ ଆମ ପରିବାର ଭଲରେ ରହିବ, କିନ୍ତୁ ବର୍ଷକୁ କଇଁଛ କଟକଣା ପାଇଁ ୬ ମାସ, ପରେ ମାଛ ବଂଶ ବୃଦ୍ଧି ପାଇଁ ଦୁଇମାସ, ୮ମାସ ମାଛ ଧରା ଏକ ପ୍ରକାର ବନ୍ଦ ରହୁଛି। ଏହାପରେ ମଧ୍ୟ ଲଘୁଚାପ ଓ ବାତ୍ୟା ପାଇଁ ପାଖାପାଖି ଦୁଇମାସ ଆମେ ମାଛ ଧରିବାକୁ ଯାଇପାରୁ ନାହୁଁ। ବଳକା ଦୁଇମାସର ରୋଜଗାରରେ ଆମ ପରିବାର ବର୍ଷକ ଚଳିବା କଷ୍ଟକର ହୋଇପଡୁଛି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଦୁଇମାସ ମାଛଧରା ବନ୍ଦ ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ପାରାଦ୍ୱୀପ ନେହେରୁବଙ୍ଗଳା ମାଛଧରା ବନ୍ଦର, ଅଠରବାଙ୍କି ବାଲିପ୍ଲଟ, ଚଉମୁହାଣି ଓ ଷଣ୍ଢକୁଦ ପ୍ରଭୃତି ମତ୍ସ୍ୟଜୀବୀ ରହୁଥିବା ଅଞ୍ଚଳରେ ସମୁଦ୍ରକୁ ମାଛ ଧରିବାକୁ ନଯିବା କୁ ସଚେତନ କରାଯାଇଛି। ଏହି ସମୟରେ ବୋଟ ଓ ଯନ୍ତ୍ର ଚାଳିତ ଡଙ୍ଗା ଗୁଡିକର ମରାମତି କାର୍ଯ୍ୟ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ତେଣୁ ଏବେ ବିଭିନ୍ନ ମାଛଧରା ସ୍ଥାନ ଗୁଡିକରେ ମତ୍ସ୍ୟଜୀବୀଙ୍କ ବଦଳରେ ବିଭିନ୍ନ ବିଭାଗର କାରିଗରଙ୍କ ଭିଡ ଦେଖିବାକୁ ମିଳିଛି। ପାରାଦ୍ୱୀପ ମାଛଧରା ବନ୍ଦର ରେ ୬୩୦ ରୁ ଊର୍ଦ୍ଧ୍ୱ ବୋଟ ଓ ୩୦୦ ରୁ ଊର୍ଦ୍ଧ୍ୱ ଯନ୍ତ୍ର ଚାଳିତ ଡଙ୍ଗା ପଞ୍ଜିକୃତ ହୋଇଥିବା ବେଳେ, ଅଠରବାଙ୍କି ର ବାଲିପ୍ଲଟ ଓ ଚଉମୁହାଣି ରେ ୭ଶହ ରୁ ଊର୍ଦ୍ଧ୍ୱ ଯନ୍ତ୍ର ଚାଳିତ ଓ ବିନା ଯନ୍ତ୍ର ଚାଳିତ ଡଙ୍ଗା ରହିଛି। ତେବେ ଦୁଇମାସ ଧରି ବର୍ତ୍ତମାନ ମାଛ ଧରା ବନ୍ଦ ରହୁଥିବାରୁ ପ୍ରତ୍ୟେକ ମତ୍ସ୍ୟଜୀବୀ ଙ୍କୁ ୧୫୦୦୦ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାର ଙ୍କୁ ନିବେଦନ କରିଛନ୍ତି ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ ର ସଭାପତି ଶ୍ରୀକାନ୍ତ ପରିଡା! ରାଜ୍ୟରେ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଥିବା ବେଳେ ପାରାଦୀପ ମାଛଧରା ବନ୍ଦର ଉପରେ ନିର୍ଭର କରୁଥିବା ୫୦ ହଜାର ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଦୁଇମାସ ରୋଜଗାର କରି ବର୍ଷ ସାରା ପରିବାର ପ୍ରତିପୋଷଣ କରିଥାନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

## ଓଡ଼ିଆ ନବବର୍ଷ ଉପଲକ୍ଷେ ଦହି ପଣା ବଣ୍ଟନ



ମହାକାଳପଡ଼ା, ୧୬।୪(ସଂଚାର ବ୍ୟୁରୋ)ଃ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମର ହନୁମାନଙ୍କ ନିକଟରେ ଯୁବକମାନେ ଏକତ୍ରିତ ହୋଇ ହନୁମାନଙ୍କ ପୂଜା ଆୟୋଜନ କରିବା ସହିତ ଦହି ଲେମ୍ବୁ ପଣା ବଣ୍ଟନ କରିଥିଲେ। ପ୍ରବଳ ଖରା ଗରମ ସମୟରେ ଏହି ପଣା ବଣ୍ଟନ କାର୍ଯ୍ୟକ୍ରମକୁ ସମସ୍ତେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ମହାପାତ୍ର, ରଶ୍ମିରଞ୍ଜନ ପାଇଟାଳ, ପ୍ରଭାତ ରଞ୍ଜନ ଜେନା, ସୁଧାଂଶୁ ରାଉତ, ରବିନାରାୟଣ ଦାସ, ଶ୍ରୀକାନ୍ତ ରାଉତ, ଜୟକୃଷ୍ଣ ମହାପାତ୍ର, ଆକାଶ ବେଉରା, ଆଦିତ୍ୟରାଜ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇରନ୍ ପାଣି ପିଉଛନ୍ତି ସ୍କୁଲ ପିଲା

- କୁନି କୁନି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ବିଗିଡିବା ଆଶଙ୍କା
- ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ଦାବି



ମହାକାଳପଡ଼ା, ୧୭।୫(ସଂଚାର ବ୍ୟୁରୋ)ଃ ବିଦ୍ୟାଳୟ ପାଖରେ ଥିବା ନଳକୂପ ବିପର୍ଯ୍ୟସ୍ତ ହୋଇପଡ଼ିଛି। କଳଙ୍କି ଲାଗି ନଷ୍ଟ ହୋଇଯାଇଛି ନଳକୂପ। ଯାହା ଫଳରେ ଛାତ୍ରଛାତ୍ରୀମାନେ ସେହି ନଳକୂପରୁ ଆଇରନ୍ ଓ କଳଙ୍କି ମିଶା ପାଣି ପିଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଯେଉଁ ନଳକୂପ ରହିଛି ତାହା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନଳକୂପ ସାରା କଳଙ୍କି ଲାଗି ନଷ୍ଟ ହୋଇଗଲାଣି। ଏଥିପାଇଁ ବିଭାଗର ନଜର ପଡୁ ନଥିବାରୁ ସେହି ବିପର୍ଯ୍ୟସ୍ତ ନଳକୂପରୁ କଳଙ୍କି ମିଶା ଆଇରନ ପାଣି ପିଇବାକୁ ଛାତ୍ର ଛାତ୍ରୀ ମାନେ ବାଧ୍ୟ ହେଉଛନ୍ତି। କେବଳ ସେତିକି ନୁହେଁ ଏହି ନଳକୂପ ର ଜଳକୁ ବିଦ୍ୟାଳୟର ରୋଷେଇ ରୋଷେଇ କାମରେ ବ୍ୟବହାର କରିବା ସହିତ ବାଟୋଇମାନେ ମଧ୍ୟ ଏହି ନଳକୂପର ଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଯାହା ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିପର୍ଯ୍ୟସ୍ତ ନଳକୂପକୁ ବଦଳାଇ ନୂତନ ଭାବେ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୋଷଣ ପକ୍ଷ ପାଳନ, ଶିଶୁଙ୍କ ମସ୍ତିଷ୍କ ବିକାଶ ଉପରେ ଗୁରୁତ୍ୱ




କେନ୍ଦ୍ରାପଡା, ୧୬।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅଷ୍ଟମ ପୋଷଣ ପକ୍ଷ ପାଳନ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରାଟି ସହର ପରିକ୍ରମା କରି ଶିଶୁଙ୍କ ବିକାଶ ସପକ୍ଷରେ ସ୍ଲୋଗାନ୍ ଦେଇଥିଲେ। ପରେ ଏହି ଅବସରରେ ଜିଲ୍ଲା ମିଶନ୍ ଶକ୍ତି ଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଶ୍ରୀ ଜେନାଙ୍କ ସହିତ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ଜିଲ୍ଲାର ସମସ୍ତ ସିଡିପିଓ, ସମସ୍ତ ସୁପରଭାଇଜର, ଅଙ୍ଗନୱାଡୀ କର୍ମୀ, ଡବ୍ଲ୍ୟୁଏସ୍‌ଜି ସଦସ୍ୟ, ସମସ୍ତ ବ୍ଲକର ପୋଷଣ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ମା ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ୍ ଟାଇମ୍ କମ୍ କରିବାରେ ମାତା ପିତା ଓ ଗୋଷ୍ଠୀ ସମୁଦାୟଙ୍କ ଭୂମିକା, ଅଙ୍ଗନୱାଡୀ କେନ୍ଦ୍ରର ସଶକ୍ତିକରଣ ନିମନ୍ତେ ସାମୁହିକ ସମର୍ଥନ ବିଶେଷ କରି ଜନ୍ମରୁ ୬ ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେଇ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ପିଓ ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିବାବେଳେ ଡିସି ପୋଷଣ ସଞ୍ଜୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୁଳିଗଡ଼ି ଗ୍ରାମରେ ଶନିମନ୍ଦିର ଓ ହନୁମାନ ମନ୍ଦିରରେ ଚୋରି

ନୀଳଗିରି,୧୬।୪(ସଂଚାର ବ୍ୟୁରୋ)ଃ ନୀଳଗିରି ଥାନା ଶ୍ୟାମସୁନ୍ଦର ପୁର ପଞ୍ଚାୟତ କୁଳିଗଡ଼ି ଗ୍ରାମ ଟି ଏବେ ଚୋର ଙ୍କର ଆଡ଼ାସ୍ଥଳୀ ପାଲିଟି ଯାଇଛି।ଗତକାଲି ବିଳମ୍ବିତ ରାତିରେ ଗ୍ରାମରେ ଥିବା ଶନି ମନ୍ଦିର, ହନୁମାନ ମନ୍ଦିର ରୁ ଠାକୁର ଙ୍କର ଅଳଙ୍କାର, ଦାନ ବାକ୍ସ ର ଟଙ୍କା ସହିତ ଗ୍ରାମରେ ବନମାଳୀ ମହାନ୍ତି ଓ ଶମ୍ଭୁନାଥ ମହାନ୍ତି ଙ୍କର ସାଇକେଲ ଦୁଇଟି ଚୋରି ହୋଇଥିବା ନେଇ ଥାନା ରେ ଅଭିଯୋଗ କରିଛନ୍ତି।ଚୋରି ହୋଇଥିବା ଲକ୍ଷ୍ୟାଧିକ ଟଙ୍କା ଅଳଙ୍କାର ଓ ଦୁଇଟି ସାଇକେଲ ଚୋର ଙ୍କ ଠୁ ଠାବ କରିବାକୁ ସାଧାରଣ ରେ ଦାବି ହୋଇଛି।ଗ୍ରାମବାସୀ ଙ୍କ ଅଭିଯୋଗ ଗ୍ରାମପାର୍ଶ୍ୱ କେନାଲ ରେ ସନ୍ଧ୍ୟା ସମୟରେ,ମଦୁଆ ,ଡ୍ରକ୍ସ ମାଫିଆ ଙ୍କର ଆଡସ୍ଥଳୀ ପାଲଟିଛି। ସ୍ଥାନୀୟ ଈଶ୍ୱର ପୁର ଫାଣ୍ଡି ରେ ତିନି ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଫାଣ୍ଡି ଅଧିକାରୀ ନାହାଁନ୍ତି।ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଚୋରୀ କରୁଛନ୍ତି।ଅଞ୍ଚଳ ରେ ପେଟ୍ରୋଲିଙ୍ଗ ହେଉନଥିବାରୁ କ୍ରମାଗତ ଭାବେ ଅଞ୍ଚଳ ରେ ଛିନତାଇ, ଡକାୟତି, ଚୋରି, ମଦ ମାଫିଆ, ଡ୍ରକ୍ସ ବେପାରୀ ଙ୍କର ପାଦୁଭାବ ବଢିବା ରେ ଲାଗିଛି। ସନ୍ଧ୍ୟା ହୋଇଗଲେ ଅଞ୍ଚଳ ବାସୀ ମାର୍କେଟ ଆସିବା ପାଇଁ ଭୟଭିତ ହେଲେଣି, ନୀଳଗିରି ପୋଲିସ ର ନିଷ୍କ୍ରିୟତା ଯୋଗୁଁ ଅଞ୍ଚଳ ରେ ଏହିପରି ପରିସ୍ଥିତି ବାରମ୍ବାର ଉପୁଜୁଛି। ତେଣୁ ଜିଲ୍ଲା ଏସପି ତୁରନ୍ତ ଉକ୍ତ ଅଞ୍ଚଳ ରେ, ଶାନ୍ତିମୟ ବାତାବରଣ ପାଇଁ ଈଶ୍ୱରପୁର ଫାଣ୍ଡି ରେ ଜଣେ ଅଧିକାରୀଙ୍କୁ ପୋଷ୍ଟିଙ୍ଗ କରିବା କୁ ଦାବୀ ହେଉଛି।

● ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

## ଦୁଃସାହସିକ ମଲଖମ୍ବ କ୍ରୀଡ଼ା ମୁଖ୍ୟ ଆକର୍ଷଣ




ବାରିପଦା,୧୬।୪(ସଂଚାର ବ୍ୟୁରୋ)ଃ ସ୍ଥାନୀୟ ଛଉ ପଡ଼ିଆରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଇତି ମଧ୍ୟରେ ଉଦଯାପିତ ହୋଇଛି। ଚଳିତ ମେଳାରେ ପ୍ରାୟ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି। ମେଳାରେ ସର୍ବାଧିକ ଉତ୍ପାଦ ବିକ୍ରିରେ କେନ୍ଦ୍ରାପଡାର ସୃଜନୀ ପିଜି, ଶ୍ରେଷ୍ଠ ଡିସପ୍ଲେ ଆର୍ଟିଷ୍ଟ ଭାବରେ ଗୋପୀନାଥ ସାହୁ (ଗୁଣପୁର, ରାୟଗଡ଼ା), ଶ୍ରେଷ୍ଠ ଅଭିନବ ଷ୍ଟଲ୍- ବାଉଁଶ ପ୍ରଡ୍ୟୁସର୍ ଗ୍ରୁପ୍, ବାଙ୍ଗିରିପୋଷି ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ଫଟୋଗ୍ରାଫି ଓ କ୍ଷୁଦ୍ର ଭିଡିଓ (ରିଲ୍ସ) ନିର୍ମାଣରେ ସଚ୍ଚର ସଲ୍ ଗ୍ରୁପ୍ (ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ତକତପୁର) ପୁରସ୍କୃତ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନୀରେ କୃଷି ଏବଂ କୃଷକ ସଶକ୍ତିକରଣ, ଶ୍ରେଷ୍ଠ ଅଭିନବ ଉତ୍ପାଦ ଷ୍ଟଲ୍ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ମୟୂରଭଞ୍ଜ, ଶ୍ରେଷ୍ଠ ସାମାଜିକ ସଚେତନତାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାରିପଦା ପୁରସ୍କୃତ ହୋଇଛନ୍ତି। ସେହିପରି ମୁରୁଜ ପ୍ରତିଯୋଗିତାରେ ବିଜୟା ମୁର୍ମୁ, ହୁଳହୁଳିରେ ଦିପ୍ତୀରେଖା ଦେଓ, ଶଙ୍ଖ ଫୁଙ୍କାରେ ମଲିକ ପଲ୍, ହନୁମାନ ଚାଳିଶାରେ ଶ୍ରୟାଂଶୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ କାଲବେରିଆ ନୃତ୍ୟ (ରାଜସ୍ଥାନ), ବଜାଶାଲ୍ ନୃତ୍ୟ (କଳାହାଣ୍ଡି କଟପ୍ପା ଦଳ) ସମେତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜର ନୃତ୍ୟ ପରିବେଷଣ ନୃତ୍ୟ ପ୍ରଦର୍ଶନ କରିଥିଲେ । ସେହିପରି ହାଇଦ୍ରାବାଦର ଦୁଃସାହସିକ କ୍ରୀଡ଼ା ମଲ୍ଲଖମ୍ବ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା ।

# ନାବାଳକକୁ ଧାରୁଆ ଅସ୍ତ୍ରରେ ହାଣିଲା ନାବାଳକ

- ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ
- ପୁଲିସର ତଦନ୍ତ ଆରମ୍ଭ



ଆଳି,୧୭।୪(ସଂଚାର ବ୍ୟୁରୋ)ଃ ଭଲି ଖେଳୁଥିବା ବେଳେ ୧୭ବର୍ଷର ନାବାଳକକୁ ଧାରୁଆ ଅସ୍ତ୍ରରେ ହାଣିଲା ୧୬ବର୍ଷର ନାବାଳକ।ଚିକିତ୍ସା ପାଇଁ ଗୁରୁତର ନାବାଳକ ଜଣଙ୍କୁ ଉଦ୍ଧାର କରାଯାଇ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣାଘଟିଛି କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଳପାଟଣା ଗାଁରେ।ଆଜି ଅପରାହ୍ନରେ ମାଳପାଟଣା ଗାଁର ସ୍କୁଲ ପଛପଟେ ରାହୁଲ ମାଣିକ ପିତା ବାସୁଦେବ ମାଣିକ ଖେଳପଡ଼ିଆରେ ଭଲି ବଲ ଖେଳୁ ଥିବା ବେଳେ ମୃତ୍ୟୁଞ୍ଜୟ ସାହୁ ନା ନାବାଳକକୁ ଧାରୁଆ ମାରାଣାସ୍ତ୍ରରେ ତାର ପିଠି ଓ ବେକକୁ ଅତର୍କିତ ଭାବେ ଆକ୍ରମଣ କରିଥିଲା।ଫଳରେ ୧୭ବର୍ଷୀୟ ନାବାଳକ ରାହୁଲ ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘଟଣାସ୍ଥଳରେ ହିଁ ଗୁରୁତର ହୋଇପଡ଼ିଥିଲେ।ତାଙ୍କୁ ସଙ୍ଗେ ସଙ୍ଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଆଳି ପୋଲିସକୁ ଖବର ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି। ହେଲେ ଆକ୍ରମଣ ପଛର ପ୍ରକୃତ କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ଆକ୍ରମଣକାରୀ ନାବାଳକ ଓ ତାକୁ ସହ ଯୋଗ କରିଥିବା ଗାଁର ଅନ୍ୟଜଣେ ବ୍ୟକ୍ତି ଙ୍କୁ ଆଳି ଥାନାରେ ଆଣି ଅଟକ ରଖିଥିବା ବେଳେ। ଏ ନେଇ ରାହୁଲର ମାଆ ଥାନରେ ଲିଖିତ ଅଭିଯୋଗ କରିଛନ୍ତି।ଏନେଇ ପୋଲିସର ପତିକ୍ରିୟା ମିଳିପାରନାହିଁ।

# ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା



କେନ୍ଦ୍ରାପଡା,୧୬।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମହିଳା ମାନଙ୍କ ଆର୍ଥିକ ବିକାଶ, ସାମାଜିକ ସଶକ୍ତିକରଣ ଓ ମହିଳା ନେତୃତ୍ୱର ବିକାଶ ତଥା ଲକ୍ଷପତି ଦିଦି ଗଠନ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦେଉଥିବାବେଳେ ଆଜି କେନ୍ଦ୍ରାପଡାରେ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦିଶା କମିଟି ସଦସ୍ୟା ତଥା ବିଜେପିର ବରିଷ୍ଠ ନାରୀନେତ୍ରୀ ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ସଂଯୋଜନାରେ ଏକ ବିଶାଳ ମହିଳା ଶୋଭାଯାତ୍ରା ସହରର ନୂଆ ବସଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ତିନିମୁହାଣୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ଉଦ୍‌ଯାପିତ ହୋଇଥିଲା। ସହସ୍ରାଧିକ ମହିଳାମାନଙ୍କ ସମାବେଶରେ ବିଜେପି ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଉପସଭାନେତ୍ରୀ ଅନୁଜାନନ୍ଦ ବିଶ୍ୱାଳ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ରାଜ୍ୟ ମହିଳା କମିଶନର ସଦସ୍ୟା କଳ୍ପନା ମଲ୍ଲିକ ପ୍ରମୁଖ ନାରୀନେତ୍ରୀମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ମହିଳାମାନଙ୍କ ବିକାଶ ସହିତ ସବୁ କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରୁଥିବାବେଳେ ପାର୍ଲାମେଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ଥିବା ରାଜନୈତିକ ଢାଂଚାରେ ମହିଳାମାନଙ୍କ ଯୋଗଦାନକୁ ଅଗ୍ରାଧିକାର ଦେଇ ନାରୀ ସଶକ୍ତିକରଣ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ଦିଗରେ ଜନସାଧାରଣଙ୍କୁ ତଥା ବିଶେଷ କରି ମହିଳାମାନଙ୍କୁ ସଚେତନ କରାଇବା ଓ ନୂତନ ନେତୃତ୍ୱ ସୃଷ୍ଟି କରିବା ଦିଗରେ ଉତ୍ସାହିତ କରିବା ପାଇଁ ଆଜିର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କ ବିକାଶରେ ପରିବାରଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସେମାନଙ୍କର ଯୋଗଦାନକୁ ଅଗ୍ରାଧିକାର ଓ ସହଭାଗିତା ବିଷୟରେ ସଚେତନ କରାଯାଇଛି। ଆୟୋଜିତ ଏହି ଶୋଭାଯାତ୍ରାରେ ପ୍ରିୟଦର୍ଶନୀ ନନ୍ଦ, ରୋଜାଲିନି ମହାନ୍ତିଙ୍କ ସମେତ ପ୍ରାୟ ତିନିହଜାରରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

## ନିଶ୍ଚିନ୍ତକୋଇଲି ମଣ୍ଡଳ ବିଜେପି ପକ୍ଷରୁ ପ୍ରଶିକ୍ଷଣ ଶିବିର

ନିଶ୍ଚିନ୍ତକୋଇଲି,୧୬।୪(ସଂଚାର ବ୍ୟୁରୋ)ଃ ଦେଶର ସର୍ବ ବୃହତ ଦଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ୨୦୨୬ ସାରା ରାଜ୍ୟରେ ଅନୁଷ୍ଠିତ ହେଉଛି।ଦୀନଦୟାଲ ଉପାଧ୍ୟାୟ ଦେଇଯାଇଥିବା ଦିଗଦର୍ଶନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ପ୍ରତ୍ୟେକ ମଣ୍ଡଳ ସ୍ତରରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇ ରାଷ୍ଟ୍ର ହିତରେ କାର୍ଯ୍ୟ କରୁଥିବା ଭାରତୀୟଜନତା ପାର୍ଟି ର ନୀତି ଆଦର୍ଶ କୁ ଆପଣାଇ କେଉଁ ଭଳି ଭାବେ ତୃଣମୂଳ ସ୍ତରରୁ ସଂଘଠନ କୁ ମଜବୁତ କରାଯାଇପାରିବ ଏବଂ ଦଳ ଆହୁରି ମଜବୁତ୍ ହେବ ସେ ନେଇ ପ୍ରଶିକ୍ଷକ ମାନେ କହିଥିଲେ। ଏହି ପରିପେକ୍ଷୀରେ କଟକଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ମଣ୍ଡଳ ପକ୍ଷରୁ ବଜାର ସ୍ଥିତ ବନ୍ଧନ ମଣ୍ଡପରେ ଏକ ପ୍ରଶିକ୍ଷଣ ଶିବର ର ଅଯୋଜନ କରାଯାଇଥିଲା।

### କଟକ କଂଗ୍ରେସର ରଣ ହୁଙ୍କାର

# ସୋଫିଆ ଅନ୍ୟ ଦଳରୁ ନିର୍ବାଚନ ଲଢ଼ି ଜିତନ୍ତୁ




କଟକ, ୧୬।୪ (ସଂଚାର ବ୍ୟୁରୋ): ବାରବାଟୀର ନିଲମ୍ବିତ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ ସଦ୍ୟ ଆତ୍ମପ୍ରକାଶ କରିଥିବା 'ଓଡିଶା ଜନତା କଂଗ୍ରେସ' ଦଳର ଦଳୀୟ ସମାବେଶ ମଞ୍ଚକୁ ଯାଇ ଭାଷଣ ଦେବା ଘଟଣାକୁ ନେଇ ଏବେ କଂଗ୍ରେସ ଦଳରେ ବିତର୍କ ଜୋର ଧରିଛି। ସୋଫିଆଙ୍କ ଏହି କାର୍ଯ୍ୟ ସାମ୍ବିଧାନିକ ନିୟମର ଉଲ୍ଲଂଘନ କରିବା ସହିତ ଦଳୀୟ ଆଚରଣବିଧିକୁ ବିରୋଧ କରୁଛି ବୋଲି କଂଗ୍ରେସ ଭବନରେ ପିସିସି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କହିଛନ୍ତି, ନିଲମ୍ବିତ ବିଧାୟିକା ଅନ୍ୟ ଦଳକୁ ଯାଇ ଭାଷଣ ଦେବା କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି। କଟକ କଂଗ୍ରେସ ପକ୍ଷରୁ ତାଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ତାଙ୍କର ଏତାଦୃଶ କାର୍ଯ୍ୟକଳାପ କଂଗ୍ରେସ ଦଳୀୟ ନିୟମ ଭଙ୍ଗ କରିଛି। ନିର୍ବାଚିତ ପ୍ରତିନିଧି ଆଚରଣବିଧିର ଦଶମ ପରିଚ୍ଛେଦ ନିୟମାନୁଯାୟୀ ତାଙ୍କର ସଭ୍ୟପଦ ରଦ୍ଦ କରାଯାଉ। ନହେଲେ ସୋଫିଆ ନିଜେ ଇସ୍ତଫା ଦିଅନ୍ତୁ। ଯଦି ତାଙ୍କର ସାହସ ତା'ହେଲେ ସେ ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳରୁ ନିର୍ବାଚନ ଲଢ଼ି ନିଜ ସାହସିକତା ପ୍ରଦର୍ଶନ କରନ୍ତୁ ବୋଲି ସେ କହିଛନ୍ତି।

ପୂର୍ବତନ ପିସିସି ସମ୍ପାଦକ ବିଶ୍ୱଜିତ ଦାସ କହିଛନ୍ତି, ମୋକିମବାବୁ ବିରୋଧୀଦଳର ପ୍ରାର୍ଥୀଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇଥିବା ବେଳେ କଂଗ୍ରେସ ଦଳ ତାଙ୍କ ବଦଳରେ ତାଙ୍କ ଝିଅକୁ ବିଧାୟିକା କରିଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆଶା ଥିଲା, ସୋଫିଆ କଂଗ୍ରେସର ନେତୃତ୍ୱ ନେବେ। କିନ୍ତୁ ସେ ନିଜ ବାପାଙ୍କ ପଥ ଅନୁସରଣ କରି ବିଶୃଙ୍ଖଳିତ ଆଚରଣ ପାଇଁ ଦଳରୁ ନିଲମ୍ବିତ ହେଲେ। ତେଣୁ ତାଙ୍କର ଇସ୍ତଫା ଦେବା ସମସ୍ତଙ୍କ ପାଇଁ ଶୁଭଙ୍କର ହେବ। ଯଦି ବିଧାୟିକଙ୍କ ସତ୍‌ସାହସ ଅଛି ତେବେ ସେ ଓଜେସି କିମ୍ବା ବିଜେପି ଟିକେଟରେ ଲଢ଼ନ୍ତୁ ଓ ନିର୍ବାଚନ ଜିତି ଦେଖାନ୍ତୁ ବୋଲି ଉପସ୍ଥିତ କର୍ପୋରେଟର ଓ ମୁଖପାତ୍ର ମତ ରଖିଥିଲେ। ଖୁବଶୀଘ୍ର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହିତ ଏ ବିଷୟରେ ଆଲୋଚନା ପରେ ଦଳ ମାନନୀୟା ବାଚସ୍ପତିଙ୍କ ନିକଟରେ ଏକ ଅଭିଯୋଗ ପତ୍ର ଦାଖଲ କରିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

### ଭୁବନେଶ୍ୱରରେ ତେଲଙ୍ଗାନା ଟିମ୍

# ଏସଆଇଆର ମ୍ୟାପିଙ୍ଗ ମଡେଲର ଅଧ୍ୟୟନ

- ମ୍ୟାପିଙ୍ଗ କ୍ଷେତ୍ରରେ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ
- ରାଜ୍ୟରେ ସରିଲାଣି ୯୫.୭୯ ପ୍ରତିଶତ ଏସଆଇଆର ମ୍ୟାପିଙ୍ଗ



ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ): ନିର୍ବାଚନ ପରିଚାଳନା କ୍ଷେତ୍ରରେ ଓଡ଼ିଶା ହାସଲ କରିଥିବା ସଫଳତା ଓ ପ୍ରଶଂସନୀୟ ମ୍ୟାପିଙ୍ଗ୍ କାର୍ଯ୍ୟର ଅନୁଧ୍ୟାନ ପାଇଁ ତେଲଙ୍ଗାନାରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତରେ ଆସିଛି। ଏହି ଦୁଇ ରାଜ୍ୟର ଅଧିକାରୀମାନେ ଓଡ଼ିଶାର ନିର୍ବାଚନୀ ମ୍ୟାପିଙ୍ଗ୍ ବ୍ୟବସ୍ଥାକୁ ତର୍ଜମା କରିବା ସହ ଏହାକୁ ନିଜ ରାଜ୍ୟରେ କିପରି ପ୍ରୟୋଗ କରାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ଗସ୍ତ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ ଓଡ଼ିଶାରେ ହେଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ମ୍ୟାପିଙ୍ଗ୍‌ର କିପରି କାର୍ଯ୍ୟାନ୍ୱୟନ କରାଯାଉଛି, ସେନେଇ ତେଲଙ୍ଗାନା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଅଧିକାରୀ ଦଳ ସହ ବୈଠକରେ ଆଲୋଚନା କରିଛନ୍ତି। ତେଲଙ୍ଗାନାର ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଏମ. ସତ୍ୟବାଣୀ, ବି. ହରି ସିଂହ, ଟି.ପଦ୍ମାବତୀ, ଅତିରିକ୍ତ ଜିଲ୍ଲାପାଳ ଡି. ବିଜୟେନ୍ଦ୍ର ରେଡ୍ଡୀ ବୈଠକରେ ଉପସ୍ଥିତ ଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍ ଗତକାଲି ଓ ଆଜି ହୋଇଥିବା କ୍ଷେତ୍ରସ୍ତରୀୟ ଏସଆଇଆର ମ୍ୟାପିଙ୍ଗ୍ ପ୍ରକ୍ରିୟାକୁ ନିକଟରୁ ପର୍ଯ୍ୟବେକ୍ଷଣ କରିଛନ୍ତି। ଏହି ଗସ୍ତ କାର୍ଯ୍ୟକ୍ରମରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଭୂମିକାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କ୍ଷେତ୍ର ସ୍ତରରେ ଏସଆଇଆର ମ୍ୟାପିଙ୍ଗ୍ କାର୍ଯ୍ୟରେ ନିୟୋଜିତ ଥିବା ବିଏଲଓମାନଙ୍କ ସହ ଅଧିକାରୀମାନେ ସିଧାସଳଖ ଆଲୋଚନା କରିବେ ଏବଂ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ସମ୍ପର୍କରେ ମତ ବିନିମୟ କରିବେ।

ନିର୍ବାଚନ କ୍ଷେତ୍ରରେ ଓଡ଼ିଶାର ଏହି ଅଭିନବ ପ୍ରୟାସକୁ ଅନ୍ୟ ରାଜ୍ୟଗୁଡ଼ିକ ପ୍ରଶଂସା କରିଥିବା ଜଣାପଡ଼ିଛି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଅନାମିକା ସିଂ ଏବଂ ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ଡଃ ମନୋରଞ୍ଜନ ସାହୁ , ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଭୁବନେଶ୍ୱର ଉପଜିଲ୍ଲାପାଳ ମନ୍ମଥ କୁମାର ନାୟକ, ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଜୋନାଲ ଡେପୁଟି କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

### ■ କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

## ଅନୁସୂଚିତ ଜାତି ଆୟୋଗଙ୍କ ହସ୍ତକ୍ଷେପ ଦାବି କଲା ବିଜେଡି



ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ରୂପାଲୀ ବେସ୍ରାଙ୍କ ଦୁଃଖଦ ମୃତ୍ୟୁ ଘଟିବା ଏବଂ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାରେ ବିଜୁ ଜନତା ଦଳ ଗଭୀର ଦୁଃଖପ୍ରକାଶ କରିଛି। ଏଥିସହ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଘଟଣା ଅନୁଯାୟୀ, ଏପ୍ରିଲ ୧୨ ତାରିଖରେ କାକବନ୍ଧ ଆଶ୍ରମ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବାସି ଖାଦ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା, ଯାହା ଖାଦ୍ୟ ସୁରକ୍ଷା ମାନଦଣ୍ଡର ଗୁରୁତର ଉଲ୍ଲଙ୍ଘନ ଓ ପ୍ରଶାସନର ଚରମ ଅବହେଳାକୁ ପ୍ରକାଶ କରିଛି। ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଚାଲୁଥିବା ଏହି ଆବାସିକ ସଂସ୍ଥାନରେ ନିର୍ଦ୍ଧାରିତ ପୋଷଣ ମାନଦଣ୍ଡ ଅନୁଯାୟୀ ତାଜା ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବାକୁ ପ୍ରାବଧାନ ରହିଛି। କିନ୍ତୁ ବଳକା ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯାଇ ଥିବାରୁ ଏପରି ଗୁରୁତର ଅସୁସ୍ଥତା ସୃଷ୍ଟି ହୋଇଛି। ଏହି ଖାଦ୍ୟ ଖାଇ କୁମାରୀ ରୂପାଲୀ ବେସ୍ରା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ବେଳେ, ଅନ୍ୟାନ୍ୟ ଅସୁସ୍ଥ ଛାତ୍ରଛାତ୍ରୀ ଏବେ ବିଭିନ୍ନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଏବଂ ମୃତକଙ୍କ ପରିବାରର କୌଣସି ସଦସ୍ୟଙ୍କୁ ଚାକିରି ଦେବାକୁ ବିଜେଡି ଦାବି କରିଛି। ସେହିପରି, ସମସ୍ତ ଆଶ୍ରମ ସ୍କୁଲରେ ଖାଦ୍ୟ ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଚିକିତ୍ସା ଓ ପୁନର୍ବାସନ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହାସହିତ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷ ମୟୂରଭଞ୍ଜ ଜିଲ୍ଲାକୁ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିବାକୁ ଦଳ ଅନୁରୋଧ କରିଛି।

## ବାରବାଟୀ ଫୁଡକୋର୍ଟରେ ଆବଣ୍ଟିତ ହେବ ୩୮ ଦୋକାନଘର

- ୨୪ ତାରିଖ ସୁଦ୍ଧା ଆବେଦନ ଆହ୍ୱାନ



କଟକ, ୧୬।୪ (ସଂଚାର ବ୍ୟୁରୋ):କଟକ ମହାନଗର ନିଗମ ପକ୍ଷରୁ ବାରବାଟୀ ଷ୍ଟାଡିୟମ ନିକଟରେ ବାରବାଟୀ ଫୁଡକୋର୍ଟ ସ୍ଥାପନା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଫୁଡକୋର୍ଟରେ ୨ଟି କ୍ୟାଟେଗୋରୀରେ ୩୮ଟି ଦୋକାନ ଘର ଆବଣ୍ଟନ ପାଇଁ ସିଏମସି ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆସନ୍ତା ଏପ୍ରିଲ ୨୪ ତାରିଖ ଅପରାହ୍ଣ ୫ଟା ସୁଦ୍ଧା ଏଥିପାଇଁ ଆଗ୍ରହୀ ବ୍ୟବସାୟୀ କିମ୍ବା ସଂସ୍ଥା ଆବେଦନ କରିପାରିବେ। ବାରବାଟୀ ଫୁଡ୍ କୋର୍ଟ ପରିସରରେ କ୍ୟାଟେଗୋରୀ ଏ'ରେ ୨ଟି ବଡ଼ ଦୋକାନ ଘର ରହିଛି। ଏଥିରେ ଫ୍ରି ଫାବ୍ ସହ ଟେରାସ ରହିଛି। ୫୧୬ ସ୍କୋୟାରଫୁଟର ଏହି ସ୍ଥାନର ଭଡ଼ା ମାସିକ ୨୬ ହଜାର ୪୦୦ ଟଙ୍କା ରଖାଯାଇଛି। ବଡ଼ ଦୋକାନ ପାଇଁ କିଛି ସର୍ତ୍ତ ମଧ୍ୟ ରହିଛି। କ୍ୱିକ୍ ସର୍ଭିସରେ ୭ ବର୍ଷର ଅଭିଜ୍ଞତା ସହିତ ଗତ ୩ ବର୍ଷରେ ଆୟକର ଦାଖଲ ଏବଂ ବାର୍ଷିକ ୧୨ ଲକ୍ଷ ଟଙ୍କାର କାରବାରର ରେକର୍ଡ ଥିବା ଆଗ୍ରହୀ ବ୍ୟକ୍ତି କିମ୍ବା ସଂସ୍ଥା ଏଥିପାଇଁ ଆବେଦନ କରିପାରିବେ। ଏହାସହ ସେମାନେ ଆଧାର କାର୍ଡ, ପାନ୍ କାର୍ଡ ଏବଂ ଜିଏସଟିର ବୈଧ ନମ୍ବର ସହିତ ଫୁଡ୍ ଲାଇସେନ୍ସ ଏବଂ ଟ୍ରେଡ୍ ଲାଇସେନ୍ସ ରଖିଥିବା ଆବଶ୍ୟକ। ଏହାସହ ଆଉ ୩୬ଟି ଦୋକାନ ଘର ମଧ୍ୟ ଏହି ଫୁଡ କୋର୍ଟ ପରିସରରେ ରହିଛି ଯାହା କଂକ୍ରିଟ୍ ଷ୍ଟ୍ରକଚରରେ ତିଆରି। ଏସବୁର ମଧ୍ୟ ଆବଣ୍ଟନ କରାଯିବ। ଜଣେ ବ୍ୟକ୍ତି ବା ସଂସ୍ଥା କେବଳ ଗୋଟିଏ ଦୋକାନ ଘର ପାଇଁ ଆବେଦନ କରିପାରିବେ। ଏକାଧିକ ଦୋକାନ ଘର ପାଇଁ ଆବେଦନ ବି ଗୋଟିଏ ଘର ପ୍ରଦାନ କରାଯିବ। ଏ ସବୁ ଦୋକାନ ଘରର ମାସିକ ଭଡ଼ା ୬ ହଜାର ୬ ଶହ ଟଙ୍କା ରଖାଯାଇଛି। ସିଏମସି ପକ୍ଷରୁ ୩ ବର୍ଷିଆ ଲାଇସେନ୍ସ ଆକାରରେ ଏସବୁ ଦୋକାନ ଘର ପ୍ରଦାନ କରାଯିବ। ଆଗ୍ରହୀ ବ୍ୟକ୍ତି କିମ୍ବା ସଂସ୍ଥା ସିଏମସି ଓ୍ୱେବ ସାଇଟକୁ ଯାଇ ଆବେଦନ ଫର୍ମ ଓ ଅନ୍ୟାନ୍ୟା ସବିଶେଷ ବିବରଣୀ ପାଇପାରିବେ। ଏହାକୁ ସ୍ପିଡ ପୋଷ୍ଟ, ରେଜିଷ୍ଟର ପୋଷ୍ଟ, ଇଣ୍ଡିଆ ପୋଷ୍ଟ କିମ୍ବା କୋରିଅରରେ କଟକ ମହାନଗର ନିଗମର ଆୟୁକ୍ତଙ୍କ ଚୌଧୁରୀବଜାରସ୍ଥିତ ବିଜୁ ଭବନ କାର୍ଯ୍ୟାଳୟକୁ ପଠାଇପାରିବେ।

## ଗଞ୍ଜେଇ ଧରିବାକୁ ଯାଇ ହଟହଟା ହେଲା ଗଜପତି ପୁଲିସ୍

ମୋହନା, ୧୬।୪ (ସଂଚାର ବ୍ୟୁରୋ): ଗଞ୍ଜେଇ ଜବତ କରିବାକୁ ଯାଇ ପୋଲିସକୁ ହଟହଟା ହେବାକୁ ପଡ଼ିଛି। ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ମହାପଦର ଓ ଗୁଡ୍ରୀପଙ୍କା ଗାଁରେ ଏହି ଘଟଣା ଘଟିଛି। ଗଞ୍ଜେଇ କାରବାର ହେଉଥିବା ଖବର ପୁଲିସ ଚଢ଼ଉ କରିବାକୁ ଯାଇଥିଲା। ମାତ୍ର ଗାଁଲୋକେ ୮ରୁ ୯ ଜଣ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ସେମାନଙ୍କୁ ଘଣ୍ଟାଘଣ୍ଟା ଧରି ବନ୍ଦି କରି ଦୀର୍ଘ ଘଣ୍ଟା ପରେ ପୁଲିସ ଫୋର୍ସ ମୁତୟନ ପରେ ପୁଲିସ କର୍ମଚାରୀଙ୍କୁ ଗାଁ ଲୋକେ ଛାଡିଥିଲେ। ଗୁରୁବାର ସକାଳେ ଏସଡ଼ିପିଓ ରାକେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗାଁରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ଏକକାଳୀନ ଚଢ଼ାଉ କରି ପାଖାପାଖି ୧୩ ଜଣଙ୍କୁ ଗିରଫ କରିଛି।

### ● ପୂର୍ବତଟ ରେଳପଥ ଜୋନ୍‌କୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର

# ଓଡ଼ିଶାର ହକ ପାଇଁ ୧୧ ବିରୋଧୀ ଦଳର ମିଳିତ ଗଣଧାରଣା




ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ): ୱାଲଟିୟର ରେଳ ଡିଭିଜନକୁ ପୂର୍ବତଟ ରେଳପଥ ଜୋନ୍‌କୁ ତୁରନ୍ତ ଫେରାଇ ଆଣିବା, ପାଲାସା- ଇଚ୍ଛାପୁରମ ରେଳ ଅଞ୍ଚଳ ସ୍ଥାନାନ୍ତରଣ ନିଷ୍ପତ୍ତି ବାତିଲ କରିବା, ଓଡ଼ିଶା ଭୂଖଣ୍ଡ ମଧ୍ୟରେ ଯାଇଥିବା ସମସ୍ତ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଅଧୀନକୁ ଆଣିବା, ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ରେଳ ଲାଇନ୍‌ଗୁଡ଼ିକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରିବା, ରେଳ ରାଜସ୍ୱ, ନିଯୁକ୍ତି ଓ ଭିତ୍ତିଭୂମି ଉନ୍ନତିରେ ଓଡ଼ିଶାକୁ ତା'ର ହକ୍ ଦାବିରେ ଆଜି ମିଳିତ ବିରୋଧୀ ଦଳ ପକ୍ଷରୁ ପୂର୍ବତଟ ରେଳବାଇ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଧାରଣ ମହାପ୍ରବନ୍ଧକଙ୍କ ଜରିଆରେ ୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି ଧାରଣାରେ ୧୧ଟି ରାଜନୈତିକ ଦଳର ରାଜ୍ୟ ନେତୃବୃନ୍ଦ ଯୋଗଦେଇ ରେଳବାଇରେ ଓଡ଼ିଶା ପ୍ରତି କରାଯାଉଥିବା ଅବହେଳାକୁ ନେଇ କେନ୍ଦ୍ର ଉପରେ ବର୍ଷିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ପୂର୍ବତଟ ରେଳବାଇକୁ ପଙ୍ଗୁ କରିଦେବାକୁ ଯୋଜନାବଦ୍ଧ ଚକ୍ରାନ୍ତ କରାଯାଉଛି। ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ନିକଟରେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସମ୍ପର୍କିତ ଦାବିକୁ ଉପସ୍ଥାପନ କରୁନାହାଁନ୍ତି। ଡବଲ ଇଞ୍ଜିନ ସରକାର ଆସିବା ପରେ ରେଳବାଇରେ ଓଡ଼ିଶା ଲାଭାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଓଡ଼ିଶାକୁ ଲାଭ ମିଳିବା ପରିବର୍ତ୍ତେ ରାଜନୈତିକ ଦୃଷ୍ଟିରୁ ଆନ୍ଧ୍ରକୁ ଖୁସି କରିବାକୁ ପୂର୍ବତଟ ରେଳବାଇକୁ ଜାଣିଶୁଣି ସଙ୍କୁଚିତ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ଆଜିର ଗଣଧାରଣାରେ କଂଗ୍ରେସର ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ବିଜେଡିର ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସିପିଆଇ ବରିଷ୍ଠ ନେତା ଡଃ ପ୍ରଶାନ୍ତ କୁମାର ମିଶ୍ର, ଜୟନ୍ତ ଦାସ, ଏନ୍. ନାରାୟଣ ରେଡ୍ଡୀ, ସିପିଆଇ(ଏମ)ର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଅଳିକିଶୋର ପଟ୍ଟନାୟକ ପ୍ରମୁଖ ବାରିଷ୍ଠ ରାଜ୍ୟ ନେତୃବୃନ୍ଦ ରେଳବାଇରେ ରାଜ୍ୟକୁ ଉପେକ୍ଷାକୁ ନିନ୍ଦା କରିଥିଲେ।

# ଖାରବେଳନଗର ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶ୍ରୀମତୀ ଗର୍ଗ ଗତ ମାର୍ଚ୍ଚମାସରେ ବିଭିନ୍ନ ବିଭାଗରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଇଣ୍ଡିଆ ସ୍କିଲ୍ସ-୨୦୨୫-୨୬ ପ୍ରତିଯୋଗିତାରେ ଓଡ଼ିଶାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଦକ୍ଷତା ବିକାଶ ବିଭାଗକୁ ପ୍ରଶଂସା କରିଥିଲେ। ବୈଠକରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର 'ଗଣତି-ମଣତି' କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ସମ୍ପୃକ୍ତ ଅଧିକାରୀଙ୍କୁ ସାଧୁବାଦ ଜଣାଇଥିଲେ। ଏଥିସହ 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମରେ ବଜେଟ୍ ସମ୍ପର୍କିତ ସୂଚନାର ପ୍ରଚାରପ୍ରସାର ଓ ଏ ସମ୍ପର୍କରେ ଆଗକୁ କାର୍ଯ୍ୟକ୍ରମ ଜାରି ରହିବା ନେଇ ଆଲୋଚନା କରାଯାଇଥିଲା। ଅର୍ଥ ବିଭାଗ ତରଫରୁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଯୋଗଦେଇ ରାଜ୍ୟମାନଙ୍କୁ ପୁଞ୍ଜି ନିବେଶ ପାଇଁ ସହାୟତା ପ୍ରଦାନ କରୁଥିବା କେନ୍ଦ୍ରୀୟ ଅନୁଦାନର ଉପଯୋଗ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ପୂର୍ତ୍ତ ବିଭିଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପୂର୍ତ୍ତ ବିଭାଗର ୨୫ଟି ପ୍ରମୁଖ ପ୍ରକଳ୍ପ ଓ ପଦକ୍ଷେପ ବିଷୟ ଉପସ୍ଥାପନା କରିଥିଲେ। ବୈଠକରେ କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନ ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରତି ଜିଲ୍ଲାରେ ୨୫ଟି ଜିଲ୍ଲାସ୍ତରୀୟ ପ୍ରମୁଖ ପଦକ୍ଷେପ ପ୍ରସ୍ତୁତି ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ।

### ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷା

## ଡିଏଭି ୟୁନିଟ୍-୮ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା



ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ) : ଗତକାଲି ପ୍ରକାଶ ପାଇଥିବା ସିବିଏସ୍ଇ ଦଶମ ପରୀକ୍ଷାରେ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ଚଳିତ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ସମସ୍ତ ୨୬୫ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୬୧ ଜଣ ପ୍ରଥମ ଶ୍ରେଣୀ ଓ ବିଦ୍ୟାଳୟର ସାମୂହିକ ଆଭରେଜ୍ ୮୮.୧୯ ପ୍ରତିଶତ ରହିଛି। ୧୪୪ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଓ ୨୧୪ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସର୍ବୋଚ୍ଚ ୯୯.୪ (୪୯୭/୫୦୦) ପ୍ରତିଶତ ନମ୍ବର ରଖି ଅରୂପ କୁମାର ନାୟକ ଓ ଅସ୍ମାନ୍ ବେହେରା ଯୁଗ୍ମ ପ୍ରଥମ ସ୍ଥାନ ଲାଭ କରି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଆଦ୍ୟାନ୍ତ ପଟ୍ଟନାୟକ, ଅନନ୍ୟା ମେହେର, ଜିଗିସା ଦାସମହାପାତ୍ର, କିଷାନ କୁମାର ପଟ୍ଟନାୟକ ଓ ଶ୍ରଦ୍ଧା ମହାପାତ୍ର ୯୯ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ରୋହନ ରାଉତ, ଆଦିତ୍ୟ କୁମାର ଦାସ, ଆୟୁଷ୍ମାନ ସ୍ୱାଇଁ, ଦୀପଶିଖା ନନ୍ଦ, ନିତୁ ହରିଚନ୍ଦନ, ସାନ୍‌ଭି ସିଂ ଓ ସୁଦୀକ୍ଷା କର ୯୮.୮ ପ୍ରତିଶତ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସଂସ୍କୃତରେ ୨୫, ଗଣିତରେ ୧୭, ସାମାଜିକ ବିଜ୍ଞାନରେ ୧୩, ଓଡ଼ିଆରେ ୮, ବିଜ୍ଞାନରେ ୫, ଆଇଟିରେ ୩, ଇଂରାଜୀରେ ୨ ଓ ହିନ୍ଦୀରେ ଜଣେ ଛାତ୍ରଛାତ୍ରୀ ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି।

ବିଦ୍ୟାର୍ଥୀମାନଙ୍କର ଏହି ସଫଳତାରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ ତଥା ମ୍ୟାନେଜର ଡଃ କେସି ଶତପଥୀ ଓ ଅଧ୍ୟକ୍ଷା ଇପ୍‌ସିତା ଦାସ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସେମାନଙ୍କ ସହଯୋଗ ଓ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଚନ୍ଦ୍ରଶେଖରପୁର ଭିଇଏମ୍‌ଏସ୍‌ର ସଫଳତା

ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ଅର୍ଜନ କରିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୭୫ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ରକ୍ଷା କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଛାତ୍ରଛାତ୍ରୀ ୯୯% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସୂର୍ଯ୍ୟପ୍ରକାଶ ପତି, ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ଅଧ୍ୟକ୍ଷ ଜି. ରାମ କିଶୋର, ପ୍ରଶାସକ ହିମାଂଶୁ ଶେଖର ପତି, ଉପାଧ୍ୟକ୍ଷ ମହେଶ କୁମାର ମିଶ୍ର, ଦ୍ୱାଦଶ ଶ୍ରେଣୀର ଇନଚାର୍ଜ ସଞ୍ଜ ସମୀର ମହାପାତ୍ର, ମିନତି ରଥ, ବିନିତା ଦାସ, କଳ୍ପନା ସାହୁ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପୁଣିଥରେ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ୨୦୨୫-୨୬ ଶିକ୍ଷା ବର୍ଷରେ ଓଏଭି ସଂଗଠନରୁ ମୋଟ ୧୬,୯୬୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫,୯୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ଓଏଭିରେ ପାସ୍ ହାର ୯୪.୨୫ ପ୍ରତିଶତ ରହିଛି। ମୋଟ ୮ ଜଣ ଛାତ୍ର ୯୯ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ୧୫୯୮ ଜଣ ଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିପାରିଛନ୍ତି। ରାଜ୍ୟରେ ସର୍ବାଧିକ ନମ୍ବର ରଖିଛନ୍ତି ଓଏଭି, ପଥରଚେପା, ବଲାଙ୍ଗୀରର ଶ୍ରେୟାଂସ ନନ୍ଦ ଓ ଓଏଭି, ସତ୍ୟବାଦୀର ଆଶୀର୍ବାଦ ମିଶ୍ର। ଉଭୟ ୯୯.୬ ପ୍ରତିଶତ ଲେଖାଏଁ ମାର୍କ ରଖିବାରେ ସକ୍ଷମ ହୋଇଛନ୍ତି। ଏହାଛଡ଼ା ଓଏଭି, ପଥରଚେପାର ସୋନାକ୍ଷୀ ପାଢ଼ୀ ୯୯.୪ ପ୍ରତିଶତ ଓ ପ୍ରୟାଗ ନାୟକ ୯୯.୨ ପ୍ରତିଶତ ଏବଂ ଓଏଭି, ସୋରଡ଼ାର ଅଂଶୁମାନ ପଣ୍ଡା ୯୯.୨ ପ୍ରତିଶତ ନମ୍ବର ରଖି ସଫଳତା ପାଇଛନ୍ତି। ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।





# ମହିଳା ସଂରକ୍ଷଣ, ଆସନ ହରାଇବେ ବହୁ ନେତା



ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ) : ୨୦୨୯ ସାଧାରଣ ନିର୍ବାଚନରେ ଓଡିଶାର କେଉଁ ଲୋକସଭା ଓ ବିଧାନସଭା ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ତାହା ସୀମା ପୁନଃ ନିର୍ଦ୍ଧାରଣ କମିଶନଙ୍କ ସୁପାରିଶ୍ ଆଧାରରେ ସ୍ଥିର ହେବାକୁ ଥିବାବେଳେ ରାଜ୍ୟର ବହୁ ରାଜନେତା କିନ୍ତୁ ଆସନ ହରାଇବା ଭୟରେ ଆତଙ୍କିତ।

୨୦୨୩ରେ ମହିଳାମାନଙ୍କ ଲାଗି ଏକ ତୃତୀୟାଂଶ ଆସନ ସଂରକ୍ଷଣ ଲାଗି ଯେଉଁ ଆଇନ୍ ପ୍ରଣିତ ହୋଇଛି ତାହାକୁ ୨୦୨୪ ନିର୍ବାଚନରେ ଲାଗୁ କରାଯାଇନଥିଲା। ୨୦୨୯ ସାଧାରଣ ନିର୍ବାଚନରେ ଏହା ଲାଗୁ ହେବାର ସମ୍ଭାବନା ଥିବାରୁ ୨୦୧୧ ଜନଗଣନାକୁ ଏ ପ୍ରସଙ୍ଗରେ ଆଧାର କରାଯିବ। ତେବେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ଆଖିଆଗରେ ରଖି କେନ୍ଦ୍ର ସରକାର ଲୋକସଭା ଆସନ ସଂଖ୍ୟା ୮୫୦ ପର୍ଯ୍ୟନ୍ତ ବଢ଼ାଇବାକୁ ସଂସଦରେ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଣିଛନ୍ତି। ଲୋକସଭା ପାଇଁ ମହିଳାଙ୍କ ଆସନ ସଂରକ୍ଷଣ ଲାଗୁ ହେବା ସହିତ ରାଜ୍ୟ ବିଧାନସଭାଗୁଡ଼ିକରେ ବି ଏହାର ପ୍ରଭାବ ପଡିବାକୁ ଯାଉଛି।

ଦେଶ ଜନସଂଖ୍ୟାର ପାଖପାଖି ଅଧା ମହିଳା ଥିବାବେଳେ ଏବେ ଲୋକସଭାରେ ଅଛନ୍ତି ମାତ୍ର ୭୪ଜଣ ମହିଳା ସାଂସଦ ଯାହାକି ସାଂସଦ ସଂଖ୍ୟାର ମାତ୍ର ୧୩.୬ ପ୍ରତିଶତ। ରାଜ୍ୟ ବିଧାନସଭାଗୁଡିକରେ ବି ମହିଳମାନଙ୍କ ପ୍ରତିନିଧିତ୍ୱ କୌଣସି ଗୋଟିଏ ହେଲେ ରାଜ୍ୟରେ ୨୫ ପ୍ରତିଶତରୁ ଅଧିକ ନାହିଁ। ପୁରୁଷ ପ୍ରାଧାନ୍ୟ ମାନସିକତା ଯୋଗୁଁ ଅଧିକାଂଶ ରାଜନୈତିକଦଳ ଜିଣିବାର ସମ୍ଭାବନାକୁ ଆଖିଆଗରେ ରଖି ଖୁବ୍ କମ୍ ଆସନରେ ମହିଳା ପ୍ରାର୍ଥୀ ଛିଡା କରାଉଥିବାରୁ ସେମାନଙ୍କ ପ୍ରତିନିଧିତ୍ୱ ବି କମ୍ ରହୁଛି।

ଓଡ଼ିଶାରେ ଏବେ ୨୧ଟି ଲୋକସଭା ଆସନ ଥିବାବେଳେ ଏହି ସଂଖ୍ୟା ୨୯ ପର୍ଯ୍ୟନ୍ତ ବଢ଼ିପାରେ। ସେହିଭଳି ପୂର୍ବରୁ ଦିଆଯାଇଥିବା ସୂଚନା ମୁତାବକ ଓଡିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭ରୁ ପାଖପାଖି ୨୦୦ ପର୍ଯ୍ୟନ୍ତ ବଢ଼ାଯିବାର ସମ୍ଭାବନା ରହିଛି। ତେଣୁ ନୂଆ ବିଧାନସଭା ଗୃହ ନିର୍ମାଣ ଲାଗି ବି ଘୋଷଣା କରାଯାଇଛି। ବିଭିନ୍ନ ଦଳର ରାଜନେତାମାନେ ଆଶଙ୍କା କରୁଛନ୍ତି ଯେ ଆଗାମୀ ନିର୍ବାଚନରେ ମହିଳା ସଂରକ୍ଷଣ ଆଳରେ ସେମାନଙ୍କ ଦଳୀୟ ଟିକଟ କଟିପାରେ। ଏହି ଦୃଷ୍ଟିରୁ ନିଜର ରାଜନୈତିକ ଭବିଷ୍ୟତ ଲାଗି କେତେକ ନେତା ସେମାନଙ୍କ ପତ୍ନୀ ଓ ଅନ୍ୟ ସମ୍ପର୍କୀୟାମାନଙ୍କୁ ଟିକଟ ଦିଆଇବା ମତଲବରେ ଅଛନ୍ତି। ଏ ପରିପ୍ରେକ୍ଷୀରେ ଆଗାମୀ ସାଧାରଣ ନିର୍ବାଚନବେଳେ ବ୍ୟାପକ ଦଳ ବଦଳ ସମ୍ଭାବନାକୁ ବି ଏଡ଼ାଇ ଦେଇହେବ ନାହିଁ।

ଅତୀତରେ ପୌର ଓ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଥିଲା। ଏବେ ଓଡ଼ିଶାରେ ତାହା ୫୦ ପ୍ରତିଶତକୁ ବଢ଼ିଛି। ଏ କ୍ଷେତ୍ରରେ ସଂରକ୍ଷିତ ଆସନ ବାରମ୍ବାର ବଦଳୁଛି। ଏମିତିକି କୌଣସି ନିର୍ଦ୍ଦିଷ୍ଟ ସ୍ଥାନୀୟ ନେତାଙ୍କୁ ନିର୍ବାଚନରୁ ଦୂରେଇ ରଖିବାପାଇଁ ସେମାନଙ୍କ ଆସନକୁ ବି ସଂରକ୍ଷିତ ଘୋଷଣା କରାଯିବାର ବହୁ ନଜିର ରହିଛି। ଏଭଳି ସ୍ଥଳରେ ଅନେକ ଚତୁର ବ୍ୟକ୍ତି ନିଜ ପତ୍ନୀ କିମ୍ବା ଅନ୍ୟ ସମ୍ପର୍କୀୟାଙ୍କୁ ପୌର ଓ ପଞ୍ଚାୟତ ନିର୍ବାଚନରେ ମହିଳା ସଂରକ୍ଷଣ ଆଳରେ ପ୍ରାର୍ଥୀ କରାଇ ବସ୍ତୁତଃ ନିଜ ହାତରେ କ୍ଷମତା ରଖିଛନ୍ତି।

ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ଲାଗୁ ହେବାକୁ ଯାଉଥିବା ମହିଳା ସଂରକ୍ଷଣ ପ୍ରତି ନିର୍ବାଚନରେ ନିର୍ବାଚନମଣ୍ଡଳୀଓ୍ୱାରୀ ବଦଳିବ ନା ଦୀର୍ଘଦିନ ପାଇଁ ସ୍ଥାୟୀଭାବେ ରହିବ ସେ ସଂକ୍ରାନ୍ତରେ ଏଯାବତ୍ ଚିତ୍ର ସ୍ପଷ୍ଟ ହୋଇନଥିଲେ ମଧ୍ୟ ଆଶା ଓ ଆଶଙ୍କା ଭିତରେ ବହୁ ନେତାଙ୍କ ଛାତି ଧଡପଡ ହେଉଛି। ଉଭୟ ସରକାରୀ ଓ ବିରୋଧୀ ଦଳର ବହୁ ନେତା ଏହା ସ୍ୱୀକାର କରୁଥିଲେ ମଧ୍ୟ ପ୍ରକାଶ କରିବାକୁ ଡରୁଛନ୍ତି। (ତଥ୍ୟ)

# ମହିଳା ସଂରକ୍ଷଣ: ଏକ ଐତିହାସିକ ନିଷ୍ପତ୍ତି

ଭାରତୀୟ ଲୋକତନ୍ତ୍ରର ଇତିହାସରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେଉଛି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା। ୨୦୨୩ ମସିହାରେ ପାର୍ଲିଆମେଣ୍ଟ ଦ୍ୱାରା ପାରିତ 'ନାରୀ ଶକ୍ତି ବନ୍ଦନ ଆଧିନିୟମ' ଏବଂ ଏହାର ସମ୍ପ୍ରତି ସଂଶୋଧନ ପ୍ରକ୍ରିୟା ଦେଶର ରାଜନୈତିକ



କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବାର ଏକ ବିରାଟ ପଦକ୍ଷେପ। ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରଖିବା କେବଳ ଏକ ଆଇନ ନୁହେଁ, ବରଂ ସମାନତା, ନ୍ୟାୟ ଓ ସମାବେଶୀ ଲୋକତନ୍ତ୍ରର ଏକ ସ୍ୱପ୍ନର ସାକାର ରୂପ। ଏହା ଦେଶର ଅଧେକ ଜନସଂଖ୍ୟାକୁ ରାଜନୈତିକ ମୁଖ୍ୟସ୍ରୋତରେ ଆଣିବାର ଏକ ଐତିହାସିକ ନିଷ୍ପତ୍ତି ବୋଲି କହିଲେ ଅତ୍ୟୋକ୍ତି ହେବ ନାହିଁ।

ଏହି ନିଷ୍ପତ୍ତିର ମୂଳ ଇତିହାସ ବହୁ ପୁରୁଣା। ସ୍ୱାଧୀନତା ପରଠାରୁ ମହିଳା ସଶକ୍ତିକରଣ ଦିଗରେ ଅନେକ ପ୍ରୟାସ ହୋଇଛି। କିନ୍ତୁ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ କମ୍ ରହିଆସିଛି। ବର୍ତ୍ତମାନ ଲୋକସଭାରେ ମହିଳା ସଦସ୍ୟାଙ୍କ ସଂଖ୍ୟା ମାତ୍ର ୧୪ ପ୍ରତିଶତ ପ୍ରାୟ। ଏହା ଦେଶର ସମଗ୍ର ଜନସଂଖ୍ୟାର ପ୍ରତିଫଳନ ନୁହେଁ। ଓଡ଼ିଶାର ପ୍ରସଙ୍ଗ ଏଠାରେ ଉଲ୍ଲେଖନୀୟ। ୧୯୯୨ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପଞ୍ଚାୟତିରାଜ ଓ ପୌର ସଂସ୍ଥାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଥମ କରାଯାଇଥିଲା। ଏହା ଦେଶକୁ ଏକ ନୂଆ ଦିଗ ଦେଇଥିଲା। ଆଜି ସେହି ମହିଳା ନେତ୍ରୀମାନେ ରାଜ୍ୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। କେନ୍ଦ୍ରୀୟ ସ୍ତରରେ ଏହି ବ୍ୟବସ୍ଥା ଲାଗୁ ହେବା ସହିତ ଓଡ଼ିଶାର ମହିଳାମାନଙ୍କ ପାଇଁ ନୂଆ ଦ୍ୱାର ଖୋଲିବ।

ଏହି ସଂରକ୍ଷଣର ମହତ୍ତ୍ୱ କେବଳ ଆସନ ସଂଖ୍ୟାରେ ସୀମିତ ନୁହେଁ। ମହିଳାଙ୍କ ସ୍ୱର ରାଜନୈତିକ ନିଷ୍ପତ୍ତି ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ହେବ। ମହିଳା ସମ୍ପର୍କୀୟ ସମସ୍ୟା ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା, ନିରାପତ୍ତା ଓ କର୍ମସଂସ୍ଥାନ ସୃଷ୍ଟି ଉପରେ ଅଧିକ ଧ୍ୟାନ ଦିଆଯିବ। ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମହିଳା ପ୍ରତିନିଧିତ୍ୱ ଥିବା ପଞ୍ଚାୟତଗୁଡ଼ିକରେ ପାଣି, ରାସ୍ତା ଓ ସ୍ୱାସ୍ଥ୍ୟ ସେବା ଉନ୍ନତି ହୋଇଛି। ଏହି ବ୍ୟବସ୍ଥା ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ। ଏହା ପୁରୁଷ କେନ୍ଦ୍ରିକ ମନୋବୃତ୍ତିକୁ ଭାଙ୍ଗି ମହିଳାଙ୍କୁ ନିଜର ଭାଗ୍ୟ ନିର୍ମାଣକାରୀ କରିବ। ବିଶ୍ୱର ଅନେକ ଦେଶରେ ମହିଳା ସଂରକ୍ଷଣ ବ୍ୟବସ୍ଥା ସଫଳ ହୋଇଛି। ଭାରତ ଏଥିରେ ପଛରେ ପଡ଼ି ରହିବା ଉଚିତ ନୁହେଁ।

ତଥାପି ଏହି ନିଷ୍ପତ୍ତିର କିଛି ଚ୍ୟାଲେଞ୍ଜ ଅଛି। ସୀମା ପୁନର୍ନିର୍ଦ୍ଧାରଣ (ଡିଲିମିଟେସନ୍) ଓ ଜନଗଣନା ପରେ ଲାଗୁ ହେବାର ପ୍ରକ୍ରିୟା କିଛି ବିଳମ୍ବ ସୃଷ୍ଟି କରିପାରେ। କିନ୍ତୁ ସରକାରୀ ପ୍ରୟାସରେ ଏହାକୁ ୨୦୨୯ ନିର୍ବାଚନ ପାଇଁ ପ୍ରସ୍ତୁତ କରାଯାଉଛି। ରାଜନୈତିକ ଦଳଗୁଡ଼ିକ ମଧ୍ୟ ମହିଳା ପ୍ରାର୍ଥୀ ନିର୍ବାଚନ ଓ ତାଙ୍କର ପ୍ରଶିକ୍ଷଣ ଉପରେ ଧ୍ୟାନ ଦେବା ଦରକାର। ଏହା କେବଳ ସଂରକ୍ଷଣ ନୁହେଁ, ବରଂ ଯୋଗ୍ୟତା ଓ ନେତୃତ୍ୱ ବିକାଶର ଏକ ପ୍ରକ୍ରିୟା ହେବା ଉଚିତ।

ଶେଷକଥା, ୩୩ ପ୍ରତିଶତ ମହିଳା ସଂରକ୍ଷଣ ଭାରତକୁ ଏକ ନୂଆ ଦିଗ ଦେବ। ଏହା 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବ। ମହିଳାଙ୍କ ସଶକ୍ତିକରଣ ବିନା ଦେଶର ପ୍ରଗତି ଅସମ୍ପୂର୍ଣ୍ଣ। ଏହି ଐତିହାସିକ ନିଷ୍ପତ୍ତି ପ୍ରତିଟି ଯୁବତୀ, ମା' ଓ ବୋହୂଙ୍କୁ ପ୍ରେରଣା ଦେବ ଯେ ସେମାନେ ମଧ୍ୟ ରାଷ୍ଟ୍ର ନିର୍ମାଣରେ ସମାନ ଅଧିକାର ରଖନ୍ତି। ଏହାକୁ କାର୍ଯ୍ୟକାରୀ କରିବା ସମସ୍ତ ରାଜନୈତିକ ଦଳ ଓ ନାଗରିକଙ୍କ ଦାୟିତ୍ୱ। ଏହି ପଦକ୍ଷେପ କେବଳ ମହିଳାଙ୍କୁ ନୁହେଁ, ସମଗ୍ର ଦେଶକୁ ଶକ୍ତିଶାଳୀ କରିବ। ନାରୀ ଶକ୍ତି ହିଁ ଦେଶର ପ୍ରକୃତ ଶକ୍ତି।

# କଳିଙ୍ଗ ପୁରସ୍କାରର ସ୍ରଷ୍ଟା ବିଜୁ ପଟ୍ଟନାୟକ

ଅତନୁ ସବ୍ୟସାଚୀ ନାୟକ



ସେଦିନ ଥିଲା ୧୯୫୦ ମସିହା ସେପ୍ଟେମ୍ବର ୧୮ ତାରିଖ। ପ୍ୟାରିସ୍ ସ୍ଥିତ ୟୁନେସ୍କୋ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ। ସୁଟ୍ ବୁଟ୍ ପରିହିତ ସୌମ୍ୟ ସୁଦର୍ଶନ ଜଣେ ଯୁବକ, ମହାନିର୍ଦ୍ଦେଶକଙ୍କୁ ଭେଟିଥିଲେ। ବିଜ୍ଞାନର ପ୍ରୟର ପ୍ରସାର ପାଇଁ ୟୁନେସ୍କୋ ତରଫରୁ ଏକ ଆନ୍ତର୍ଜାତୀୟ ପୁରସ୍କାରର ବ୍ୟବସ୍ଥା କରାଯିବା ସହ ଏହାର ନାମ କଳିଙ୍ଗ ପୁରସ୍କାର ରଖାଯାଉ ବୋଲି ଯୁବକଙ୍କର ଥିଲା ଅନୁରୋଧ। ମୋ ରାଜ୍ୟ ଓଡ଼ିଶାର ପ୍ରାଚୀନ ନାମ କଳିଙ୍ଗ ନାମରେ ଏହି ପୁରସ୍କାର ପ୍ରଦାନ କରାଯାଉ ଏବଂ ଏଥିପାଇଁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିବାକୁ ମୁଁ ପ୍ରସ୍ତୁତ ଅଛି। ଏତିକି କହିବା ସହ ନାଟକୀୟ ଭାବରେ ଦାୟିତ୍ୱ ସହ ହାତରେ ଧରିଥିବା ଏକ ବ୍ୟାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ। ଏଥିରେ ଥିଲା ୧୦୦୦



ପାଉଣ୍ଡର ମୁଦ୍ରା। ଓଡ଼ିଶାର ପରିଚୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସେଦିନ ଉଦ୍ୟମ କରିଥିବା ଏହି ଯୁବକ ଥିଲେ ଆମର ପ୍ରିୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ।

ବିଜୁଙ୍କ ଅନୁରୋଧରେ ଆନ୍ତର୍ଜାତୀୟ କଳିଙ୍ଗ ପୁରସ୍କାର ୧୯୫୨ ମସିହାରେ ଆରମ୍ଭ ହୋଇଥିଲା। ୟୁନେସ୍କୋ ଇତିହାସର ଏହାଥିଲା ପ୍ରଥମ ପୁରସ୍କାର। ଆନ୍ତର୍ଜାତୀୟ ସ୍ତରରେ ଭାରତର ସହଭାଗିତା ଥିବା ପୁରସ୍କାର ଇତିହାସରେ କଳିଙ୍ଗ ପୁରସ୍କାର ପ୍ରଥମ। ନୋବେଲ ପୁରସ୍କାର ପରେ କଳିଙ୍ଗ ପୁରସ୍କାର ସମଗ୍ର ବିଶ୍ୱରେ ସବୁଠୁ ସ୍ଥାନ ନେଇଛି। ବର୍ତ୍ତମାନ ଏହି ପୁରସ୍କାର ରାଶି ୪୦ ହଜାର ଆମେରିକୀୟ ଡଲାରରେ ପହଞ୍ଚିଛି। ଇତି ମଧ୍ୟରେ ବିଭିନ୍ନ ଦେଶର ୭୨ ଜଣ ଏହି ପୁରସ୍କାର ପାଇଥିବା ବେଳେ ୭ ଜଣ ନୋବେଲ ବିଜେତା ଏଥିରେ ଅନ୍ତର୍ଭୁକ୍ତ।

୧୯୫୦ ମସିହାରେ ବିଜୁ ବାବୁଙ୍କ ଦ୍ୱାରା ଗଠିତ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଏହାର ତତ୍ତ୍ୱାବଧାରକ। ଏହି ଟ୍ରଷ୍ଟ ବିଜୁ ବାବୁ ଗଠନ କରି କଳିଙ୍ଗ ପୁରସ୍କାର ପ୍ରଦାନର ପଥ ସୁଗମ କରିବା ସହ ବହୁ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁ ତାଙ୍କ ସହଧର୍ମିଣୀ ଜ୍ଞାନ ପଟ୍ଟନାୟକ, କାମିନୀ ପଟ୍ଟନାୟକ ପ୍ରମୁଖ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ, ପରବର୍ତ୍ତୀ ସମୟରେ ଡ. ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ଭବାନୀ ଚରଣ ପଟ୍ଟନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଏହାର ଦାୟିତ୍ୱ ବହନ କରିଛନ୍ତି। ବିଜୁ ବାବୁଙ୍କ ଏହି ନିଷ୍ପତ୍ତି ଓଡ଼ିଶାର ପରିଚୟକୁ ଯୁଗ ଯୁଗ ଧରି ବିଶ୍ୱ ଦରବାରରେ ବଞ୍ଚାଇ ରଖିବ। ଆଜିର ଦିନରେ ଏହି ମହାନ ପୁରୁଷଙ୍କୁ ମଥାନତ ପ୍ରଣାମ।

ସମ୍ପାଦକ, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ

# ଯୁଗ ପୁରୁଷ ବିଜୁ ବାବୁଙ୍କ ସ୍ମରଣେ

ଆଦିତ୍ୟ ପ୍ରତାପ ସ୍ୱାଇଁ



ଆଜି ହେଉଛି ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପବିତ୍ର ପୁଣ୍ୟତିଥି। ଆଜିଠାରୁ ୨୯ ବର୍ଷ ତଳେ ୧୯୯୭ ମସିହାରେ ବିଜୁବାବୁଙ୍କ ସ୍ୱର୍ଗାରୋହଣ ହୋଇଥିଲା ଏବଂ ତାହା ସହିତ ଆଧୁନିକ ଓଡ଼ିଶାରେ ଏକ ଯୁଗର ଅବସାନ ହୋଇଥିଲା। ତାଙ୍କର ଜୀବନୀ ଭାରତୀୟ ତଥା ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଇତିହାସ। ବିଜୁବାବୁ କେବଳ ଓଡ଼ିଶାର ବରପୁତ୍ର ନ ଥିଲେ, ଦେଶର ଏକ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ଥିଲେ। ବୋଧହୁଏ, ସାରା ବିଶ୍ୱର ସେ ଜଣେ ମାତ୍ର ଜନନେତା ଯାହାଙ୍କ ମର ଶରୀର ତିନି ତିନୋଟି ରାଷ୍ଟ୍ରର ଜାତୀୟ ପତାକାରେ ଆଚ୍ଛାଦିତ ହୋଇଥିଲା।

ତାଙ୍କର ଛାତ୍ର ଜୀବନରୁ ସେ ଥିଲେ ଅଦମ୍ୟ ସାହସୀ ଏବଂ ତାଙ୍କର ପ୍ରତି ଶିରା ପ୍ରଶିରାରେ ଦେଶଭକ୍ତି ଓ ରାଷ୍ଟ୍ରଗଠନର ଭାବ ପ୍ରବାହିତ ହେଉଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଭାରତଛାଡ଼ ଆନ୍ଦୋଳନକୁ ଉଜ୍ଜୀବିତ ରଖିବାରେ ବିଜୁ ବାବୁ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଇତିହାସର ପୃଷ୍ଠାରେ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅତୁଳନୀୟ ଭୂମିକା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

କିନ୍ତୁ, ଏକ ନିର୍ଦ୍ଦିଷ୍ଟ ବିଚାରଧାରାର କିଛି ମାନସିକ ବିକୃତ ବ୍ୟକ୍ତି ବିଜୁ ବାବୁଙ୍କ ଦେଶଭକ୍ତିକୁ ଆଙ୍ଗୁଳି ଉଠାଇ ପାଗଳର ପ୍ରଳାପ କରି ଅପମାନିତ କରିବାକୁ ଚେଷ୍ଟା କରିଥିଲେ। ଦଳମତ ନିର୍ବିଶେଷରେ ସାରା ରାଜ୍ୟକୁ ଏହି ଅପମାନ ବିରୁଦ୍ଧରେ ସ୍ୱର ଉଠିବା ପରେ ସେହି ମାନସିକ ବିକାରଗ୍ରସ୍ତ ବ୍ୟକ୍ତି କ୍ଷମା ମାଗିଥିଲେ। କିନ୍ତୁ, ଏହି ଟିପ୍ପଣୀ କେବଳ ବିଜୁ ବାବୁଙ୍କ ପ୍ରତି ନ ଥିଲା, ଏହି ଉକ୍ତି ବିଜୁ ବାବୁଙ୍କ ନୀତି ଓ ଆଦର୍ଶକୁ କୁଠାରାଘାତ ଥିଲା। ଯଦିଓ, ଏପରି ଶକ୍ତିଙ୍କୁ ମୁହଁତୋଡ଼ ଜବାବ ମିଳିଛି, ସମସ୍ତଙ୍କୁ ଏହି ବିଭେଦକାରୀ ଶକ୍ତିଙ୍କ ବିରୁଦ୍ଧରେ ସଜାଗ ରହିବାକୁ ପଡ଼ିବ।

ସାଧାରଣତଃ ଅଧିକାଂଶ ଲୋକେ ରାଜନୀତିକୁ ଆସି ଜନସେବା କରିବା ପରିବର୍ତ୍ତେ ରାଜନୀତିକୁ ବ୍ୟବସାୟ ଭାବେ ବ୍ୟବହାର କରିଥାଆନ୍ତି। କିନ୍ତୁ, ବିଜୁବାବୁ ଥିଲେ ବ୍ୟତିକ୍ରମ। ସେ ନିଜେ ଜଣେ ପ୍ରତିଷ୍ଠିତ ଓ ସଫଳ ବ୍ୟବସାୟୀ ଥିଲେ। କିନ୍ତୁ, ସେ ତାଙ୍କର ସବୁ ସମ୍ପତ୍ତି, ବ୍ୟବସାୟ ଓଡ଼ିଶାର ବିକାଶ ପାଇଁ ଦାନ କରି ଜନସେବା ପାଇଁ ରାଜନୀତିକୁ ବ୍ୟବହାର କରିଥିଲେ।

ବିଜୁ ବାବୁଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା କହିଲେ ଅତ୍ୟୁକ୍ତି ହେବନାହିଁ। ବିଜୁ ବାବୁ ଦୁଇଟି ପର୍ଯ୍ୟାୟରେ ମାତ୍ର ସାଢ଼େ ସାତ ବର୍ଷ ମୁଖ୍ୟମନ୍ତ୍ରୀ ଥିଲେ। କିନ୍ତୁ, ସେହି ଅଳ୍ପ ସମୟ ମଧ୍ୟରେ ସେ ଓଡ଼ିଶାର ପ୍ରଗତି ପାଇଁ ଅନେକ ପଦକ୍ଷେପ ନେଇଥିଲେ। ତାଙ୍କ ପ୍ରଥମ ପର୍ଯ୍ୟାୟ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେ ଶିଳ୍ପ ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ପାରାଦ୍ୱୀପ ପୋର୍ଟ, ସୁନାବେଡ଼ା ମିଗ୍ କାରଖାନା, ଭୁବନେଶ୍ୱର ବିମାନ ବନ୍ଦର, ରାଉରକେଲା ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର ସୈନିକ ସ୍କୁଲ, ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟ ଓ ଆହୁରି ଅନେକ



ଉଚ୍ଚ ଶିକ୍ଷା ଅନୁଷ୍ଠାନ ତାଙ୍କରି ନେତୃତ୍ୱରେ ଗଢି ଉଠିଥିଲା। ତାଙ୍କ ବ୍ୟକ୍ତିତ୍ୱ ଓ ରାଜନୈତିକ ଚିନ୍ତାଧାରା ଏତେ ଅଧିକ ପ୍ରଭାବୀ ଥିଲା ଯେ ତାଙ୍କ ରାଜନୈତିକ ଜୀବନରେ ଅଧିକାଂଶ ସମୟ ବିରୋଧୀ ଦଳରେ ଥାଇ ବି ସେ ଲୋକଙ୍କ ପାଇଁ ଅନେକ କାର୍ଯ୍ୟ କରିପାରୁଥିଲେ। ସୀମିତ ସମ୍ବଳ ଏବଂ ସୀମିତ ସୁଯୋଗ ମଧ୍ୟରେ ବି ଆଧୁନିକ ଓଡ଼ିଶାର ମୂଳଦୁଆ ବିଜୁ ବାବୁ ହିଁ ରଖିଥିଲେ।

ବିଜୁବାବୁ ତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ସରକାରୀ ଚାକିରୀରେ ମହିଳା ମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ, ୧୩ ରୁ ୩୦ ଜିଲ୍ଲା ଗଠନ, ସର୍ବନିମ୍ନ ମଜୁରୀକୁ ଏକାଥରକେ ୧୦ ଟଙ୍କାରୁ ୨୫ଟଙ୍କାକୁ ବୃଦ୍ଧି ଆଦି ଅନେକ ପଦକ୍ଷେପ ନେଇଥିଲେ। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଜି ଯଦି ପଞ୍ଚାୟତ ସ୍ତରରେ ଜନପ୍ରତିନିଧି ସଶକ୍ତ ଭାବେ କାର୍ଯ୍ୟ କରୁଛନ୍ତି ଏହାର ଏକ ବଡ଼ ଶ୍ରେୟ ବିଜୁ ବାବୁଙ୍କୁ ନିଶ୍ଚିତ ଭାବେ ଯିବ।

ବିଜୁ ବାବୁଙ୍କ ନୀତି ଆଦର୍ଶ ଭିତରେ ଥିଲା ଧର୍ମ ନିରପେକ୍ଷତା ଓ ସମାଜବାଦ। ତାଙ୍କ, ସମଗ୍ର ରାଜନୀତି କାଳଖଣ୍ଡରେ ସେ ଏହି ଦ୍ୱୈତ ଆଦର୍ଶକୁ କେବେ ବି ସାଲିସ କରି ନ ଥିଲେ। କିନ୍ତୁ, ଆଜି ଆମେ ଯେଉଁ ସମୟ ଦେଇ ଗତି କରୁଛୁ, ଡବଲ ଇଞ୍ଜିନ ସରକାର ସମୟରେ ଏହି ଉଭୟ ନୀତି ଉପରେ କୁଠାରଘାତ ହେଉଛି। ୨୦୨୪ ପରଠାରୁ ଦେଶରେ ଆଜି ଯେଉଁ ପରିମାଣର ହିଂସା, ଦ୍ୱେଷ ଦେଖାଯାଉଛି, ତାହା ବିଜୁବାଦର ପରିପନ୍ଥୀ।

ବିଜୁବାବୁ ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ବ୍ରାଣ୍ଡ ଆମ୍ବାସାଡର। ଓଡ଼ିଆ ଭାଷା ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ ବିଜୁବାବୁ। ଆଜି ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାରକୁ ଅସ୍ମିତା ନାଁରେ ଯେପରି ରାଜନୀତିକରଣ କରାଯାଉଛି, ତାହା ନିନ୍ଦନୀୟ।

ବିଜୁବାବୁ କେବଳ ଜଣେ ରାଜନେତା ନ ଥିଲେ, ସେ ଥିଲେ ପ୍ରବାଦ ପୁରୁଷ। ରାଜନୀତିରେ ସୁଚେତା, ପାରଦର୍ଶିତା ଓ ଜନସେବାର ଭାବନା ଆଜିକାଲି କ୍ୱଚିତ ଦେଖାଯାଏ। ଓଡ଼ିଶାକୁ 'ସଶକ୍ତ ଓ ସମୃଦ୍ଧ' କରି ଗଢି ତୋଳିବା ତାଙ୍କର ଥିଲା ସ୍ୱପ୍ନ ଏବଂ ସେହି ସ୍ୱପ୍ନକୁ ପୂରଣ କରିବା ଦାୟିତ୍ୱ ହେଉଛି ସମାଜର ଯୁବ ବର୍ଗଙ୍କ। ତାଙ୍କର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ହେଉଛି ଆମର ଦାୟିତ୍ୱ।

ଆଇନ ଜୀବି ଉଚ୍ଚତମ ନ୍ୟାୟାଳୟ, ଦିଲ୍ଲୀ

# ସଂସ୍କୃତି ଓ ପରମ୍ପରାର ବାହକ ଓଡ଼ିଆ ନବବର୍ଷ

ଚିତ୍ତରଞ୍ଜନ ପୃଷ୍ଟି



ପୁଣ୍ୟଭୂମି ଭାରତରେ ଓଡ଼ିଶା ମହାନ ସଂସ୍କୃତି ଓ ପରମ୍ପରାର ଦେବଭୂମି ରୂପେ ପ୍ରସିଦ୍ଧ। ଜଗନ୍ନାଥ ସଂସ୍କୃତିକୁ ନେଇ ଓଡ଼ିଆମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରମ୍ପରା ପାଳନ କରି ଓଡ଼ିଆମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଥାନ୍ତି। ମାନବ ଜୀବନ ସର୍ବଦା କର୍ମମୟ। ଏହି କର୍ମମୟ ଜୀବନ ଭିତରେ ମଣିଷ ଚାହେଁ କ୍ଲାନ୍ତିର ଲାଘବ ଓ ଶାନ୍ତି। ଏହି ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି ପର୍ବପର୍ବାଣି। ପର୍ବପର୍ବାଣି ଗୁଡ଼ିକ ଆମପାଇଁ ଆଣିଦିଏ ଅବସର ଓ ଉପଭୋଗର ସୁଯୋଗ।

ଉତ୍କଳୀୟ ପରମ୍ପରା ଅନୁସାରେ ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ତନ୍ମଧ୍ୟରୁ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅନ୍ୟତମ। ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି)କୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପଣା ସଂକ୍ରାନ୍ତିରେ ଅନ୍ୟ ନୂତନ ବର୍ଷ ଭଳି ଏକ ପୁରୁଣା ବର୍ଷକୁ ବିଦାୟଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ। ଏହା ସାଧାରଣତଃ ଅପ୍ରେଲ ୧୪ ତାରିଖ ବୈଶାଖ ମାସ ପ୍ରଥମ ଦିନରେ ପଡ଼ିଥାଏ। ଏହି ଦିନଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ବୈଶାଖ ମାସ (ଏପ୍ରିଲ-ମେ)ର ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହାଯାଏ। ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ। ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। ଓଡ଼ିଆମାନେ ଏହିଦିନଟିକୁ ନବବର୍ଷ ଭାବେ ମଧ୍ୟ ପାଳନ କରିଥାଆନ୍ତି। ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟରାଶି ଗମନକୁ ସଂକ୍ରାନ୍ତି କହନ୍ତି। ପ୍ରତି ଇଂରାଜୀ ମାସର ୧୩ ତାରିଖଠାରୁ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଗମନ କରିବା ଯୋଗୁଁ ସୂର୍ଯ୍ୟଙ୍କର ସଂକ୍ରମଣ କ୍ରିୟା ବା ସଂକ୍ରାନ୍ତି ହୁଏ। ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ। ମହାବିଷୁବ ସଂକ୍ରାନ୍ତିର ପବିତ୍ର ଅବସର ଓଡ଼ିଆ ମାନଙ୍କ ଲାଗି ବର୍ଷର ପ୍ରଥମ ଦିନ। ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ସ୍ୱତନ୍ତ୍ର। କାରଣ ଏହା ସହିତ ଯୋଡ଼ିହୋଇ ରହିଛି କଳା, ସଂସ୍କୃତି, ପରମ୍ପରା, ଚଳଣି ଓ ଆଞ୍ଚଳିକ ଧର୍ମ ଧାରଣା। ପୁରାଣ ଅନୁସାରେ ମହାବୀର



ହନୁମାନ ବିଷୁବ ସଂକ୍ରାନ୍ତିରେ ଜନ୍ମ ଗ୍ରହଣ କରିଥିଲେ। ସେ ଦେବଦେବ ମହାଦେବଙ୍କ ପରମ ଭକ୍ତ। ତେଣୁ ହିନ୍ଦୁମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ପବିତ୍ର ଦିବସ ଅଟେ। ଏହି ଦିବସକୁ ଓଡ଼ିଆମାନେ ହନୁମାନ ଜୟନ୍ତୀ ଭାବେ ପାଳିଥାନ୍ତି। ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ଏହିଦିନଠାରୁ ୧ ମାସ ପର୍ଯ୍ୟନ୍ତ ପାଳନର ବ୍ୟବସ୍ଥା ମଧ୍ୟ କରାଯାଏ। ଏହି ଦିନ ପେଟକୁ ଥଣ୍ଡା ରଖିବାକୁ ପାଇଁ ପାରମ୍ପରିକ ଭାବେ ଥଣ୍ଡା ପାନୀୟର ଶୁଭାରମ୍ଭ ହୋଇଥାଏ। ସେଥିପାଇଁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିର ମାନଙ୍କରେ ପଣା ଭୋଗର ବିଧି ରହିଛି। ଏହି ଦିନ ସାହିପଡ଼ିଶା, ବନ୍ଧୁବାନ୍ଧବ ମାନଙ୍କୁ ପଣା ଦିଆଯାଏ। ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। କ୍ଷୀର,ଦହି ,ନଡ଼ିଆ ,ବେଲ ,ସଂସ୍କୃତି ପ୍ରଭୃତିରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ପ୍ରସାଦ ରୂପେ ଦେବାଦେବୀଙ୍କ ନିକଟରେ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଚି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ।

ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମଧ୍ୟଭାଗକୁ ଚାଲିଆସିଥାନ୍ତି। ଏହିଦିନ ସୂର୍ଯ୍ୟ ବିଷୁବରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀ ମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପଣାଭରି ଛୋଟ ଠେକି ରଖିଥାନ୍ତି। ଏହା ତଳେ ଏକ ଛୋଟ ଛିଦ୍ର ଥାଏ। ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ। ମାନ୍ୟତା ରହିଛି ଗ୍ରୀଷ୍ମ ଦାଉରୁ ତୁଳସୀଙ୍କୁ ରକ୍ଷା କରିବା ପାଇଁ ଏହି ଛୋଟ ଟୋପା ଟୋପା ଜଳ ବର୍ଷାର ଅନୁଭୂତି ଆଣିଦେଇଥାଏ। ଏହି ଦିନଟିକୁ ମଧ୍ୟ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ। ଏହି ଦିନଠାରୁ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ହନୁମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ତେଣୁ ଶରୀରରେ ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ସମର୍ପଣ କରାଯାଏ। ପଣା ସଂକ୍ରାନ୍ତିଠାରୁ ରାସ୍ତାକଡ଼ରେ ପଥିକ ମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ଏହା ସହିତ ବୃକ୍ଷମୂଳରେ ଜଳଦାନର ପ୍ରଥା ଆମ ସମାଜରେ ପ୍ରଚଳିତ। ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ପଣା ସଂକ୍ରାନ୍ତି ପରଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୁଏ। ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ। ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି। ଦଣ୍ଡନାଚ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ। ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ। ରୋଗବଇରାଗ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣିମାପରଠାରୁ ଉଦ୍‌ଯାପନ ହୋଇଥାଏ। ପୌରାଣିକ, କୃଷିଭିତ୍ତିକ ଏବଂ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଚରେ ଦେଖିବାକୁ ମିଳିଥାଏ। ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ। ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା ଖୁବ୍ ପ୍ରସିଦ୍ଧ। ନୂତନ ଆଶା, ସୁଯୋଗ ଏବଂ ସଂକଳ୍ପ ସହିତ ଓଡ଼ିଶାର ଲୋକମାନେ ଏହି ପର୍ବରେ ଅଂଶଗ୍ରହଣ କରନ୍ତି, ପାଳନ କରନ୍ତି ଏବଂ ନୂତନ ବର୍ଷର ଆଗମନକୁ ଉପଭୋଗ କରନ୍ତି।

ବାସ୍ତବରେ ପର୍ବପର୍ବାଣି ମଣିଷ ଜୀବନରେ ଶ୍ରଦ୍ଧା,ସ୍ନେହ ଓ ପ୍ରେମର ଆବେଗ ସୃଷ୍ଟି କରିଥାଏ। ସମାଜ ସହିତ ପର୍ବପର୍ବାଣି ସଂଶ୍ଳିଷ୍ଟ ଥିବାରୁ ସାମାଜିକ ଜୀବନକୁ ଏହା ବହୁ ଭାବରେ ପ୍ରଭାବିତ କରିଥାଏ। ସଂସ୍କୃତି ସୁରକ୍ଷା କ୍ଷେତ୍ରରେ ପର୍ବପର୍ବାଣିର ଅବଦାନ ଯଥେଷ୍ଟ। ପର୍ବ ଓଡ଼ିଶାର ଗର୍ବ। ଓଡ଼ିଆ ଜାତିର ସ୍ୱାଭିମାନର ପରିଚୟ ତା'ର ପର୍ବପର୍ବାଣିରେ ନିହିତ। ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ସଂସ୍କୃତି ଓ ପରମ୍ପରାର ସୁରକ୍ଷା କରିବା ସହିତ ଓଡ଼ିଆ ଭାଷା ଓ ଜାତିର ସ୍ୱାଭିମାନକୁ ବଜାୟ ରଖିବା ଏହି ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ।

ନିମାପଡ଼ା, ପୁରୀ

ମୋବାଇଲ: ୯୭୭୮୧୭୭୫୦୧

**ସିଧାସଳଖ ଆମେରିକା ଯିବେ ମୁନୀର**

# ହର୍ମୁଜ୍ ନେଇ ନରମିଲା ଇରାନ



ତେହେରାନ, ୧୬।୪: ବିଶ୍ୱରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ନେଇ ଉତ୍ତେଜନା ବଳବତ୍ତର ରହିଛି। ହର୍ମୁଜର ସ୍ଥିତି ଏଯାଏ ସ୍ୱାଭାବିକ ହୋଇନାହିଁ। ଏହା ମଧ୍ୟରେ ହର୍ମୁଜକୁ ନେଇ ଇରାନର ସ୍ୱର ସାମାନ୍ୟ ନରମ ହୋଇଥିବା ଜାଣିବାକୁ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନର ସେନାମୁଖ୍ୟ ଅସୀମ ମୁନୀର ତେହେରାନ ଯାଇଥିବା ବେଳେ ସେ ସେଠାକାର ନେତାମାନଙ୍କ ଶାନ୍ତି ସ୍ଥାପନ ସମ୍ପର୍କରେ ଆଲୋଚନା କରିଛନ୍ତି। ମୁନୀର ସହ ଆଲୋଚନା କରିବା ବେଳେ ଇରାନ ତା'ର ସ୍ୱରକୁ ସାମାନ୍ୟ ନରମ କରିଛି ଏବଂ ହର୍ମୁଜ ପ୍ରଣାଳୀରେ ଇରାନ ପକ୍ଷରୁ ଆଦାୟ କରାଯାଉଥିବା ଟୋଲ ସମ୍ପର୍କରେ ଏକ ନୂତନ ପ୍ରସ୍ତାବ ରଖିଛି। ଇରାନର ଏକ ସୂତ୍ରକୁ ଆଧାର କରି ଖବର ସରବରାହ ସଂସ୍ଥା ରଏଟର୍ସ କହିଛି ଯେ, ଏହା ଅଧୀନରେ ଓମାନ ସୀମା ନିକଟରୁ ଯାଉଥିବା ଜାହାଜଗୁଡ଼ିକରୁ କୌଣସି ଟୋଲ ଆଦାୟ କରାଯିବ ନାହିଁ। ତେବେ ଏହି ପ୍ରସ୍ତାବ ଆମେରିକା ଏବଂ ଇରାନ ମଧ୍ୟରେ ପୂର୍ଣ୍ଣ ଯୁଦ୍ଧବିରତି ଲାଗୁହେବା ପରେ ଯାଇ କାର୍ଯ୍ୟକାରୀ ହେବ।

ସୂଚନାଯୋଗ୍ୟ, ଆମେରିକା ଆକ୍ରମଣ ଆଶଙ୍କାରେ ଇରାନ ସମଗ୍ର ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଛି। ବର୍ତ୍ତମାନ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯିବା ପାଇଁ ଇରାନର ଅନୁମତି ଆବଶ୍ୟକ ହେଉଛି। ଏଥିପାଇଁ ଇରାନ ୨ ନିୟୁତ ଡଲାର ଟୋଲ ଆଦାୟ କରୁଛି। ଏ ପର୍ଯ୍ୟନ୍ତ ଇରାନ ଏହି ଟୋଲ ବ୍ୟବସ୍ଥାକୁ ଅନୁମୋଦନ ଦେବା ପାଇଁ ଜିଦ ଧରିଥିଲା, କିନ୍ତୁ ବର୍ତ୍ତମାନ ଏହା ଓମାନ ସମ୍ପର୍କରେ ନରମ ଆଭିମୁଖ୍ୟ ଗ୍ରହଣ କରିବା ଘଟଣାକୁ ବିଶ୍ୱର କୂଟନୀତିଜ୍ଞମାନେ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଶାନ୍ତି ପାଇଁ ମାର୍ଗ ପ୍ରସ୍ତୁତ କରିପାରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ୱାଶିଂଟନ ପକ୍ଷରୁ କୁହାଯାଇଛି ଯେ, ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ମୁନୀରଙ୍କ ତେହେରାନ ଗସ୍ତକୁ ହ୍ୱାଇଟ୍ ଏକ ସକରାତ୍ମକ ସୂଚନା ଭାବରେ ଭାବରେ ଗ୍ରହଣ କରୁଛି। ଯଦି ଆମେରିକା ଦେଇଥିବା ଚୂଡ଼ାନ୍ତ ଏବଂ ସର୍ବୋତ୍ତମ ପ୍ରସ୍ତାବକୁ ଇରାନର ଅଧିକାରୀମାନେ ସ୍ୱୀକାର କରନ୍ତି ତା'ହେଲେ ଇସଲାମାବାଦରେ ସେମାନେ ଖୁବ୍ ଶୀଘ୍ର ପରସ୍ପରକୁ ଭେଟିବେ। ଇରାନର ନେତାମାନଙ୍କ ସହ ଆଲୋଚନା କରିବା ପରେ ମୁନୀର ତାଙ୍କର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀଙ୍କ ସହିତ ସିଧାସଳଖ ଆମେରିକା ଯିବାର କାର୍ଯ୍ୟକ୍ରମ ରହିଛି।



## ଇରାନର 'ସ୍କୁଫିଙ୍ଗ୍' ପ୍ରଯୁକ୍ତିକୁ ନେଇ ଚିନ୍ତାରେ ଆମେରିକା

ୱାଶିଂଟନ, ୧୬।୪: ଇରାନକୁ ସବୁଦିଗରୁ ଘେରିବା ପାଇଁ ଆମେରିକା ଉଦ୍ୟମ ଜାରି ରଖିଥିବା ବେଳେ ଇରାନ ଚାଲାକି ୱାଶିଂଟନର ଚିନ୍ତା ବଢ଼ାଇଦେଇଛି। ଇରାନର ସାମୁଦ୍ରିକ ବାଣିଜ୍ୟ ଏବଂ ଅର୍ଥନୀତିକୁ ପଙ୍ଗୁ କରିବା ପାଇଁ ଆମେରିକା ସମସ୍ତ ବନ୍ଦରରେ ନାକାବନ୍ଦୀ ଜାରି କରିଛି। ଏହାସତ୍ତ୍ୱେ ଆମେରିକୀୟ କଟକଣାକୁ ବେଖାତିର କରି ଇରାନ ଏବେ 'ସ୍କୁଫିଙ୍ଗ' ଭଳି ଅତ୍ୟାଧୁନିକ ତଥା ଭ୍ରମାତ୍ମକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସମୁଦ୍ରରେ ନିଜର ଗତିବିଧିକୁ ଗୋପନ ରଖିବାରେ ସଫଳ ହେଉଛି, ଯାହା ଆମେରିକା ପାଇଁ ଚିନ୍ତାର କାରଣ ପାଲଟୁଛି। ସାମୁଦ୍ରିକ ଗୁଇନ୍ଦା ସଂସ୍ଥା 'ୱିଣ୍ଡୱାର୍ଡ'ର ସିଇଓ ଏମି ଡାନିଏଲଙ୍କ କହିବା ଅନୁସାରେ, ଇରାନ ଏହି କୌଶଳ ରୁଷ୍ ନିକଟରୁ ହାସଲ କରିଛି। ୨୦୨୨ ୟୁକ୍ରେନ ଯୁଦ୍ଧ ପରଠାରୁ ଆମେରିକା ରୁଷ ଉପରେ ଅନେକ କଟକଣା ଲଗାଇଥିବା ବେଳେ ରୁଷ ନିଜର ତୈଳ ବାଣିଜ୍ୟ ଜାରି ରଖିବାକୁ ଏହି ସ୍କୁଫିଙ୍ଗ୍ ପ୍ରଯୁକ୍ତିର ପ୍ରୟୋଗ କରିଥିଲା, ଯାହା ଏବେ ଇରାନ ଆମେରିକା ବିରୋଧରେ ପ୍ରୟୋଗ କରୁଛି। ଇରାନର ଏହି ପଦକ୍ଷେପ ଯୋଗୁଁ ଆମେରିକା କେଉଁ ଜାହାଜରେ କ'ଣ ପରିବହନ ହେଉଛି ଏବଂ ସେଗୁଡ଼ିକ କେଉଁଠାକୁ ଯାଉଛି, ତାହାର ସଠିକ୍ ତଥ୍ୟ ଆମେରିକା ପାଇପାରୁ ନାହିଁ। ଆମେରିକାର ଅବରୋଧ ସତ୍ତ୍ୱେ ଇରାନର ଏହି 'ସିଭିଲ୍ ୱାର୍ଫେୟାର' ରଣନୀତି ମଧ୍ୟପ୍ରାଚ୍ୟରେ ପୁଣି ଏକ ନୂଆ ବିବାଦର ସୂତ୍ରପାତ କରିପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି।



## 'ଅବରୋଧ ନ ହଟିଲେ କାରବାର ବନ୍ଦ ହେବ'

ତେହେରାନ, ୧୬।୪: ଆମେରିକା ଇରାନ ବନ୍ଦରଗୁଡ଼ିକ ଉପରେ ଅବରୋଧ ନ ହଟାଇଲେ ଉପସାଗରୀୟ ଅଞ୍ଚଳରେ ବାଣିଜ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଇରାନର ମିଳିତ ସାମରିକ କମାଣ୍ଡର ନେତା ସ୍ପଷ୍ଟ କରିଦେଇଛନ୍ତି। ସେହିଭଳି ପୃଥକ ଭାବରେ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକା ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକ ସହିତ ବ୍ୟବସାୟ କରୁଥିବା ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଦ୍ୱିତୀୟ କଟକଣା ଲଗାଇଛି। ଏହାଦ୍ୱାରା ଇରାନ ଉପରେ ଆର୍ଥିକ ଯନ୍ତ୍ରଣା ବୃଦ୍ଧି କରିବାକୁ ଆମେରିକା ପ୍ରସ୍ତୁତ ହେଉଛି। ଏହି ପଦକ୍ଷେପ ବୋମା ବିସ୍ଫୋରଣ ଅଭିଯାନ ସହ ସମକକ୍ଷ ବୋଲି ସେ ଇରାନକୁ ସତର୍କ କରାଇ ଦେଇଛନ୍ତି।

## ସ୍କାରବୋରୋ ଶୋଲ୍ ସିଲ୍ କଲା ଚୀନ୍

ବେଜିଂ, ୧୬।୪: ମଧ୍ୟପ୍ରାଚ୍ୟରେ ହୋର୍ମୁଜ ପ୍ରଣାଳୀକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିବା ବେଳେ, ଏହାର ସୁଯୋଗ ନେଇ ଚୀନ୍ ଏସିଆର ଅନ୍ୟ ଏକ କୋଣରେ ନିଜର ସାମ୍ରାଜ୍ୟ ବିସ୍ତାର କରିବା ଆରମ୍ଭ କରିଛି। ବିଶ୍ୱର ନଜର ତେଲ ପରିବହନର ମୁଖ୍ୟ ମାର୍ଗ ହୋର୍ମୁଜ ଉପରେ ଥିବା ବେଳେ, ଚୀନ୍ ଚୁପଚାପ୍ ଦକ୍ଷିଣ ଚୀନ ସାଗରରେ




ନିଜର ପ୍ରଭାବ ବଢ଼ାଇବାରେ ଲାଗିଛି। ନିକଟରେ ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ଚୀନ୍ ବିବାଦୀୟ ସ୍କାରବୋରୋ ଶୋଲ୍ ଅଞ୍ଚଳରେ ପ୍ରବେଶକୁ ପ୍ରାୟତଃ ବନ୍ଦ କରିଦେଇଛି। ଏହି ଅଞ୍ଚଳ ଚୀନ୍ ଏବଂ ଫିଲିପାଇନ୍ସ ମଧ୍ୟରେ ଦୀର୍ଘ ଦିନରୁ ବିବାଦର କେନ୍ଦ୍ର ପାଲଟିଛି। ରିପୋର୍ଟ ଅନୁସାରେ, ଚୀନ୍ ଏଠାରେ ପ୍ରାୟ ୩୫୦ ମିଟର ଲମ୍ବର ଏକ ବିଶାଳ ଫ୍ଲୋଟିଂ ବ୍ୟାରିୟର୍ ଲଗାଇବା ସହ ନିଜର କୋଷ୍ଟ ଗାର୍ଡ ଜାହାଜ ଏବଂ ସାମରିକ ଡଙ୍ଗା ମୁତୟନ କରିଛି। ସାଟେଲାଇଟ୍ ଇମେଜ୍ ପ୍ରଦାନକାରୀ ସଂସ୍ଥା 'ଭାଣ୍ଟର' ପକ୍ଷରୁ ଏପ୍ରିଲ ୧୦ ଏବଂ ୧୧ ତାରିଖରେ ନିଆଯାଇଥିବା ଫଟୋରୁ ଦେଖିବାକୁ ମିଳିଛି ଯେ, ସ୍କାରବୋରୋ ଶୋଲ୍‌ର ପ୍ରବେଶ ପଥରେ ଏକ ନୂତନ ଭାସମାନ ବ୍ୟାରିୟର୍ ଲମ୍ବା ଭାବେ ଲଗାଯାଇଛି, ଯାହାଫଳରେ ଅନ୍ୟ କୌଣସି ଜାହାଜ ଭିତରକୁ ପ୍ରବେଶ କରିପାରିବେ ନାହିଁ।

# ରନ୍‌ୱେରେ ୨ ବିମାନ ଧକ୍କା ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ନୂଆଦିଲ୍ଲୀ, ୧୬।୪: ଦିଲ୍ଲୀ ବିମାନ ବନ୍ଦରରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୧୫ମିନିଟ ସମୟରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଅଳ୍ପକେ ବର୍ତ୍ତିଯାଇଛି। ସ୍ପାଇସଜେଟର ଏକ ବିମାନ ରନୱେରେ ଟ୍ୟାକ୍ସିଂ କରୁଥିବା ବେଳେ ସେଠାରେ ସ୍ଥିର ଛିଡ଼ା ହୋଇଥିବା ଆକାଶ ଏୟାରର ଏକ ବିମାନକୁ ଧକ୍କା ଦେଇଥିଲା। ଏହି ସାମାନ୍ୟ ଦୁର୍ଘଟଣାରେ ଉଭୟ ବିମାନ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସୌଭାଗ୍ୟବଶତଃ କୌଣସି ଯାତ୍ରୀ କିମ୍ବା କ୍ରୁ ସଦସ୍ୟ ଆହତ ହୋଇନାହାନ୍ତି। ରିପୋର୍ଟ ଅନୁଯାୟୀ, ଲେହରୁ ଆସିଥିବା ସ୍ପାଇସଜେଟ୍ ବିମାନଟି ଗେଟ୍ ଆଡ଼କୁ ଯାଉଥିବା ବେଳେ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଆକାଶ ଏୟାର ବିମାନ ସହ ଏହାର ଧକ୍କା ହୋଇଥିଲା, ଯାହାଫଳରେ ସ୍ପାଇସଜେଟର ଡାହାଣ ପଙ୍ଖ ଏବଂ ଆକାଶ ଏୟାରର ପଛ ଭାଗ କ୍ଷତିଗ୍ରସ୍ତ ହୋଇଛି। ଘଟଣା ପରେ ଆକାଶ ଏୟାରଲାଇନ୍ସ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ସେମାନଙ୍କ ବିମାନଟି ସ୍ଥିର ଅବସ୍ଥାରେ ଥିବା ବେଳେ ଅନ୍ୟ ବିମାନଟି ସହ ସଂସ୍ପର୍ଶରେ ଆସିଥିଲା ଏବଂ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଛି। ବିମାନ ବନ୍ଦରର ଗ୍ରାଉଣ୍ଡ ଟିମ୍ ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିଛନ୍ତି ଯାହାଦ୍ୱାରା ସେମାନେ ଶୀଘ୍ର ହାଇଦ୍ରାବାଦରେ ପହଞ୍ଚିପାରିବେ।

**ଭାରତ-ଅଷ୍ଟ୍ରିଆ ଦ୍ୱିପାକ୍ଷିକ ବୈଠକ**

# ବିଶ୍ୱରେ ଶାନ୍ତି ମୋଦିଙ୍କ ଆହ୍ୱାନ



ନୂଆଦିଲ୍ଲୀ,୧୬।୪: ଅଷ୍ଟ୍ରିଆ ଚାନ୍ସଲର ଡକ୍ଟର କ୍ରିଷ୍ଟିଆନ୍ ଷ୍ଟକର୍ ଏକ ସରକାରୀ ଗସ୍ତରେ ଭାରତ ଆସିଛନ୍ତି। ୨୦୨୫ ମାର୍ଚ୍ଚରେ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଏସିଆ ଯାତ୍ରା। ଚାରି ଦଶନ୍ଧି ମଧ୍ୟରେ ଅଷ୍ଟ୍ରିଆର ଜଣେ ଚାନ୍ସେଲରଙ୍କ ପ୍ରଥମ ଭାରତ ଗସ୍ତ। ଷ୍ଟକର୍ ବର୍ତ୍ତମାନ ଚାରିଦିନିଆ ଭାରତ ଗସ୍ତରେ ଥିବା ବେଳେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ଠାରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ବାଣିଜ୍ୟ, ନିବେଶ, ଟେକ୍ନୋଲୋଜି, ଅକ୍ଷୟ ଶକ୍ତି ଓ ସାଂସ୍କୃତିକ ବିନିମୟ ଉପରେ ଦୁଇ ନେତା ବାର୍ତ୍ତାଳାପ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ ପୂର୍ବରୁ ଅଷ୍ଟ୍ରିଆନ୍ ଚାନ୍ସେଲର ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୈଠକ ପରେ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରିଷ୍ଟିଆନ୍ ଷ୍ଟକର୍‌ଙ୍କ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି। ମୋଦୀ କହିଛନ୍ତି, ବିଶ୍ୱ ବର୍ତ୍ତମାନ ଗମ୍ଭୀର ତଥା ଉତ୍ତେଜନାମୂଳକ ସ୍ଥିତିର ସମ୍ମୁଖୀନ ହେଉଛି। ଏଭଳି ପରିପ୍ରେକ୍ଷୀରେ ବୈଶ୍ୱିକ ଅନୁଷ୍ଠାନଗୁଡ଼ିକ ସଂସ୍କାର ଆବଶ୍ୟକ ହେଉଛି। ଅନ୍ତର୍ଜାତୀୟ ସ୍ତରରେ ବଢ଼ୁଥିବା ବିବାଦ ତଥା ଆତଙ୍କବାଦର ମୁକାବିଲା ପାଇଁ ବିଶ୍ୱର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତିଶ୍ରୁତିବଦ୍ଧତା ରହିବା ନିତାନ୍ତ ଆବଶ୍ୟ ବୋଲି ମୋଦୀ କହିଛନ୍ତି।



## ରାଜ୍ୟସଭା ଉପାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ କଲେ ହରିବଂଶ

**ଆଜି ନିର୍ବାଚନ**

ନୂଆଦିଲ୍ଲୀ, ୧୬।୪: ରାଜ୍ୟସଭାର ଉପାଧ୍ୟକ୍ଷ ପଦ ପାଇଁ ସାଂସଦ ହରିବଂଶ ନାରାୟଣ ସିଂହ ଗୁରୁବାର ରାଜ୍ୟସଭା ସଚିବାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ସଂସଦର ଉଚ୍ଚ ସଦନର କାର୍ଯ୍ୟପଦ୍ଧତି ଏବଂ କାର୍ଯ୍ୟ ଆଚରଣ ନିୟମର ନିୟମ ୭ ଅନୁଯାୟୀ, ରାଜ୍ୟସଭା ଏପ୍ରିଲ ୧୭ (ଶୁକ୍ରବାର)ରେ ଏହାର ନୂତନ ଉପସଭାପତିଙ୍କୁ ନିର୍ବାଚନ କରିବାକୁ ଯାଉଛି। ଆନୁଷ୍ଠାନିକ କାର୍ଯ୍ୟଧାରା ଦିନ ୧୧ଟାରୁ ଆରମ୍ଭ ହେବାକୁ ଯାଉଛି। ଏପ୍ରିଲ ୯ ତାରିଖରେ ହରିବଂଶଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଉପାଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ସୂଚନାଯୋଗ୍ୟ, ହରିବଂଶ ୨୦୧୮ରୁ ରାଜ୍ୟସଭା ଉପାଧ୍ୟକ୍ଷ ପଦରେ ଅଛନ୍ତି। ଏପ୍ରିଲ ୧୦ ତାରିଖରେ ଏକ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିବଂଶ ନାରାୟଣ ସିଂହଙ୍କୁ ରାଜ୍ୟସଭା ସଦସ୍ୟ ଭାବରେ ମନୋନୀତ କରିଛନ୍ତି। ସମ୍ବିଧାନର ଧାରା ୮୯ (୨) ଅନୁଯାୟୀ ଭାରତର ଉପରାଷ୍ଟ୍ରପତି ରାଜ୍ୟସଭା ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି। ଉପାଧ୍ୟକ୍ଷ ରାଜ୍ୟସଭା ସଦସ୍ୟଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି। ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ଗୃହରେ ଅଧ୍ୟକ୍ଷତା କରନ୍ତି। ତେବେ ଆସନ୍ତାକାଲି ହେବାକୁ ଥିବା ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନକୁ ଇଣ୍ଡି ମେଣ୍ଟ ବିରୋଧ କରିବ ବୋଲି ଜଣାପଡ଼ିଛି।

## ସେପ୍ଟେମ୍ବରରେ ଭାରତ ଆସିବେ ପୁଟିନ୍



ନୂଆଦିଲ୍ଲୀ,୧୬।୪: ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତ ଆସିବେ ବୋଲି କ୍ରେମଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଭାରତରେ ୧୮ ତମ ବ୍ରିକ୍ସ ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଏଥିରେ ସ୍ଥାୟୀତ୍ୱ, ନବସୃଜନ, ସହଯୋଗ ଏବଂ ସ୍ଥିରତା ପାଇଁ ନିର୍ମାଣ ଆଦି ବିଷୟ ଉପରେ ଭାରତ ଧ୍ୟାନ କେନ୍ଦ୍ରିତ କରୁଛି। ବୈଶ୍ୱିକ ଭୂ-ରାଜନୈତିକ ସମୀକରଣ ବଦଳିବା ଏବଂ ଦେଶଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଭାରତରେ ଆୟୋଜିତ ହେବାକୁ ଯାଉଥିବା ଏହି ସମ୍ମିଳନୀ ବିଶ୍ୱ ପ୍ରେକ୍ଷାପଟ୍ଟରେ ବେଶ୍ ଗୁରୁତ୍ୱ ବହନ କରୁଛି। ସମଗ୍ର ବିଶ୍ୱରେ ଦକ୍ଷିଣ-ଏସିଆର ସ୍ୱରକୁ ପ୍ରଭାବଶାଳୀ କରିବା ଏହି ସମ୍ମିଳନୀର ଅନ୍ୟତମ ଲକ୍ଷ୍ୟ ହେବ। ଏଥିରେ ପୁଟିନ୍ ସାମିଲ ହେବା ସଭିଁଙ୍କ ଧ୍ୟାନ ଆକର୍ଷଣ କରିବ ବୋଲି କ୍ରେମଲିନ ପ୍ରକାଶ କରିଛି। କାରଣ ସମ୍ପ୍ରତି ଅନ୍ତର୍ଜାତୀୟ ସଂଘର୍ଷରେ ରୁଷର ଭୂମିକା ବୃଦ୍ଧି ପାଉଥିବା ବେଳେ ଉଦୀୟମାନ ବୈଶ୍ୱିକ ଶକ୍ତି ସମୂହ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ। ୨୦୨୫ ଡିସେମ୍ବରରେ ୨୩ ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ପୁଟିନ୍ ଶେଷଥର ପାଇଁ ଭାରତ ଗସ୍ତରେ ଆସିଥିଲେ। ପ୍ରକାଶଥାଉକି, ବ୍ରିକ୍ସରେ ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ପ୍ରମୁଖ ସଦସ୍ୟ ରାଷ୍ଟ୍ର ରହିଛନ୍ତି। ୨୦୨୧ ମସିହା ସେପ୍ଟେମ୍ବର ମାସରେ ଭାରତ ୧୩ ତମ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିଥିଲା।

## ଚଣ୍ଡୀଗଡ଼ର ୫ ସ୍କୁଲକୁ ବୋମା ଧମକ



ନୂଆଦିଲ୍ଲୀ,୧୬।୪: ଗୁରୁବାର ଚଣ୍ଡୀଗଡର ୫ ଟି ସ୍କୁଲକୁ ବୋମା ଧମକ ଆସିଛି। ଏହାପରେ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ସ୍କୁଲସବୁକୁ ଖାଲି କରି ଦିଆଯାଇଥିଲା। ବିଭିନ୍ନ ସେକ୍ଟରର ପାଞ୍ଚଟି ପ୍ରମୁଖ ସ୍କୁଲକୁ ବୋମା ବିସ୍ଫୋରଣ ନେଇ ଧମକପୂର୍ଣ୍ଣ ଇମେଲ୍ ମିଳିବା ପରେ ସମସ୍ତେ ଆତଙ୍କିତ ହୋଇଯାଇଥିଲେ। ସେକ୍ଟର ୪୯ରେ ଥିବା ରିଆନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ, ସେକ୍ଟର ୪୫ରେ ଥିବା ସେଣ୍ଟ ଷ୍ଟିଫେନ୍ସ ସ୍କୁଲ, ସେକ୍ଟର ୪୧ରେ ଥିବା ଅଜିତ କରମ ସିଂହ ସ୍କୁଲ, ସେକ୍ଟର ୩୨ରେ ସାମ୍ପିନ୍ସ ସ୍କୁଲ ଏବଂ ସେକ୍ଟର ୨୬ରେ ଥିବା ସେଣ୍ଟ ଜନ୍ ସ୍କୁଲକୁ ବୋମା ଧମକ ପରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ପିଟିଆଇର ସୂଚନା ଅନୁସାରେ, ଧମକ ମିଳିବା ମାତ୍ରେ ପୋଲିସର ବହୁ ଟିମ୍, ବମ୍ ସ୍କ୍ୱାଡ ଓ ଡଗ୍ ସ୍କ୍ୱାଡ ଘଟଣାସ୍ଥଳରେ ପହଁଞ୍ଚି ଯାଇଥିଲେ। ସୁରକ୍ଷାରେ କୌଣସି ପ୍ରକାର ଯେପରି ଅଭାବ ନହୁଏ, ଏଥିପାଇଁ ଫାୟର ବ୍ରିଗେଡ୍ ଓ ଆମ୍ବୁଲାନ୍ସକୁ ଷ୍ଟାଣ୍ଡବାୟ ରଖାଯାଇଛି। ବର୍ତ୍ତମାନ ପୋଲିସର ଏକ ଟିମ୍ ଗୋଟିଏ ଗୋଟିଏ କ୍ଲାସ, ଡେସ୍କ ଓ ସ୍କୁଲର ପ୍ରତି କୋଣ ଅନୁକୋଣକୁ ସତର୍କତାର ସହ ତଲାସୀ ନେଉଛି।

# ଭୁଶୁଡ଼ିବ କୃଷି ଅର୍ଥନୀତି, ହ୍ରାସ ପାଇବ ଖରିଫ ଉତ୍ପାଦନ





ନୂଆଦିଲ୍ଲୀ, ୧୬।୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର କୃଷି ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା ଉପରେ ବଡ଼ ପ୍ରଭାବ ପକାଇବାର ଆଶଙ୍କା ରହିଛି । ଆଗାମୀ ଖରିଫ ଋତୁରେ ଦୁର୍ବଳ ମୌସୁମୀ, ଏଲ୍‌ନିନୋ ସ୍ଥିତି ଏବଂ ସାର ଯୋଗାଣ ସଙ୍କଟ ଯୋଗୁ ଉତ୍ପାଦନ ବୃହତ୍ ମାତ୍ରାରେ ପ୍ରଭାବିତ ହୋଇପାରେ। ରେଟିଂ ଏଜେନ୍ସି ଇକ୍ରା ରିପୋର୍ଟ ମୁତାବକ, ମୌସୁମୀ ସ୍ୱାଭାବିକ ସ୍ତରରୁ କମ୍ ରହିବା ଖରିଫ୍ ଚାଷକୁ କ୍ଷତି ପହଞ୍ଚାଇବ। ଫଳରେ କୃଷି ଉତ୍ପାଦନ କମିବ। ଏହା ଦ୍ୱାରା କୃଷି କ୍ଷେତ୍ରକୁ ନଗଦ ପ୍ରବାହ ପ୍ରଭାବିତ ହେବା ସହ ଖାଦ୍ୟ ସାମଗ୍ରୀ ଦର ତେଜିବ। ତେବେ ସରକାର କହିଛନ୍ତି ଯେ, ଖରିଫ କୃଷି ଲାଗି ପର୍ଯ୍ୟାପ୍ତ ସାର ମହଜୁଦ ରହିଛି। ଦେଶର ମୋଟ କୃଷି ଉତ୍ପାଦନରେ ଖରିଫ କୃଷି ସାମଗ୍ରୀର ଅଂଶ ୬୦% ରହିଥାଏ। ସରକାର ପଟାସ ଏବଂ ଫସ୍‌ଫେଟ୍ ସାରର ଏନ୍‌ବିଏସ୍ ଦରକୁ ଅନୁମୋଦନ ଦେଇଛନ୍ତି। ୨୦୨୪ ଖରିଫ ଋତୁ ପାଇଁ ଏହି ସବ୍‌ସିଡି ୪୧,୫୩୩ କୋଟି ଟଙ୍କା ରହିଛି। ଭାରତୀୟ ପାଣିପାଗ ବିଭାଗ ଏହାର ପ୍ରଥମ ଅନୁମାନରେ କହିଛି ଯେ, ମୌସୁମୀ ସ୍ୱାଭାବିକ ସ୍ତର ଠାରୁ ନିମ୍ନରେ ରହିବ। ଦକ୍ଷିଣ ପଶ୍ଚିମ ମୌସୁମୀ ଦୀର୍ଘ ସମୟ ହାରାହାରି (ଏଲ୍‌ପିଏ)୯୨% ରହିଛି।

**ଏଲ୍‌ନିନୋ ଆଶଙ୍କା**

ସେହିଭଳି ବିଶ୍ୱ ପାଣିପାଗ ଏଜେନ୍ସି ମୁତାବକ, ୨୦୨୬ ଜୁନ ଏବଂ ଅଗଷ୍ଟ ମଧ୍ୟରେ ଏଲ୍‌ନିନୋ ଆସିବାର ଆଶଙ୍କା ରହିଛି। ଏହା ଦକ୍ଷିଣ ପଶ୍ଚିମ ମୌସୁମୀକୁ ପ୍ରଭାବିତ କରିପାରେ, ଯାହା କୃଷି ଉତ୍ପାଦନ ଉପରେ ରିସ୍କ ଆଣିବ।

ଏହାବାଦ ଆମେରିକା ଇରାନ ଯୁଦ୍ଧ ଯୋଗୁ ଦେଶର କୃଷକମାନେ ବଡ଼ ମାତ୍ରାରେ ପ୍ରଭାବିତ ହେବା ନେଇ ଆକଳନ କରାଯାଇଛି। କାରଣ ମଧ୍ୟପ୍ରାଚ୍ୟରୁ ଦେଶକୁ ୨୬% ସାର ଆସିଥାଏ। ପଶ୍ଚିମ ଏସିଆ ଦେଶଗୁଡ଼ିକରୁ ଭାରତ ଏକ ଚତୁର୍ଥାଂଶ ସାର ଆଣିଥାଏ। ବର୍ତ୍ତମାନର ଯୁଦ୍ଧ ଯୋଗୁ ଯୋଗାଣ ପ୍ରଭାବିତ ହେବା ନେଇ କେୟାରଏଜ ରେଟିଂ ପ୍ରକାଶ କରିଛି। ଭାରତ ଏବେ ସାର ଚାହିଦା ପୂରଣ କରିବା ଲାଗି ବିକଳ୍ପ ଉତ୍ସ ଉପରେ ନିର୍ଭର କରୁଛି । ସେହିଭଳି ଖରିଫ କୃଷିରେ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କୃଷକଙ୍କ ଲାଗି ଉପାଦେୟ ହୋଇପାରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରିଛି ।

ଆର୍ଥିକ ବର୍ଷ ୨୦୨୫-୨୬ର ଫେବ୍ରୁଆରୀ ସୁଦ୍ଧା ଦେଶ ୨୨୨.୮୪ ଲକ୍ଷ ଟନ୍ ସାର ଆମଦାନି କରିଛି। ଏଥିରେ ୟୁରିଆ ୯୭.୯୯ ଲକ୍ଷ ମେଟ୍ରିକ ଟନ, ଡିଏପି ୬୧.୬୭ ଲକ୍ଷ ଟନ, ଏନ୍‌ପିକେ ୩୫.୪ ଲକ୍ଷ ଟନ, ପଟାସ ୨୭.୭୨ ଲକ୍ଷ ଟନ୍ ରହିଛି । ଭାରତର ଚୀନ ଠାରୁ ସାର ଆମଦାନି ୩ ବର୍ଷର ସର୍ବୋଚ୍ଚ ସ୍ତର ୨୧.୨୪ ଲକ୍ଷ ଟନ୍ ରହିଛି । ରୁଷରୁ ଆସିଛି ୧୩.୯୯ ଲକ୍ଷ ମେଟ୍ରିକ ଟନ ସାର । ଦେଶର ସାର ଉତ୍ପାଦନ କ୍ଷମତା ୩୧୪ ଲକ୍ଷ ମେଟ୍ରିକ ଟନ୍‌କୁ ବଢ଼ିଛି। ୨୦୨୫-୨୬ ଅବଧିରେ ଦେଶର ସାର ଚାହିଦା ୭୦.୭ ନିୟୁତ ମେଟ୍ରିକ ଟନ୍ ଛୁଇଁଛି । ଭାରତ ରୁଷ, ବେଲାରୁଷ, ସାଉଦି ଆରବ, ଜୋର୍ଡାନ, ୟୁଏଇ, ଓମାନ, କତାର, ଚୀନ, ଇଣ୍ଡୋନେସିଆ, ମାଲେସିଆ, ମରୋକୋ, ଇଜିପ୍ଟ, ଆଲଜେରିଆ, ଟୋଗୋ, କାନାଡା ଏବଂ ଅଷ୍ଟ୍ରେଲିଆ ଭଳି ଦେଶରୁ ସାର ଆମଦାନି କରିଥାଏ। ଯୁଦ୍ଧ ସ୍ଥିତିରେ ଭାରତ ମରୋକୋ, କାନାଡା, ଇଣ୍ଡୋନେସିଆ, ମାଲେସିଆ, ଆଲଜେରିଆ, ଇଜିପ୍ଟ ଏବଂ ଟୋଗୋ ଭଳି ଦେଶ ଗୁଡ଼ିକୁ ସାର ଆମଦାନିର ବିକଳ୍ପ ଭାବେ ବିଚାର କରୁଛି

## ସମାଜବାଦୀ ପାର୍ଟି ତା'ର ସବୁ ଟିକେଟ୍ ମୁସଲିମଙ୍କୁ ଦେଇଦେଉ: ଶାହ



ନୂଆଦିଲ୍ଲୀ,୧୬।୪: ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ବିଚାର ଏବଂ ପାସ କରିବା ପାଇଁ ସଂସଦର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ ଗୁରୁବାର ଦିନ କେନ୍ଦ୍ର ସରକାର ୩ଟି ବିଲ୍ ଆଗତ କରିଛନ୍ତି। କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ସମେତ ଅନେକ ବିରୋଧୀ ଦଳ ଏହି ବିଲ୍ ଗୁଡ଼ିକୁ ବିରୋଧ କରିଥିଲେ। ପ୍ରସ୍ତାବଗୁଡ଼ିକର ସମର୍ଥନରେ ଭୋଟ୍ ପରେ ଗୃହରେ ଏହାର ଆଲୋଚନା ହୋଇଥିଲା। କଂଗ୍ରେସ ସାଂସଦ କେ.ସି. ବେଣୁଗୋପାଳଙ୍କ ବିରୋଧର ଜବାବରେ, ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ସେ ବିଲଗୁଡ଼ିକର ଯୋଗ୍ୟତା ଉପରେ କହିପାରିବେ ନାହିଁ । ମହିଳା ସଂରକ୍ଷଣ ବିଲକୁ ନେଇ ତର୍କ ବିତର୍କ ଚାଲିଛି । ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ ଓବିସି ସମ୍ପ୍ରଦାୟର ମହିଳା ଏବଂ ମୁସଲିମ ମହିଳାଙ୍କ ପାଇଁ କାହିଁକି ପୃଥକ ବ୍ୟବସ୍ଥା ବୋଲି ଦାବି କରିଛନ୍ତି। ସଂରକ୍ଷଣରେ କୌଣସି ବ୍ୟବସ୍ଥା କାହିଁକି ନାହିଁ ବୋଲି ପଚାରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ସିଧାସଳଖ ଜବାବ ଦେଇଛନ୍ତି । ସେ କହିଛନ୍ତି ସମ୍ବିଧାନରେ ଧର୍ମ ଆଧାରରେ ସଂରକ୍ଷଣର କୌଣସି ଉଲ୍ଲେଖ ନାହିଁ। ଅମିତ ଶାହ ସ୍ପଷ୍ଟ ଭାବେ କହିଛନ୍ତି କି, ସରକାର ମୁସଲମାନଙ୍କ ପାଇଁ ସଂରକ୍ଷଣ ପାଇଁ କୌଣସି ପ୍ରସ୍ତାବ ଗ୍ରହଣ କରିବେ ନାହିଁ। ଏହା ସମ୍ବିଧାନ ବିରୋଧରେ । ସମାଜବାଦୀ ପାର୍ଟି ଯଦି ଚାହେଁ ସେ ତାର ସମସ୍ତ ଟିକେଟ୍ ମୁସଲିମ ମହିଳାଙ୍କୁ ଦେ ଦେଉ ଆମର କିଛି ଆପତ୍ତି ନାହିଁ ।

## ଇସ୍ରାଏଲ, ଲେବାନନ ୧୦ ଦିନିଆ ଅସ୍ତ୍ରବିରତି ପାଇଁ ରାଜି: ଟ୍ରମ୍ପ



ୱାଶିଂଟନ, ୧୬।୪: ଇସ୍ରାଏଲ ଏବଂ ଲେବାନନ ୧୦ ଦିନିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହି ଅସ୍ତ୍ରବିରତି ଆଜି ସନ୍ଧ୍ୟା ୫ଟା (ଭାରତୀୟ ସମୟ ରାତି ୩ଟା ୩୦) ରୁ ଲାଗୁ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ ସେୟାର କରି ଘୋଷଣା କରିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ, ଏହି ଅସ୍ତ୍ରବିରତି ଫଳରେ ସୀମାରେ ଲାଗି ରହିଥିବା ଉତ୍ତେଜନା ହ୍ରାସ ପାଇବ। ଲେବାନନ ରାଷ୍ଟ୍ରପତି ଜୋସେଫ ଅଉନ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

## ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ସସ୍ମିତ ପାତ୍ର



ନୂଆଦିଲ୍ଲୀ, ୧୬।୪: ଗୁରୁବାର ରାଜ୍ୟସଭା ଉପାଧ୍ୟକ୍ଷଙ୍କ ପ୍ୟାନେଲର ପୁନର୍ଗଠନ କରାଯାଇଥିବା ବେଳେ ପ୍ୟାନେଲକୁ ବିଜେଡି ସାଂସଦ ବିଧାୟକ ସସ୍ମିତ ପାତ୍ରଙ୍କୁ ମନୋନୀତ କରାଯାଇଛି। ସସ୍ମିତ ପାତ୍ରଙ୍କ ସହ ପୁନର୍ଗଠିତ କମିଟିରେ ବିଜେପିର ଦୀନେଶ ଶର୍ମା, ଏସ୍ ଫାଙ୍ଗନୋନ୍ କୋନ୍ୟାକ୍ ଓ ଘନଶ୍ୟାମ ତିୱାରୀ ରହିଥିବା ବେଳେ କଂଗ୍ରେସରୁ ଫୁଲୋଦେବୀ ନେତମ, ଏଆଇଏଡିଏମକେରୁ ଏମ୍ ଥାମ୍ବିଦୁରାଇ ପ୍ରମୁଖ ପ୍ୟାନେଲରେ ରହିଛନ୍ତି। ରାଜ୍ୟସଭା ମହାସଚିବ ପିସି ମୋଦୀ ଗୃହରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଉଭୟ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଅନୁପସ୍ଥିତ ଥିବା ସମୟରେ ପ୍ୟାନେଲର ସଦସ୍ୟମାନଙ୍କୁ ଗୃହରେ ଅଧ୍ୟକ୍ଷତା କରିବାକୁ ଆହ୍ୱାନ କରାଯାଏ। ଅଧ୍ୟକ୍ଷ ଥିବା ସମୟରେ ସେମାନେ ଅଧ୍ୟକ୍ଷଙ୍କ ପରି ସମାନ କ୍ଷମତା ପ୍ରୟୋଗ କରିବା ସହ ଶୃଙ୍ଖଳା ବଜାୟ ରଖିବା, ବିତର୍କକୁ ନିୟନ୍ତ୍ରଣ କରିବା ଏବଂ ଅଧିବେଶନ ସମୟରେ ଗୃହର ସୁପରିଚାଳନା ସୁନିଶ୍ଚିତ କରିଥାନ୍ତି। ଉପାଧ୍ୟକ୍ଷ ଏକ ସ୍ଥାୟୀ ସାମ୍ବିଧାନିକ ପଦବୀ ହୋଇଥିବା ବେଳେ ଉପାଧ୍ୟକ୍ଷ ପ୍ୟାନେଲର ସଦସ୍ୟମାନେ ଆବଶ୍ୟକତା ଅନୁଯାୟୀ ପାଳି କରି ଅଧ୍ୟକ୍ଷତା କରିଥାନ୍ତି।

# ଗଠିତ ହେଲା ଏଆଇ ପ୍ରଶାସନ ଓ ଆର୍ଥିକ ଗୋଷ୍ଠୀ

- ଶାସନ ସମ୍ବନ୍ଧୀୟ ପରିବର୍ତ୍ତିତ ପ୍ରାଥମିକତା ନେଇ ପରାମର୍ଶ ଦେବ
- କେନ୍ଦ୍ରୀୟ ସଂସ୍ଥାଗତ ବ୍ୟବସ୍ଥା ରୂପେ କାର୍ଯ୍ୟ କରିବ




ନୂଆଦିଲ୍ଲୀ, ୧୬।୪: ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏଆଇ ପ୍ରଶାସନ ଏବଂ ଆର୍ଥିକ ଗୋଷ୍ଠୀ (ଏଆଇଜିଇଜି) ଗଠନ କରିଛି। ଏହା ଏକ ଉଚ୍ଚସ୍ତରୀୟ ଆନ୍ତଃମନ୍ତ୍ରଣାଳୟ ସଂସ୍ଥା ଯାହା ଏଆଇ ପ୍ରଶାସନ ନୀତି ବିକାଶ ଏବଂ ସମନ୍ୱୟ ପାଇଁ ଭାରତର କେନ୍ଦ୍ରୀୟ ସଂସ୍ଥାଗତ ବ୍ୟବସ୍ଥା ରୂପେ କାର୍ଯ୍ୟ କରିବ। ଏଆଇଜିଇଜିର ସମ୍ବିଧାନ ଭାରତର ଏଆଇ ଶାସନ ମାର୍ଗଦର୍ଶିକା ଏବଂ ଆର୍ଥିକ ସର୍ବେକ୍ଷଣରେ ଦିଆଯାଇଥିବା ସଂସ୍ଥାଗତ ସୁପାରିସଗୁଡ଼ିକୁ ଆନୁଷ୍ଠାନିକ ରୂପେ କାର୍ଯ୍ୟକାରୀ କରିବ। ଏହି ମାର୍ଗଦର୍ଶିକାରେ ଏଆଇ ପ୍ରଶାସନ ଲାଗି ସମ୍ପୂର୍ଣ୍ଣ ସରକାରୀ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଲାଗି ଏକ ଆନ୍ତଃମନ୍ତ୍ରଣାଳୟ ସଂସ୍ଥା ପ୍ରତିଷ୍ଠା କରିବା ନିମନ୍ତେ ସୁପାରିସ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ନିୟାମକ ଏବଂ ପରାମର୍ଶଦାତା ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକୁ ଏକ ସୁସଂଗତ ରାଷ୍ଟ୍ରୀୟ ରଣନୀତି ଅନୁରୂପ ପ୍ରସ୍ତୁତ କରିବା। ସେହିପରି ଆର୍ଥିକ ସର୍ବେକ୍ଷଣରେ ଏପରି ଏକ ସମନ୍ୱୟକାରୀ ପ୍ରାଧିକରଣର ଆବଶ୍ୟକତାକୁ ରେଖାଙ୍କିତ କରାଯାଇଛି ଯାହା ଏଆଇର ଉପଯୋଗକୁ ଶ୍ରମ ସମ୍ବନ୍ଧୀୟ ବାସ୍ତବତା ଏବଂ ସାମାଜିକ ସ୍ଥିରତାର ପ୍ରାଥମିକତା ସହିତ ଅନୁକୂଳ କରିବାରେ ସକ୍ଷମ ହୋଇପାରିବ।

ଏଆଇଜିଇଜିର ଅଧ୍ୟକ୍ଷତା କରିବେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କରିବେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ ଏହାର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିବେ। ଏଆଇଜିଇଜିର ସଦସ୍ୟ ଭାବେ ନୀତିଗତ ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଓ ଆର୍ଥିକ ବ୍ୟାପାରରେ ସରକାରଙ୍କ ବରିଷ୍ଠ ଅଂଶୀଦାରମାନେ ସାମିଲ ରହିବେ। ଏଆଇଜିଇଜି ଭାରତର ଏଆଇ ଶାସନର ସଂସ୍ଥାଗତ ଢାଞ୍ଚା ମଧ୍ୟରେ ସର୍ବୋଚ୍ଚ ଆନ୍ତଃମନ୍ତ୍ରଣାଳୟ ସଂସ୍ଥା ଭାବରେ କାର୍ଯ୍ୟ କରିବ। ଏହାକୁ ଏକ ପ୍ରଯୁକ୍ତିବିଦ୍ୟା ଏବଂ ନୀତି ବିଶେଷଜ୍ଞ କମିଟି (ଟିପିଇସି) ଦ୍ୱାରା ସମର୍ଥିତ କରାଯିବ। ଏହା ଏଆଇଜିଇଜିକୁ ବିଶ୍ୱ ବିକାଶ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ବିପଦ, ନିୟନ୍ତ୍ରଣ ଓଏଆଇ ନୀତି ଏବଂ ଶାସନ ସମ୍ବନ୍ଧୀୟ ଅନ୍ୟାନ୍ୟ ପରିବର୍ତ୍ତିତ ପ୍ରାଥମିକତା ଉପରେ ବିଶେଷଜ୍ଞ ପରାମର୍ଶ ପ୍ରଦାନ କରିବ।

## ସେଣ୍ଟ ଜାଭିୟର ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ



ନାଉଗାଁ, ୧୬।୪ (ସଂଚାର ବ୍ୟୁରୋ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତ ଭାତପଡ଼ାସ୍ଥିତ ସେଣ୍ଟ ଜାଭିୟର ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଗତସିଂପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଛନ୍ତି, ଆଜିର ପିଲା କାଲିର ଭବିଷ୍ୟତ। ଶିକ୍ଷା ସହିତ ସେମାନଙ୍କ ଅନ୍ୟାନ୍ୟ ପ୍ରତିଭାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଭାବେ ସୁକାନ୍ତ କୁମାର ଲେଙ୍କା, ପ୍ରଫୁଲ୍ଲ କନକ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ ଜଗତଜୀବନ ଭୋଇ, ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ୨୦ ଯାଏ ଚାଲିବ ଗାଡ଼ି ଯାଞ୍ଚ ଅଭିଯାନ

କଟକ,୧୬।୪(ସଂଚାର ବ୍ୟୁରୋ): ଟ୍ରାଫିକ୍ ଉଲ୍ଲଂଘନକାରୀ ତଥା ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ପୁଣି ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଏହି ଯାଞ୍ଚ ଅଭିଯାନ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବ୍ୟାପକ ଭାବେ ଗାଡ଼ି ଯାଞ୍ଚ କରାଯିବା ସହ ବିନା ଡ୍ରାଇଭିଂ ତଥା ଅବୈଧ ଲାଇସେନ୍ସଧାରୀଙ୍କ ବିରୋଧରେ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଘୋଷଣା କରାଯାଇଛି। ଏହି ମର୍ମରେ ରାଜ୍ୟର ସମସ୍ତ ଆରଟିଓଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ବିଶେଷ ଭାବରେ ଟ୍ରାକ୍ଟର, ହାଇୱା, ଡମ୍ଫର ଓ ଟିପ୍ପର୍ ଗୁଡ଼ିକୁ ଯାଞ୍ଚ କରାଯିବ। ପୂର୍ବରୁ ମାର୍ଚ୍ଚ ୨୧ ତାରିଖରୁ ଏପ୍ରିଲ ୧୦ ଯାଏଁ ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ବିଶେଷ ଅଭିଯାନ କରାଯାଇଥିଲା। ଏହି ସମୟରେ ଅନେକ ସଂଖ୍ୟାରେ ଗାଡ଼ି ଚାଳକ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା। ଏଥିସହ ଅନେକ ହାଲୁକା ଯାନ ଲାଇସେନ୍ସରେ ଭାରୀଯାନ ମଧ୍ୟ ଚଳାଉଥିଲେ। ଏଭଳି ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସଡ଼କ ଦୁର୍ଘଟଣା ପାଇଁ ଏମାନେ ମୁଖ୍ୟ କାରଣ ସାଜିଥିଲେ। ଏହାକୁ ଦୃଷ୍ଟିରେ ରଖି ପୁଣି ଥରେ ଟ୍ରାଫିକ୍ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରିବ୍ୟୁନାଲରୁ କ୍ଲିନ୍‌ଚିଟ୍ ପାଇଥିବା ବ୍ୟକ୍ତି ଭୋଟ୍ ଦେଇପାରିବେ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୬।୪: ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ ଇନଟେନସିଭ ରିଭିଜନ୍ (ଏସଆଇଆର)କୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ନିର୍ବାଚନର ଠିକ୍ ପୂର୍ବରୁ ଆପିଲେଟ୍ ଟ୍ରିବ୍ୟୁନାଲରୁ ମଞ୍ଜୁରୀ ପାଇଥିବା ଲୋକଙ୍କୁ ମତଦାନର ଅଧିକାର ମିଳିବ ବୋଲି କୋର୍ଟ ସମ୍ବିଧାନର ଧାରା ୧୪୨ର ଉପଯୋଗ କରି ସୁନିଶ୍ଚିତ କରିଛନ୍ତି।

ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି, ଯେଉଁ ଲୋକଙ୍କ ନାଁ ଆପିଲେଟ୍ ଟ୍ରିବ୍ୟୁନାଲ ଦ୍ୱାରା ନିର୍ବାଚନର ଦୁଇଦିନ ପୂର୍ବରୁ ମଞ୍ଜୁର କରାଯିବ, ତାଙ୍କୁ ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭୋଟ୍ ଦେବାର ଅନୁମତି ମିଳିବ ମିଳିବ। କୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ୨୧ ଏପ୍ରିଲ୍ କିମ୍ବା ୨୭ ଏପ୍ରିଲ୍ ୨୦୨୬ ସୁଦ୍ଧା ଆପିଲେଟ୍ ନିର୍ଦ୍ଦେଶ ଲାଗୁକରି ସଂଶୋଧିତ ଭୋଟର ତାଲିକା ଜାରି କରାଯାଉ। ଏହାଫଳରେ ଯୋଗ୍ୟ ନାଗରିକମାନେ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହେବେ ନାହିଁ। ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନଙ୍କର ଆବେଦନ ବିଚାରାଧୀନ ଅଛି, କେବଳ ସେହି ଆଧାରରେ ସେମାନଙ୍କୁ ସେମାନଙ୍କର ଭୋଟ୍ ଅଧିକାର ଫେରାଇ ଦିଆଯିବ ନାହିଁ। ଏହାର ଅର୍ଥ ହେଉଛି ଆବେଦନ ପ୍ରକ୍ରିୟା ସମାପ୍ତ ହେବା ଆବଶ୍ୟକ। ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଏପରି ବ୍ୟକ୍ତିମାନଙ୍କ ପାଇଁ ଏକ ସପ୍ଲିମେଣ୍ଟରୀ ଭୋଟର ଲିଷ୍ଟ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନର୍ଲା ବିଧାୟିକାଙ୍କ ସ୍ୱାମୀଙ୍କୁ ଆଶ୍ୱସ୍ତି

- ହାଇକୋର୍ଟ ଦେଲେ ଅନ୍ତରୀଣ ଜାମିନ୍

କଟକ,୧୬।୪(ସଂଚାର ବ୍ୟୁରୋ): ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାପାତ୍ରଙ୍କୁ ଆଜି ଆଶ୍ୱସ୍ତି ମିଳିଛି। କଳାହାଣ୍ଡି ଜିଲ୍ଲାର ଜନୈକ ତହସିଲଦାରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ସକାଶେ ଧମକ ଦେଇ ବିବାଦରେ ଫସିଥିଲେ ଦୁର୍ଗା ପ୍ରସାଦ। ଏନେଇ ସମ୍ପୃକ୍ତ ତହସିଲଦାର ଅଭିଯୋଗ କରିବା ପରେ କେସିଙ୍ଗା ପୁଲିସ୍ ବିଧାୟିକାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଖୋଳତାଡ଼ କରିଥିଲେ। ଏହି ଘଟଣାରେ ଗିରଫଦାରୀରୁ ବର୍ତ୍ତିବା ପାଇଁ ଦୁର୍ଗା ପ୍ରସାଦ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ଆଜି ହାଇକୋର୍ଟ ତାଙ୍କ ଆଗୁଆ ଜାମିନ୍ ଆବେଦନକୁ ମଞ୍ଜୁର କରିବା ଫଳରେ ଦୁର୍ଗା ପ୍ରସାଦଙ୍କୁ ଆଶ୍ୱସ୍ତି ମିଳିଛି।

## ବିଏସ୍‌ଏଫ୍ କ୍ୟାମ୍ପରେ ଅଗ୍ନିକାଣ୍ଡ, ଯବାନ ଜୀବନ୍ତ ଦଗ୍ଧ



କୋଲକାତା,୧୬।୪(ସଂଚାର ବ୍ୟୁରୋ): ହିଙ୍ଗଲଗଞ୍ଜ ବିଏସ୍‌ଏଫ୍ କ୍ୟାମ୍ପରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ବିଏସ୍‌ଏଫ୍ ଯବାନ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୁରୁବାର ସକାଳେ ୭୭ତମ ବିଏସ୍‌ଏଫ୍ ବାଟାଲିୟନର ଏକ କୋଠରିରେ ଅଗ୍ନିକାଣ୍ଡ ଘଟିଥିଲା। ମୃତ ଯବାନ ହେଉଛନ୍ତି ରାମ ସିଂହ। ପ୍ରାପ୍ତ ସୂଚନା ଅନୁଯାୟୀ, କ୍ୟାମ୍ପର ପେଟ୍ରୋଲ ପମ୍ପ ସଂଲଗ୍ନ ଏକ କୋଠରୀରେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଯାଇଥିଲା। ଯବାନ ରାମ ସିଂହ କୋଠରୀ ଭିତରେ ଫସି ଯାଇଥିଲେ। ତାଙ୍କ ସାଥୀ ଯବାନମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ବି ବିଫଳ ହୋଇଥିଲେ। ଦମକଳ ଗାଡ଼ି ଏବଂ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତକରି ଯବାନଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା।

# କୁଆଡେ ଯାଉଛନ୍ତି ଅଣ୍ଡିରା ବାଛୁରୀ ?

ଭୁବନେଶ୍ୱର,୧୬।୪: ରାଜ୍ୟରେ ପ୍ରତିବର୍ଷ ଜନ୍ମ ହେଉଥିବା ଲକ୍ଷାଧିକ ଅଣ୍ଡିଆ ବାଛୁରୀ କୁଆଡେ ଯାଉଛନ୍ତି ? ଗାଁଗହଳରେ ହଳ ବଦଳ କିମ୍ବା ଶଗଡ଼ ଗାଡ଼ି ଆଉ ଦୃଶ୍ୟମାନ ହେଉ ନ ଥିବା ବେଳେ ଅଧିକାଂଶ ସ୍ଥାନରେ ଲୋକେ ଏମାନଙ୍କୁ ଷଣ୍ଢ କରି ଖୋଲାରେ ଛାଡ଼ି ଦେଉଛନ୍ତି। ତେବେ ଜନ୍ମ ହେଉଥିବା ଅଣ୍ଡିରା ବାଛୁରୀଙ୍କ ତୁଳନାରେ ଢେର କମ୍ ସଂଖ୍ୟାରେ ଷଣ୍ଢ ଦେଖିବାକୁ ମିଳୁଥିବାରୁ ଏହି ବାଛୁରୀମାନଙ୍କ ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ରାଜ୍ୟରେ ଅଣ୍ଡିରା ବାଛୁରୀଙ୍କ ଜନ୍ମ ସଂଖ୍ୟା ହ୍ରାସ ପାଇଛି। କିନ୍ତୁ ବାର୍ଷିକ ଏହା ୧ ଲକ୍ଷ ୨୦ ହଜାର ଉପରେ ରହିଛି। ସରକାରୀ ହିସାବରେ ୨୦୨୩-୨୪ ରେ ରାଜ୍ୟରେ କୃତ୍ରିମ ପ୍ରଜନନ ମାଧ୍ୟମରେ ୨ ଲକ୍ଷ ୨୭ ହଜାରରୁ ଅଧିକ ଅଣ୍ଡିରା ବାଛୁରୀ ଜନ୍ମ ହୋଇଥିବା ବେଳେ ୨୦୨୪-୨୫ରେ ଏହି ସଂଖ୍ୟା ୧ ଲକ୍ଷ ୭୩ ହଜାରରୁ ଅଧିକ ରହିଥିଲା। ସେହିପରି ୨୦୨୫-୨୬ ରେ ଜନ୍ମ ହୋଇଥିବା ଅଣ୍ଡିରା ବାଛୁରୀଙ୍କ ସଂଖ୍ୟା ୧ ଲକ୍ଷ ୨୦ ହଜାରକୁ ହ୍ରାସ ପାଇଥିଲା। ଗାଁଗହଳରେ ଆଉ ହଳ ବଳଦର ଚାହିଦା ନ ଥିବାରୁ ଲୋକେ ଏମାନଙ୍କୁ ବଳଦ କରିବା ପରିବର୍ତ୍ତେ ବିଭିନ୍ନ ଦେବାଳୟ ନିକଟରେ ଷଣ୍ଢକରି ଛାଡ଼ି ଦେଉଛନ୍ତି। ଖୋଲା ବୁଲୁଥିବା ଏହି ଷଣ୍ଢଗୁଡ଼ିକ ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ଖାଇବା ସହ ରାସ୍ତାଘାଟରେ ବୁଲିବା ଯୋଗୁଁ ଦୁର୍ଘଟଣାର କାରଣ ପାଲଟୁଛନ୍ତି। ଖୋଦ ସରକାର ମଧ୍ୟ ଏଭଳି ଦୁର୍ଘଟଣା ଓ ଫସଲହାନିକୁ ସ୍ୱୀକାର କରୁଛନ୍ତି। ତେବେ ଜନ୍ମ ହେଉଥିବା ଅଣ୍ଡିରା ବାଛୁରୀଗୁଡ଼ିକ କ୍ଷୀର ଛାଡ଼ିବା ପରେ ଯେତେ ସଂଖ୍ୟାରେ ବାହାରେ ଛାଡ଼ି ଦିଆଯାଉଛି ପରବର୍ତ୍ତୀ ସମୟରେ ସେମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ। କିଛି ଗୋମାଫିଆ ଏମାନଙ୍କୁ ରାତାରାତି ଧରି ଅନ୍ୟ ସ୍ଥାନକୁ ଚାଲାଣ କରିଦେଉଥିବାର ଅଭିଯୋଗ ବି ଆସୁଛି। ବିଭିନ୍ନ ସ୍ଥାନରୁ ଜବତ ହେଉଥିବା ଗୋରୁ ଗାଡ଼ିଗୁଡ଼ିକରୁ ମଧ୍ୟ ଏହା ଦେଖିବାକୁ ମିଳୁଛି। ତେବେ ଇତିମଧ୍ୟରେ ଏଭଳି ଅଣ୍ଡିରା ବାଛୁରୀଙ୍କୁ ରାସ୍ତାଘାଟକୁ ନ ଛାଡ଼ିବାକୁ ସଚେତନତା ସୃଷ୍ଟି ସହ ସେମାନଙ୍କ ଥଇଥାନ ନିମନ୍ତେ ଗୋଶାଳା ନିର୍ମାଣ ପାଇଁ ସହାୟତା ଯୋଗାଇ ଦେଉଛନ୍ତି। ବିଭିନ୍ନ ପୌରସଂସ୍ଥା, ସ୍ୱେଚ୍ଛାସେବୀ ସଂସ୍ଥା, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଗୋଶାଳା ନିର୍ମାଣ ପାଇଁ ୯୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ତେବେ ଏହି ଗୋଶାଳାଗୁଡ଼ିକରେ ମୁଖ୍ୟତଃ ଗାଁଗହଳରେ ରଗ୍‌ଣ ଗୋରୁଗାଈଙ୍କ ସହ ବିଭିନ୍ନ ସ୍ଥାନରୁ ମାଫିଆଙ୍କ କବଳରୁ ଉଦ୍ଧାର ହେଉଥିବା ଗାଈଗୋରୁଙ୍କୁ ରଖାଯାଉଥିବା ଦେଖିବାକୁ ମିଳୁଛି। ରାଜ୍ୟରେ କୃତ୍ରିମ ପ୍ରଜନନ ମାଧ୍ୟମରେ ବର୍ଷକୁ ଲକ୍ଷାଧିକ ଅଣ୍ଡିରା ବାଛୁରୀ ଜନ୍ମ ହେଉଥିବା ବେଳେ ପ୍ରାକୃତିକ ଉପାୟରେ ବି ଆହୁରି ଅଧିକ ଅଣ୍ଡିରା ବାଛୁରୀ ଜନ୍ମ ହେଉଛନ୍ତି। ରାଜ୍ୟରେ ଯାନ୍ତ୍ରିକ କୃଷିର ପ୍ରସାର ପରେ ହଳ କିମ୍ବା ଶଗଡ଼ ଟାଣିବାକୁ ଆଉ ବଳଦଙ୍କର ଆବଶ୍ୟକତା ପଡୁନାହିଁ। ଲୋକେ ବଳଦ ପାଳନ ଅପେକ୍ଷା ଗାଈ ପାଳନ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ଏଭଳି ସ୍ଥିତିରେ ଜନ୍ମ ହେଉଥିବା ଲକ୍ଷାଧିକ ଅଣ୍ଡିରା ବାଛୁରୀ କୁଆଡ଼େ ଯାଉଛନ୍ତି, ତାହା ଏବେ ବଡ଼ ପ୍ରଶ୍ନବାଚୀ ହୋଇଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧ...

କ୍ଷମା କରିବେ ନାହିଁ। ଆଜି ଯେଉଁମାନେ ଏହାକୁ ଅଟକାଇବାକୁ ଚେଷ୍ଟା କରିବେ, ସେମାନେ ଆଗାମୀ ଦିନରେ ଏହାର ପରିଣାମ ଭୋଗିବେ।

ପ୍ରଧାନମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ କରି ଆହୁରି କହିଛନ୍ତି ଯେ ୨୫-୩୦ ବର୍ଷ ତଳର ସ୍ଥିତି ଆଜି ଆଉ ନାହିଁ। ମହିଳାମାନେ ଆଜି ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଯଦି ପଞ୍ଚାୟତରେ ମହିଳାଙ୍କୁ ସଂରକ୍ଷଣ ମିଳିପାରୁଛି, ତେବେ ସଂସଦରେ କାହିଁକି ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ସୀମା ପୁନଃନିର୍ଦ୍ଧାରଣକୁ ନେଇ ରାଜନୀତି କରିବା ଅନୁଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି। ଡିଲିମିଟେସନ୍ ସମୟରେ ଦେଶର କୌଣସି ବି ପ୍ରାନ୍ତ ସହ ଭେଦଭାବ କରାଯିବ ନାହିଁ ବୋଲି ମୋଦି ଗ୍ୟାରେଣ୍ଟି ଦେଇଛନ୍ତି। ସେ କହିଛନ୍ତି, ‘ମୁଁ ପଛୁଆ ବର୍ଗରୁ ଆସିଛି, କିନ୍ତୁ ସବୁ ବର୍ଗକୁ ସମ୍ମାନ ଦେଇ ଆସିଛି’। ୩୦ ବର୍ଷ ହେଲା ମହିଳାମାନେ ନିଜ ହକ ପାଇଁ ଅପେକ୍ଷା କରିଛନ୍ତି, ଏବେ ଆଉ ଡେରି କରିବା ଉଚିତ ନୁହେଁ। ମହିଳାଙ୍କ ଭାଗିଦାରୀ ବିନା ଦେଶର ପ୍ରଗତି ଅଧୁରା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ବିରୋଧୀ ଦଳଗୁଡ଼ିକୁ କହିଛନ୍ତି, ଆପଣ ଚାହିଁଲେ ଏହାର ଶ୍ରେୟ ନିଅନ୍ତୁ, ମାତ୍ର ଏହି ବିଲ୍ ପାରିତ କରାନ୍ତୁ। ଆଜି ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କୁ ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା। ବିରୋଧୀଙ୍କୁ ଆକ୍ଷେପ କରିବା ପରିବର୍ତ୍ତେ ପିଏମ ମୋଦୀ ବିରୋଧୀ ନେତାଙ୍କୁ ମହିଳା ସଂରକ୍ଷଣ ବିଧେୟକ ପାରିତ ନ କରାଇବାର ଭୁଲ ନ କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ମୁଁ ଆପଣଙ୍କୁ ବ୍ଲାଙ୍କ ଚେକ୍ ଦେଉଛି। ଯଦି ଚାହୁଁଛନ୍ତି, ଆପଣଙ୍କୁ ଶ୍ରେୟ ମିଳିବ, ସରକାରୀ ଅର୍ଥରେ ଆପଣ ସମସ୍ତଙ୍କ ଫଟୋ ଛାପିବାକୁ ଆମେ ପ୍ରସ୍ତୁତ। ଆପଣ ଯାହା ଯାହାଙ୍କ ଫଟୋ ଦେବେ ଆମେ ସମସ୍ତଙ୍କ ଫଟୋ ସରକାରୀ ଖର୍ଚ୍ଚରେ ଲଗାଇବୁ। ଏହା ବଦଳରେ ଏହି ବିଧେୟକକୁ ସଂସଦରେ ପାରିତ କରିବାରେ ସାହାଯ୍ୟ କରନ୍ତୁ ବୋଲି ମୋଦି ଆହ୍ୱାନ ଦେଇଛନ୍ତି।

ସେପଟେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣର ଆଳ ଦେଖାଇ ଏକ ‘ତ୍ରୁଟିପୂର୍ଣ୍ଣ’ ସୀମା ନିର୍ଦ୍ଧାରଣ ବିଲ୍ ଆଣି ସଂସଦୀୟ ଓ ବିଧାନସଭା କ୍ଷେତ୍ରର ସୀମା ପୁନଃନିର୍ଦ୍ଧାରଣ କରିବାକୁ ଯୋଜନା କରିଛି ସରକାରୀ ଦଳ। ଯାହାକୁ କଂଗ୍ରେସ ଆଦୌ କରାଇଦେବନି ବୋଲି କହିଛନ୍ତି ଖଡଗେ। ସେହିଭଳି କଂଗ୍ରେସ ସାଂସଦ କୁମାରୀ ସେଲଜା କହିଛନ୍ତି, ମହିଳା ସଂରକ୍ଷଣକୁ କେହି ବିରୋଧ କରୁନାହାନ୍ତି। କିନ୍ତୁ ଏହାକୁ ଏତେ ତରତର ହୋଇ ଆଣିବା ଓ ସୀମା ନିର୍ଦ୍ଧାରଣ ସହ ଯୋଡ଼ିବା ପଛରେ ଉଦ୍ଦେଶ୍ୟ କ’ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ମହିଳା ସଂରକ୍ଷଣ ବିଲ୍ ସାଙ୍ଗରେ ସରକାର ଯେଉଁ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣୁଛନ୍ତି, ତାହା ଆଗକୁ ସଂସଦରେ ଦେଶର ଦକ୍ଷିଣ ଭାଗରେ ଥିବା ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଓଡ଼ିଶାର ପ୍ରଭାବକୁ ସୀମିତ କରିବ ବୋଲି ଅଭିଯୋଗ ବି ଉଠିଛି। ୨୦୧୧ ଜନଗଣନା ଆଧାରରେ ହେଉଥିବା ସୀମା ପୁନଃନିର୍ଦ୍ଧାରଣ ଫଳରେ ଏସବୁ ରାଜ୍ୟରେ ଲୋକସଭା ସିଟ୍ ଅନ୍ୟ ରାଜ୍ୟ ତୁଳନାରେ କମିବ ଓ ସଂସଦରେ ଏସବୁ ରାଜ୍ୟର ସ୍ୱର କମିବାକୁ ଯାଉଥିବା ଅଭିଯୋଗ କରିଛନ୍ତି ଦକ୍ଷିଣ ରାଜ୍ୟର ନେତା।

ସେମାନଙ୍କ ଅଭିଯୋଗ ଦକ୍ଷିଣ ରାଜ୍ୟଗୁଡ଼ିକ ପରିବାର ନିୟୋଜନ ଓ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଛନ୍ତି। କିନ୍ତୁ ଉତ୍ତର ଭାଗରେ ଥିବା ଉତ୍ତର ପ୍ରଦେଶ ଓ ବିହାର ଭଳି ରାଜ୍ୟ ଅଧିକ ଜନସଂଖ୍ୟା ଆଧାରରେ ଅଧିକ ଆସନ ପାଇବେ, ଯାହାକୁ ସେମାନେ ଭଲ କାମ ବଦଳରେ ଦଣ୍ଡ ବୋଲି ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଯୋଜନା କରିଛନ୍ତି ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାସ ହେଲେ ଆସନ୍ତା ୨୦୨୯ ସୁଦ୍ଧା କାର୍ଯ୍ୟକାରୀ ହେବ ୩୩ ପ୍ରତିଶତ କୋଟା। ସେପଟେ ସଂସଦରେ ସିଟ୍ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ। ରାଜ୍ୟଗୁଡ଼ିକରେ ୮୧୬ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ୩୪ଟି ସିଟ୍ ବଢ଼ିବ। ଆଉ ସେ ଭିତରୁ ମହିଳାଙ୍କ ପାଇଁ ୨୭୩ ସିଟ୍ ସଂରକ୍ଷିତ ରହିବ। ଏହି ସଂରକ୍ଷଣ ବ୍ୟବସ୍ଥା ଆଗାମୀ ୧୫ ବର୍ଷ ଲାଗି ବଳବତ୍ତର ରହିବ।

## ଦକ୍ଷିଣ...

ଏବେ ଏହି ୫ ରାଜ୍ୟରୁ ୧୯୫ ଜଣ ସାଂସଦ ଅର୍ଥାତ ୨୩.୯୦ ପ୍ରତିଶତ ପ୍ରତିନିଧିତ୍ୱ ହେବ। ଦେଶର ସବୁ ରାଜ୍ୟର ପ୍ରତିନିଧିତ୍ୱ ଏହି ହାରରେ ବୃଦ୍ଧି ପାଇବ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ତେଣୁ ବିରୋଧୀ ଦଳଗୁଡ଼ିକ ଦକ୍ଷିଣ ରାଜ୍ୟକୁ କେବଳ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଛି ବିଜେପି।

## ଲୋକ...

ସେମାନେ ଲୋକ ଭବନକୁ ଯିବେ ବୋଲି ପୂର୍ବରୁ ମଧ୍ୟ ଧାର୍ଯ୍ୟ ହୋଇଥିଲା। ଏନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ମଧ୍ୟ ଅବଗତ ଥିଲା। ଏହି ଦୁଇ ଅଧିକାରୀଙ୍କୁ ଲୋକ ଭବନରୁ ବାହାର କରିଦିଆଯାଇଥିବା ବେଳେ ତାଙ୍କ ସହ ଯାଇଥିବା ଅନ୍ୟ ଅଧିକାରୀ ଓ ଡ୍ରାଇଭରମାନେ ଲୋକ ଭବନ ପରିସରରେ ରହିଥିଲେ। ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଏଡିସି କରିଥିବା ଅଭିଯୋଗ ମଧ୍ୟ କ୍ୟାପିଟାଲ ଥାନାରେ ମିଛ ପ୍ରମାଣିତ ହୋଇଥିବା ଆୟକର କମିଶନର ରାଜ୍ୟପାଳଙ୍କ ସଚିବଙ୍କୁ ଜଣାଇଛନ୍ତି।

ଆଜି ରାଜଭବନ ପରିସରରେ ଯାହା ଘଟିଛି ସେ ସମ୍ପର୍କରେ ଦୁଇ ଅଧିକାରୀ ଲିଖିତ ଭାବେ ତାଙ୍କୁ ଦେଇଥିବା ଚିଠିକୁ ମଧ୍ୟ ସେ ରାଜ୍ୟପାଳଙ୍କ ସଚିବଙ୍କୁ ପଠାଇଛନ୍ତି। ସତ୍ୟପ୍ରକାଶ ମିଶ୍ର ଲେଖିଥିବା ଚିଠିରେ କହିଛନ୍ତି ଯେ ସେ ଆୟକର କାର୍ଯ୍ୟାଳୟରେ ସହକାରୀ କମିଶନର ଭାବେ କାର୍ଯ୍ୟ କରିବା ସହ ଲୋକ ସମ୍ପର୍କ ଦାୟିତ୍ୱ ମଧ୍ୟ ତୁଲାନ୍ତି। ସେ ନିଜେ ଲୋକ ଭବନ ସହ ଆୟକର କମିଶନରଙ୍କ ଗସ୍ତ କାର୍ଯ୍ୟକ୍ରମ ବାବଦରେ ଯୋଗାଯୋଗରେ ଥିଲେ। ୧୫ ତାରିଖରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗସ୍ତ ସୂଚୀ ଚୂଡ଼ାନ୍ତ ହେବା ସହ ଆୟକର କମିଶନର ଓ ତାଙ୍କ ସହ ଯାଉଥିବା ଅନ୍ୟ ଅଧିକାରୀଙ୍କ ଟେଲିଫୋନ ନମ୍ବର ମଗାଯାଇଥିଲା। ସେ ସମସ୍ତଙ୍କ ନମ୍ବର ମଧ୍ୟ ଶେୟାର କରିଥିଲେ। ଲୋକ ଭବନ ପକ୍ଷରୁ କେବଳ କମିଶନର ଓ ସମ୍ପୃକ୍ତ ଅଧିକାରୀମାନେ ହିଁ ରାଜ୍ୟପାଳଙ୍କୁ ଭେଟିପାରିବେ ବୋଲି କୁହାଯାଇଥିଲା। ତେଣୁ ସେ ଓ ଯୁଗ୍ମ କମିଶନର ମନୀଷ କୁମାର ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ମୁତାବକ ଆୟକର କମିଶନରଙ୍କ ସହ ଯାଇଥିଲେ। ବର୍ତ୍ତମାନର ରାଜ୍ୟପାଳ ଯେହେତୁ ଜଣେ ମେଳାପୀ ବ୍ୟକ୍ତି, ତେଣୁ କମିଶନରଙ୍କ ସହ ସେମାନେ ଗସ୍ତ କରିଥିଲେ। ପୂର୍ବାହ୍ନ ୧୦ଟା ୧୫ରୁ ୧୦ଟା ୩୦ ମଧ୍ୟରେ ତିନୋଟି ଗାଡ଼ିକୁ ବିନା କୌଣସି ଯାଞ୍ଚରେ ଲୋକ ଭବନ ମଧ୍ୟକୁ ଛଡ଼ାଗଲା। ଏଡିସି ସୂଚନା ଦେଇଥିଲେ ଯେ କେବଳ ଆୟକର କମିଶନର, ତାଙ୍କ ପତ୍ନୀ, ଦୁଇ ଜଣ ପମୁଖ କମିଶନର ଓ ପ୍ରଶାସନିକ କମିଶନର ରାଜ୍ୟପାଳଙ୍କୁ ଭେଟିବେ। ତେଣୁ ସେ ଓ ଯୁଗ୍ମ କମିଶନର ୱେଟିଂ ରୁମରେ ଅପେକ୍ଷା କରିଥିଲେ। ରାଜ୍ୟପାଳଙ୍କ ଓଏସଡିଙ୍କ ସହ ଏହି ଗସ୍ତକୁ ନେଇ ମଧ୍ୟ ତାଙ୍କର କିଛି ସମୟ ପାଇଁ କଥାବାର୍ତ୍ତା ହୋଇଥିଲା। ସେମାନେ ରାଜ୍ୟପାଳଙ୍କୁ ଭେଟିବାକୁ ଯିବାକୁ ନ ଥିବାରୁ ୱେଟିଂ ରୁମରେ ବସିଥିଲେ। କିନ୍ତୁ ହଠାତ ୪/୫ ଜଣ ପୁଲିସ ଅଫିସର ଏଡିସିଙ୍କ ନିର୍ଦ୍ଦେଶରେ ତାଙ୍କୁ ପୁଲିସ ଭ୍ୟାନରେ ବସାଇ କ୍ୟାପିଟାଲ ଥାନାକୁ ନେଇଯାଇଥିବା ସେ ଅଭିଯୋଗ କରିଥିଲେ। ଯୁଗ୍ମ କମିଶନର ମନୀଷ କୁମାର ମଧ୍ୟ ସମାନ ଅଭିଯୋଗ କରିଛନ୍ତି।

## ଶ୍ରୀମନ୍ଦିରରେ...

ହୋଇଥିବା ବିଷୟବସ୍ତୁ ମୋବାଇଲରୁ ଡିଲିଟ୍ କରାଯାଇଛି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ମନ୍ଦିର ପ୍ରଶାସନର ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ଓ କ୍ୟାମେରା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ କିପରି ଏଭଳି ଘଟଣା ଘଟିଲା ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ନାବାଳିକାଟି ମୋବାଇଲ୍ ଫୋନ୍ ସହ ମନ୍ଦିର ପରିସରରେ ପ୍ରବେଶ କରିପାରିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କିନ୍ତୁ ମୁଖ୍ୟ ଦ୍ୱାରରେ ଯାଞ୍ଚ ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ପୁଣିଥରେ ମନ୍ଦିର ଭିତରେ ମୋବାଇଲ୍ ପ୍ରବେଶ କରିଥିବାରୁ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଦୁଇ...

ପ୍ରମାଣ ସହ ଲିଖିତ ଅଭିଯୋଗ କରିଥିଲେ। ବିଜେପି ନେତାଙ୍କ ଅଭିଯୋଗ ଆଧାରରେ ତାଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟେଇ ଦିଆଯାଇଥିଲା।

ସମୟ କ୍ରମେ ୨୦୨୪ରେ ବିଜେଡି ହାରିଗଲା ଓ ବିଜେପି କ୍ଷମତାକୁ ଆସିଲା। ସେପଟେ ବ୍ରହ୍ମପୁର ଭଳି ଏକ ସମ୍ବେଦନଶୀଳ ପୁଲିସ ଜିଲ୍ଲାରେ ରାଜନୈତିକ ଚକ୍ରବ୍ୟୂହ ଭେଦି ଶର୍ବଣା ବିବେକ ଏବେ ବିଜେପି ନେତାଙ୍କ ଗୁଡ୍‌ବୁକ୍‌କୁ ଚାଲିଆସିଥିବା ଚର୍ଚ୍ଚା ହେଉଛି। କାରଣ ଦୁଇ ବର୍ଷ ଭିତରେ ସରକାର ଅନେକ ଆଇପିଏସ ଅଫିସରଙ୍କ ବଦଳି କରିଥିଲେ ବି ବିଜେଡି ସମୟରେ ନିଯୁକ୍ତ ଶର୍ବଣା ଏବେ ବି ବ୍ରହ୍ମପୁରରେ ଅଛନ୍ତି। ତେଣୁ ନିର୍ବାଚନ କମିଶନ ଏଭଳି ଜଣେ ଅଫିସର, ଯାହାଙ୍କ ବିରୋଧରେ ଦୁଇ ବର୍ଷେ ପୂର୍ବେ ଆଚରଣ ବିଧି ଉଲ୍ଲଂଘନର ଅଭିଯୋଗ ସହ ତାଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟାଯାଇଥିଲେ, ତାଙ୍କୁ ପଶ୍ଚିମବଙ୍ଗରେ କେମିତି ପୁଲିସ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଲେ ତାକୁ ନେଇ ପ୍ରଶ୍ନ ଉଠିଛି।

## ଜିଲ୍ଲାପାଳଙ୍କ...

ସେ କହିଛନ୍ତି ଯେ ଯେଉଁସବୁ ଜିଲ୍ଲାର ଜିଲ୍ଲାପାଳମାନେ ଅନୁଭବ କରିବେ ଯେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସ୍କୁଲ୍‌ଗୁଡ଼ିକୁ ଛୁଟି କରାଯିବା ଉଚିତ, ସେମାନେ ରିପୋର୍ଟ ଦେବା ପରେ ସେ ସଂକ୍ରାନ୍ତ ନିଷ୍ପତ୍ତି ନିଆଯିବ। ତାଙ୍କ କହିବାନୁସାରେ, ସରକାର କୌଣସି ପ୍ରକାର ନିଷ୍ପତ୍ତି ନେବା ସମୟରେ ପିଲାମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ପଶ୍ଚିମ ଓଡ଼ିଶାରେ ଏବେ କେତେକ ଜିଲ୍ଲାରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ହେଉଥିବା ନେଇ ସୂଚନା ରହିଛି। ତା’ ଉପରେ ମଧ୍ୟ ସରକାର ନଜର ରଖିଛନ୍ତି। ଉକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ରିପୋର୍ଟ ଦେଲେ ବିଭାଗ ପକ୍ଷରୁ ଛୁଟି ନେଇ ନିଷ୍ପତ୍ତି ନିଆଯିବ। ଏସଆରସି ହିଟ ୱେଭକୁ ନେଇ ବୈଠକ ଡାକି ସମୀକ୍ଷା କରିବା ପରେ ହିଁ ଖରା ଛୁଟି ପାଇଁ ନିଷ୍ପତ୍ତି ନିଆଯିବ। ଅର୍ଥାତ୍ ଏସଆରସିଙ୍କ ବୈଠକ ପରେ ହିଁ ସ୍କୁଲ ଛୁଟି ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## ବାପାଙ୍କ...

ହୋଇଗଲାଣି। ସେହିଭଳି ବିଜୁ ଲିଗାସୀ ନାଁରେ ଏକାଠି ହୋଇଛନ୍ତି ପ୍ରଭାତ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ, ବିଜୟ ମହାପାତ୍ରଙ୍କ ଭଳି ରାଜନେତା। ଏମାନେ ମଞ୍ଚ ଗଠନ କରି ବିଜେଡିକୁ ଖୋଲା ଚ୍ୟାଲେଞ୍ଜ୍ ଦେବା ଆରମ୍ଭ କରିଛନ୍ତି। ଏମାନଙ୍କ ସହ ଅଛନ୍ତି ବିଜେପି ସମର୍ଥନରେ ରାଜ୍ୟସଭା ଯାଇଥିବା ଦିଲ୍ଲୀପ ରାୟ। ତେବେ ବିଜୁ ଲିଗାସୀ ତାଲିକାରେ ଥିବା ନେତାଙ୍କ ପିଲାମାନଙ୍କର ଲମ୍ବା ରାଜନୈତିକ ଭବିଷ୍ୟତ ଥିବା ବେଳେ ସେମାନେ ଏବେ ଦଳରୁ ନିଲମ୍ବିତ। ବିଧାନସଭାରେ ଦଳୀୟ ନେତାଙ୍କଠାରୁ ଅଲଗା ବସୁଛନ୍ତି। ପୂର୍ବଭଳି ଆଉ ମତ ବ୍ୟକ୍ତ କରିବାର ସୁଯୋଗ ବି ନାହିଁ। ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉନାହାନ୍ତି ସେ। ଦଳରୁ ନିଲମ୍ବିତ ହେବାର କିଛିଦିନ ପର୍ଯ୍ୟନ୍ତ ଗଣମାଧ୍ୟମର ଶିରୋନାମା ପାଲଟିଥିବା ଏହି ଯୁବନେତାମାନେ ଧିରେ ଧିରେ ଅଲୋଡ଼ା ହେବାରେ ଲାଗିଛନ୍ତି। ଏମାନଙ୍କୁ ଗଣମାଧ୍ୟମ ପୂର୍ବଭଳି ଗୁରୁତ୍ୱ ଦେଉ ନ ଥିବା ବି ଲକ୍ଷ୍ୟ କରାଯାଉଛି।

କେବଳ ଏହି ବିଧାୟକମାନେ ନୁହଁନ୍ତି, ପୂର୍ବରୁ ମଧ୍ୟ ରାଜ୍ୟ ରାଜନୀତିର ଅନେକ ବରିଷ୍ଠ ନେତାଙ୍କ ପିଲାମାନେ ରାଜନୀତିରେ ସଫଳ ହୋଇଛନ୍ତି। ହେଲେ ପିତାମାନେ କ୍ଷମତା ମୋହରୁ ଦୂରେଇବା ଯୋଗୁଁ ଏମାନେ ନିର୍ବାଚନରେ ହାରିଥିଲେ ମଧ୍ୟ ଦଳୀୟ ରାଜନୀତିରେ ବେଶ୍ ସକ୍ରିୟ ରହିଛନ୍ତି। ଏହି ତାଲିକାରେ ରହିଛନ୍ତି କଳ୍ପତରୁ ଦାସଙ୍କ ପୁଅ ପ୍ରଣବ ବଳବନ୍ତରାୟ, ଡାକ୍ତର ଦାମୋଦର ରାଉତଙ୍କ ପୁତ୍ର ସମ୍ବିତ ରାଉତରାୟ, ପ୍ରଫୁଲ୍ଲ ଘଡ଼ାଇଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼ାଇ, ଅଶୋକ ଦାସଙ୍କ ପୁଅ ପ୍ରଣବ ପ୍ରକାଶ ଦାସ, ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ, ବିଷ୍ଣୁ ଦାସଙ୍କ ପୁଅ ବିଜୟ ଶଙ୍କର ଦାସ, ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ର, ଆନନ୍ଦ ଆଚାର୍ଯ୍ୟଙ୍କ ପୁଅ ଦେବେଶ ଆଚାର୍ଯ୍ୟ ପ୍ରମୁଖ।

ସେହିଭଳି ରାଜନୈତିକ ପିତାଙ୍କ ଉତ୍ତରାଧିକାରୀ ଭାବେ ଏବେ ବି ବିଧାନସଭାରେ ରହିଛନ୍ତି କଳିକେଶ ନାରାୟଣ ସିଂହଦେଓ, ସୁନୀଲ ମହାନ୍ତି, ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ଭଳି ଯୁବ ନେତାମାନେ। ଏମାନେ ନିଜ ନିଜ ଦଳ ସହିତ ଦୃଢ଼ ଭାବେ ଛିଡା ହୋଇଛନ୍ତି। ନିଜର ରାଜନୈତିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ବହୁ ଯୁବନେତା ଦଳ ସହ ଯୋଡ଼ି ହୋଇଥିବା ବେଳେ କିଛି ଯୁବନେତା କିନ୍ତୁ ନିଜ ନିଜ ପିତାଙ୍କ ରାଜନୈତିକ ଅଭିଳାଷ ପାଇଁ ଏବେ ସମସ୍ତ ଯୋଗ୍ୟତା ସତ୍ତ୍ୱେ ଅଲୋଡ଼ା ହେବାରେ ଲାଗିଛନ୍ତି। ଏହା ରାଜ୍ୟ ରାଜନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

## ବୃହତ...

ଟ୍ରିଲିଅନ୍ ଡଲାର୍ ରହିବ ବୋଲି ଆକଳନ କରାଯାଇଛି। ତେବେ ଭାରତ ଷଷ୍ଠ ସ୍ଥାନକୁ ଖସିଯିବା ପଛରେ କୌଣସି ଢାଞ୍ଚାଗତ ବିକାଶ ଦାୟୀ ନୁହେଁ, ବରଂ ଅନ୍ତର୍ଜାତୀୟ ଅର୍ଥନୀତିର ଦୁର୍ବଳ ଅବସ୍ଥା ଦାୟୀ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ଡଲାର୍ ତୁଳନାରେ ଭାରତୀୟ ମୁଦ୍ରା ସର୍ବକାଳୀନ ନିମ୍ନସ୍ତରକୁ ଚାଲିଯାଇଥିଲା।

## ୨ ଛାତ୍ରଛାତ୍ରୀ...

ସୂଚନାଯୋଗ୍ୟ ପଖାଳ ଖାଇଥିବା ଛାତ୍ରଛାତ୍ରୀ ଅଚାନକ ଅସୁସ୍ଥ ହୋଇପଡ଼ିଥିବା ବେଳେ ଗତକାଲି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାମଲାର ଆରଡ଼ିସି ସ୍ତରୀୟ ତଦନ୍ତ ସକାଶେ ନିର୍ଦ୍ଦେଶ ଦେବା ସହ ଛାତ୍ରୀ ରୁପାଲିଙ୍କ ପରିବାର ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିଲେ।

## ସାମୁଦ୍ରିକ...

ଏମଏସପି କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମଏସପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଉପକୂଳ ଅଞ୍ଚଳ ପାଇଁ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗାଇଥାଏ। ସ୍ଥାନୀୟ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧି ଓ ସନ୍ତୁଳିତ ପର୍ଯ୍ୟାବରଣ ପାଇଁ ଏହି ସମ୍ବଳଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ବିକାଶ କାର୍ଯ୍ୟକ୍ରମ, ପରିବେଶ ଉପରେ ଏହାର ପ୍ରଭାବ ଓ ବିଭିନ୍ନ କ୍ଷେତ୍ରର କ୍ରମାଗତ ଚାହିଦା ବୃଦ୍ଧି ଯୋଗୁ ସାମୁଦ୍ରିକ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଏମଏସପି ଏ କ୍ଷେତ୍ରରେ ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା ଆମର ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ଦୃଢ଼ ସମର୍ଥନ ଦେଇଆସିଛନ୍ତି। ଓଡ଼ିଶାର ବିକାଶ ପ୍ରତି ତାଙ୍କର ଫୋକସ ଯୋଗୁ ସହନଶୀଳ ସାମୁଦ୍ରିକ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏହାକୁ କାର୍ଯ୍ୟକାରୀ କରିବାର ସୁଯୋଗ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟକୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ନ୍ୟାସନାଲ୍ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚ (ଏନସିସିଆର) ସାମୁଦ୍ରିକ ଗବେଷଣାରେ ଏକ ଅଗ୍ରଣୀ ଅନୁଷ୍ଠାନ। ସାମୁଦ୍ରିକ ଜୀବଜଗତର ସୁରକ୍ଷା, ପରିବେଶ ପରିବର୍ତ୍ତନର ପ୍ରଭାବ ଓ ସାମୁଦ୍ରିକ ସମ୍ବଳର ଉନ୍ନତ ବ୍ୟବହାର ଦିଗରେ ଏହି ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମଡେଲ୍ ପ୍ରସ୍ତୁତ କରିଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏମଏସପିର ସଫଳତା ପାଇଁ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଶ୍ରୀ ପାତ୍ର କହିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ୨୦୩୬ ଓ ୨୦୪୭ର ପରିକଳ୍ପନାକୁ ସଫଳ କରିବା ପାଇଁ ଏହି ଏମଏସପି ଏକ ମହତ୍ୱପୂର୍ଣ୍ଣ ଅଭିଯାନ। ମତ୍ସ୍ୟ, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଉତ୍ସଗୁଡ଼ିକର ସର୍ବାଧିକ ବିନିଯୋଗ ସହ ପର୍ଯ୍ୟାବରଣର ସୁରକ୍ଷା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଡକ୍ଟର ଏମ୍ ରବିଚନ୍ଦ୍ରନ ଓ ରୟାଲ ନରୱେଜିଆନ୍ ଏମ୍ବାସୀର ଡେପୁଟି ଆମ୍ବାସାଡର ମିଷ୍ଟର ଅର୍ଭିନ୍ ଗାଡ୍‌ଗିଲ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ନରୱେ ସରକାରଙ୍କ ଅଧିକାରୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଣିଆଗାଁରେ ଦନ୍ତାର ଉପଦ୍ରବ

## ବ୍ୟାପକ ପରିବା ଫସଲ ନଷ୍ଟ



ନୀଳଗିରି,୧୬।୪(ସଂଚାର ବ୍ୟୁରୋ): ଖାଦ୍ୟ ଅନ୍ୱେଷଣ ରେ ଝାଡ଼ଖଣ୍ଡି ହାତୀ ଦୁର୍ଗାଦେବୀ ଅଞ୍ଚଳ ଅତିକ୍ରମ କରି ଆଜି ସକାଳ ୬ ଘଟିକା ସମୟରେ ମହିଷା ପଞ୍ଚାୟତ ବଣିଆଗାଁ ରେ ପ୍ରବେଶ କରି ଫାର୍ମ ବାଡ଼ି ଭାଙ୍ଗି ପନିପରିବା, କଦଳୀ ଗଛ, ଆମ୍ବ ଗଛ ବ୍ୟାପକ ଭାବେ ନଷ୍ଟକରି ପାଟଣା ଜଙ୍ଗଲ ଅଭିମୁଖେ ଯାଉଥିବାର ଦେଖିବାକୁ ମିଳିଛି। ଏଥିରେ ଅନୁମାନ କରାଯାଉଛି ଯେ ଏହି ଦନ୍ତା ହାତୀ ପ୍ରଥମେ ନୀଳଗିରି ଅଞ୍ଚଳକୁ ଆସି ଅନ୍ୱେଷଣ କରିବା ପରେ ଅନ୍ୟ ହାତୀ ମାନେ ଆସି ପାରନ୍ତି ବୋଲି ଦନ୍ତା ଚାଲି ଚଳଣ ଲକ୍ଷଣ ରୁ ଅନୁମାନକରାଯାଉଛିଗୋପାଳପୁରଜଙ୍ଗଲ ଲକ୍ଷ୍ୟ ସ୍ଥଳ ହୋଇପାରେ । ଏନେଇ ନୀଳଗିରି ବନ ବିଭାଗ ପକ୍ଷରୁ ଅଞ୍ଚଳ ବାସୀଙ୍କୁ ସତର୍କ କରାଇବା ସହିତ ଦନ୍ତା ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛିବୋଲି କହିଛନ୍ତି ।

### ଆନନ୍ଦପୁର ଡାକ୍ତରଖାନାରେ କାହିଁକି ରହୁ ନାହାନ୍ତି ଡାକ୍ତର

# ଚାପ ପକାଇ ଡାକ୍ତରଙ୍କ ବଦଳି କରାଯାଉଛି




ଆନନ୍ଦପୁର,୧୬।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇ ପୁଣି ଚର୍ଚ୍ଚା ବଢ଼ିଛି। ଡାକ୍ତର ଅଭାବ ଯୋଗୁଁ ଏଠାରେ ରୋଗୀମାନେ ଯଥାଯଥ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆସୁଛି। ଗରିବ ଓ ଦୁର୍ବଳ ଶ୍ରେଣୀର ରୋଗୀମାନେ ବାଧ୍ୟ ହୋଇ କଟକ ଭଳି ବଡ଼ ସହରକୁ ଯାଇ ଅଧିକ ଖର୍ଚ୍ଚ ବହନ କରୁଛନ୍ତି। ଏହି ସମସ୍ୟାକୁ ନଜରରେ ରଖି ଆନନ୍ଦପୁର ପ୍ରେସ ଫୋରମ୍ ପକ୍ଷରୁ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହା ପରେ ଜିଲ୍ଲାପାଳ ମହୋଦୟ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ)ରୁ ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ ଓ ଜଣେ ସ୍ନାୟୁ

**ନର୍ସିଂହୋମକୁ ପ୍ରମୋଟ ପାଇଁ ଷଡ଼ଯନ୍ତ୍ର**

ବିଶେଷଜ୍ଞଙ୍କୁ ଏଠାରେ ନିଯୁକ୍ତି ଦେଇଥିଲେ। କିନ୍ତୁ ପରିତାପର ବିଷୟ, ସେହି ଦୁଇଜଣ ଡାକ୍ତର ବର୍ତ୍ତମାନ କିଛି ଅଜଣା କାରଣ ଦେଖାଇ ଚିକିତ୍ସାଳୟ ଛାଡ଼ିଦେଇଥିବା ଖବର ମିଳିଛି। ଏହାକୁ ନେଇ ପ୍ରଶ୍ନ ଉଠୁଛି ଡାକ୍ତରମାନେ ସ୍ୱଇଚ୍ଛାରେ ଯାଇଛନ୍ତି କି, ନା କିଛି ଚାପ ଓ ହେରାସ୍ମେଣ୍ଟ ଯୋଗୁଁ ବିଦା ହେବାକୁ ବାଧ୍ୟ ହେଲେ? ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏହି ଅଭିଯୋଗ ମଧ୍ୟ ଆସୁଛି ଯେ, କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଚକ୍ରାନ୍ତ କରି ସରକାରୀ ଡାକ୍ତରଖାନାକୁ ଦୁର୍ବଳ କରାଯାଉଛି ଏବଂ ବେସରକାରୀ ନର୍ସିଂହୋମକୁ ପ୍ରୋତ୍ସାହନ ଦିଆଯାଉଛି। ଏପଟେ ଡାକ୍ତର ନଥିବାରୁ ଛୋଟ ଛୋଟ ରୋଗରେ ମଧ୍ୟ ରୋଗୀମାନେ ଦୂର ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି। ଯାହା ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଜିଲ୍ଲାପାଳଙ୍କୁ ତୁରନ୍ତ ତଦନ୍ତ କରିବା ସହ ପୁନର୍ବାର ଡାକ୍ତର ନିଯୁକ୍ତି କରିବା ଓ ଯେଉଁମାନେ ଡାକ୍ତରଙ୍କୁ ହଇରାଣ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

### କେବେ ଘଟିବ ବସ୍ ଯାତ୍ରୀଙ୍କ ଅପେକ୍ଷାର ଅନ୍ତ

# ଜିଲ୍ଲା ମୁଖ୍ୟାଳୟରେ ବସଷ୍ଟାଣ୍ଡ ନାହିଁ



ଯାଜପୁର ଟାଉନ, ୧୬।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସଦରମହକୁମା ଭାବେ ପରିଚିତ ଯାଜପୁର ସହର ଆଜିବି ବସଷ୍ଟାଣ୍ଡ ଅପେକ୍ଷାରେ। ଦୀର୍ଘ ଦିନ ପୂର୍ବରୁ ସହର ମଧ୍ୟରେ ଏକ ଛୋଟିଆ ଜାଗାରେ ରହୁଥିବା ବସ ରହଣି ସ୍ଥଳ ଆଜିବି ସେମିତି ଦୁର୍ଦ୍ଦଶା ମଧ୍ୟରେ ରହିଛି। ଦୀର୍ଘ ବର୍ଷ ହେଲା ଏହି ଗୁରୁତ୍ୱପୂର୍ଣ୍ଣ ସହରରେ ଏକ ସଠିକ୍ ଓ ସୁବିଧାସମ୍ପନ୍ନ ବସଷ୍ଟାଣ୍ଡର ଅଭାବ ଯାତ୍ରୀମାନଙ୍କ ପାଇଁ ଦିନକୁ ଦିନ ଦୁଃଖଦ ଅନୁଭବ ହୋଇଛି। ଯେଉଁଠାରେ ଏକପଟେ ଜିଲ୍ଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଥିବା କଥା କୁହାଯାଉଛି, ସେଠାରେ ଜିଲ୍ଲା ମୁଖ୍ୟ ସହରରେ ମୂଳ ଯାତାୟାତ ବ୍ୟବସ୍ଥା ଅବହେଳିତ ହେବା ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଯେଉଁ ସ୍ଥାନରେ ବସଷ୍ଟାଣ୍ଡ ରହିଛି, ସେହିଠାରେ ସଂକୀର୍ଣ୍ଣ ଗଳି ଓ ଅପର୍ଯ୍ୟାପ୍ତ ସ୍ଥାନ ଥିବାରୁ ଯାତାୟାତରେ ବିପୁଳ ଅସୁବିଧା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମିଯାଏ, ଯାହା ଯାତ୍ରୀ ଓ ଚାଳକ ଉଭୟଙ୍କ ପାଇଁ ବଡ଼ ଅସୁବିଧା।ବସଗୁଡ଼ିକ ପ୍ରାୟତଃ କୁସୁମା ରାସ୍ତା, ବିରଜା ରିଂରୋଡ, ଥାନା ସମ୍ମୁଖ ଓ ପେଟ୍ରୋଲ ପମ୍ପ ନିକଟରେ ଅନିୟମିତ ଭାବରେ ରୁହୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ। ଏହା ନିୟମିତ ଯାତାୟାତକୁ ମଧ୍ୟ ବାଧା କରୁଛି। ବର୍ତ୍ତମାନର ବସଷ୍ଟାଣ୍ଡ ଟ୍ୟାକ୍ସି ଷ୍ଟାଣ୍ଡରେ ପରିଣତ ହୋଇଥିବା ବେଳେ ପୁରୁଣା ସରକାରୀ ବସଷ୍ଟାଣ୍ଡ ଜମିକୁ ଲିଜ୍ ଦେଇ ଦିଆଯାଇଥିବା କଥା ଆଲୋଚନାର କେନ୍ଦ୍ରବିନ୍ଦୁ।ଯାଜପୁର ଟାଉନରେ ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ଜଜ କୋର୍ଟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ସହ ଅନେକ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ କେନ୍ଦ୍ର ରହିଛି। ଏପରି ଗୁରୁତ୍ୱପୂର୍ଣ୍ଣ ସହରରେ ଏକ ଆଧୁନିକ ବସଷ୍ଟାଣ୍ଡ ନଥିବା ନିଶ୍ଚୟ ଆଶ୍ଚର୍ଯ୍ୟ କରୁଥିବା ବିଷୟ।

## ମହୁମାଛି ଆକ୍ରମଣରେ ତିନି ଶିକ୍ଷକଶିକ୍ଷୟିତ୍ରୀ ଗୁରୁତର



ନୀଳଗିରି,୧୬।୪(ସଂଚାର ବ୍ୟୁରୋ): ମହୁମାଛି ଆକ୍ରମଣ ରେ ତିନି ଶିକ୍ଷକ ଶିକ୍ଷୟତ୍ରୀ ଗୁରୁତର ହୋଇ ମେଡିକାଲ ରେ ଭର୍ତ୍ତି ହୋଇଥିବା ଜଣା ପଡ଼ିଛି। ସୂଚନା ଯୋଗ୍ୟ ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୁ ଆଜି ସକାଳ ୬, ୧୫ ମିନିଟ ସମୟରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଆସୁଥିବା ବେଳେ ତନ୍ମଧ୍ୟରୁ ଜଣେ ଶିକ୍ଷକ ଓ ଦୁଇ ଜଣ ଶିକ୍ଷୟତ୍ରୀ ଙ୍କୁ ଗଛରେ ବସା ବାନ୍ଧି ରହିଥିବା ମହୁମାଛି ହଠାତ ମୁହାଁ, ଦେହକୁ ଆକ୍ରମଣ କରିଥିଲା ବେଳେ ଶିଶୁ ମନ୍ଦିର କୁ ଆସୁଥିବା କୁନି ଛାତ୍ର ଛାତ୍ରୀ ମହୁମାଛି ଆକ୍ରମଣ ରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତର ତିନି ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ତୁରନ୍ତ ନୀଳଗିରି ମେଡିକାଲ ରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ବସ୍ଥା ଏବେ ସ୍ଥିର ଥିବା ଜଣା ପଡ଼ିଛି। ସେମାନେ ହେଲେ ଗୁରୁଜୀ କୃଷ୍ଣ ହୋତା, ଗୁରୁମା ଦୀପ୍ତି ପୃଷ୍ଟି, ପ୍ରଭା ମଞ୍ଜରୀ ନାୟକ।

## ବ୍ୟାଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଗାଏବ ଅଭିଯୋଗ




ନୀଳଗିରି,୧୬।୪(ସଂଚାର ବ୍ୟୁରୋ): ନୀଳଗିରି ସବଡ଼ିଭିଜନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା କାଂଶ ରେ ୬ ଜଣ ଗ୍ରାହକକ ଙ୍କର ଖାତାରୁ ଟଙ୍କା କଟିଯାଇଥିବା ଜଣା ପଡ଼ିଛି। ତଦନ୍ତ ନିରପେକ୍ଷ ହବାପାଇଂ ଚାରି ଜଣ ନାମକୁ ଗୋପନ ରଖିଥିବା ବେଳେ ୬ ଜଣ ଗ୍ରାହକ ଶାଖା ପ୍ରବନ୍ଧକ ଙ୍କୁ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ କୁଲ୍ହା ପାଳ ଗ୍ରାମର ଲିଜା ଦଣ୍ଡପାଟ ଗତକାଲି ବ୍ୟାଙ୍କ କୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ତାଙ୍କ ଖାତାରୁ ୫୪୦୦ ଟଙ୍କା ଉଠା ଯାଇଥିବା ଜାଣିବାକୁ ପାଇଥିଲେ। ଠିକ ସେମିତି କାଂଶ ଗ୍ରାମର ସୁଧାଶ୍ରୀ ପଣ୍ଡା ଖାତାରୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ତାଙ୍କ ଖାତାରୁ ଚାରି ଥର ୧୦ ହଜାର ଲେଖାଏଁ ୪୦ ହଜାର ଟଙ୍କା ଉଠା ଯାଇଥିବା ଜାଣିବାକୁ ପାଇଥିଲେ। ପରେ ଉଭୟ ଗ୍ରାହକ ଶାଖା ପରିଚାଳକ ଚନ୍ଦନ ଜେନା ଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପରିଚାଳକ ଶ୍ରୀଯୁକ୍ତ ଜେନା କହିଥିଲେ କି ଗ୍ରାହକ ମାନଙ୍କ ଖାତାରୁ କିଭଳି ଭାବେ ଟଙ୍କା ଉଠିଲା ସେ ଜାଣି ନାହାନ୍ତି, ତେବେ ଟଙ୍କା ଖାତାକୁ ଫେରାଇବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

● ସିବିଏସଇ ୧୦ମ ଶ୍ରେଣୀ ପରୀକ୍ଷା

## ଶରଣ୍ୟା ବଳିଆରସିଂହ ୯୮ ପ୍ରତିଶତ ରଖି ସ୍କୁଲରେ ପ୍ରଥମ



ଖୋର୍ଦ୍ଧା,୧୬।୪(ସଂଚାର ବ୍ୟୁରୋ): ସିବିଏସଇ ୧୦ମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳରେ ଖୋର୍ଦ୍ଧା ଆର୍ଯ୍ୟବର୍ତ୍ତ ଆନସିଏଷ୍ଟ ଏକାଡେମୀ(ଟ୍ରିପଲ ଏ) ର ଛାତ୍ରୀ ଶରଣ୍ୟା ବଳିଆରସିଂହ ଶତକଡା ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି କୁମାରୀ ଶରଣ୍ୟାଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ଜଣାଶୁଣା କୁମାରୀ ଶରଣ୍ୟା ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଓ ବିଶ୍ୱାତ୍ମା ପ୍ରକାଶନୀର ସତ୍ୱାଧିକାରିଣୀ ଶୈଳବାଳା ଦେବୀଙ୍କର ନାତୁଣୀ ତଥା ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ଓ ଭାରତୀୟ ଭାଷା ପ୍ରତିଷ୍ଠାନର ପୂର୍ବତନ ସମ୍ବଳ ପ୍ରଶିକ୍ଷକ ଶୁଭ୍ରା ବଳିଆରସିଂହଙ୍କର ଜ୍ୟେଷ୍ଠା କନ୍ୟା। ଶରଣ୍ୟା ନିଜର ସଫଳତା ପାଇଁ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ପରିବାରକୁ ଶ୍ରେୟ ଦେଇଛନ୍ତି। ବଡ଼ ହୋଇ ଭଲ ମଣିଷଟେ ହେବା ସହ ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ସେ ଇଚ୍ଛା ପ୍ରକଟ କରିଛନ୍ତି। ପାଠପଢ଼ା ବ୍ୟତୀତ ସେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଛନ୍ତି। ଖୋର୍ଦ୍ଧା ମହୋତ୍ସବ, ନବୀନାବାଗ ଗଣେଶ ପୂଜା ଉତ୍ସବ ସହ ବିଭିନ୍ନ ସାଂସ୍କୃତିକ ମଂଚରେ ସେ ନିଜର ନୃତ୍ୟ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସହୋଦୟ ତଥା ବିଭିନ୍ନ ରାଜ୍ୟସ୍ତରୀୟ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାରେ ମଧ୍ୟ ସେ ପ୍ରଥମ ହୋଇଛନ୍ତି। ବିଭିନ୍ନଜ ଖବରକାଗଜରେ ମଧ୍ୟ ତାଙ୍କର ପ୍ରବନ୍ଧ ପ୍ରକାଶ ପାଇଛି।

## ହୁମାରେ ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି

ଛତ୍ରପୁର,୧୬।୪ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକର ହୁମା ଗ୍ରାମର ପୁରାତନ ଗୋପୀନାଥ ମନ୍ଦିରର ପୁନଃଉଦ୍ଧାର ଓ ପୁନଃନିର୍ମାଣ ସହ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠାର ଦ୍ୱାଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଶାଳ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହାକୁ ନେଇ ଆଜି ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ଏସ୍‌ଡିପିଓ ଛତ୍ରପୁର ଚନ୍ଦନ ଘଡେଇ, ଗଡ଼ହୁମାର ରାଜା ରାଘେବନ୍ଦ୍ର ନାରାୟଣ ଦେଓ ସହ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖରୁ ମେ ୧ ତାରିଖ ପର୍ଯ୍ୟନ୍ତ, ଅର୍ଥାତ ୧୦ ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହେବ। ଏହି ସମୟରେ ଘୃତଯଜ୍ଞ, ଅର୍ଣ୍ଣଯଜ୍ଞ, ନାମଯଜ୍ଞ ଓ ଜ୍ଞାନଯଜ୍ଞ ପରି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଶାଳ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥାପନ, ଆଇନ ଶୃଙ୍ଖଳା ରକ୍ଷା, ପାନୀୟଜଳ ଓ ବିଦ୍ୟୁତ ସୁବିଧା ସହ ସିସିଟିଭି କ୍ୟାମେରା ସ୍ଥାପନା ଆଦି ବିଭିନ୍ନ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

### ସମ୍ ହସ୍ପିଟାଲର ସଫଳତା

## ୭୭୨ ଗ୍ରାମ ଓଜନର ଶିଶୁକୁ ନୂଆ ଜୀବନ




ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ): ଜନ୍ମ ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ୨୬ ସପ୍ତାହରେ ଜନ୍ମିତ ମାତ୍ର ୭୭୨ ଗ୍ରାମ ଓଜନର ଶିଶୁ କନ୍ୟାର ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ଡାକ୍ତରୀ ଟିମ୍। ଶିଶୁକନ୍ୟା ଜନ୍ମ ହେବା ପରେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଭିଷଣ କଷ୍ଟ ଅନୁଭବ କରିବାରୁ ତାକୁ ତୁରନ୍ତ ନବଜାତ ଶିଶୁରୋଗ ବିଭାଗର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଶିଶୁଟିକୁ ମେକାନିକାଲ୍ ଭେଣ୍ଟିଲେସନ୍ ଏବଂ ଆଡଭାନ୍ସ ଲାଇଫ ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଚିକିତ୍ସାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଘଟିଥିଲା ଏବଂ ତା' ଶରୀରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ କାରଣରୁ ଯେଉଁ ସବୁ ସମସ୍ୟା ଓ ଜଟିଳତା ଥିଲା ତାହା ଦୂର ହେବା ଆରମ୍ଭ ହୋଇଥିଲା। ଯଦିଓ ତା'ର ଜୀବନ ପ୍ରତି ବିପଦ ଥିଲା ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଏବଂ ମେଡିକାଲ୍ ଟିମ୍‌ର ସାହାଯ୍ୟ ଓ ସହଯୋଗ ବଳରେ ଶିଶୁଟି ୩ ମାସ ହସ୍ପିଟାଲ୍‌ର ଏନ୍‌ଆଇସିୟୁରେ ରହି ସୁସ୍ଥ ହୋଇପାରିଥିଲା। ଶିଶୁଟି ସୁସ୍ଥ ହେବା ପରେ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ ଖୁସି ବ୍ୟକ୍ତ କରିବା ସହ ଡାକ୍ତରୀ ଟିମ୍‌ର ନିରନ୍ତର ପ୍ରଚେଷ୍ଟା ଏବଂ ଶିଶୁର ବାପା-ମା'ଙ୍କର ଧୈର୍ଯ୍ୟ ଓ ସହଯୋଗକୁ ପ୍ରଶଂସା କରିଥିଲେ। ଏହି ଡାକ୍ତରୀ ଟିମ୍‌ରେ ଡାକ୍ତର ଭାବଗ୍ରାହୀ ମଲ୍ଲିକ, ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ କୁମାର ପାଣିଗ୍ରାହୀ, ଡାକ୍ତର ସୁରେଶ କୁମାର ତ୍ରିପାଠୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଶ୍ରୁତିପ୍ରଜ୍ଞା କର, ଡାକ୍ତର ପ୍ରତ୍ୟୁଷ ଦ୍ୱିବେଦୀ, ଡାକ୍ତର ଶିତିକଣ୍ଠ ନାୟକ, ଡାକ୍ତର କଳ୍ପିତା ସାହୁ, ଡାକ୍ତର ପୁଜିଥା ଏବଂ ଡାକ୍ତର ଶରଥ ଚନ୍ଦ୍ରିକା ସାମିଲ ଥିଲେ।

## ରୋବଟ ଅଗ୍ନି ନିର୍ବାପକ ଯନ୍ତ୍ର ଦେଖି ଛାତ୍ରଛାତ୍ରୀ ଉତ୍ସାହିତ




ଯୋଡା,୧୬।୪(ସଂଚାର ବ୍ୟୁରୋ): ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଟାଟା ଷ୍ଟିଲ୍ ଯୋଡା ପକ୍ଷରୁ ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ୍ ପ୍ରାଙ୍ଗଣରେ ଗୋଟିଏ ବ୍ୟାପକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲର ଅନେକ ଛାତ୍ରଛାତ୍ରୀ ସହଭାଗୀ ହୋଇ ଅଗ୍ନିକାଣ୍ଡ ସମୟରେ କରଣୀୟ ବିଷୟରେ ଜ୍ଞାନ ଅର୍ଜନ କରିଥିଲେ। ଟାଟା ଷ୍ଟିଲ୍ ଯୋଡା ସେଫଟି ବିଭାଗ ଆନୁକୂଲ୍ୟରେ ଏବଂ ସେଫଟି ଅଫିସର ସୁଜିତ୍ କୁମାର ଝାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଶିକ୍ଷା ଦିଆଯାଇଥିଲା। ତାଙ୍କୁ ଅଗ୍ନିର ବିଭିନ୍ନ ପ୍ରକାରଯଥା ଇଲେକ୍ଟ୍ରିକ୍ ଫାୟାର, ଗ୍ୟାସ ଫାୟାର ଓ ଦାହ୍ୟ ପଦାର୍ଥ ଜନିତ ଅଗ୍ନିସମ୍ପର୍କରେ ଅବଗତ କରାଯାଇଥିଲା ଏବଂ ସେଗୁଡିକୁ କିପରି ନିର୍ବାପନ କରିବା ଯାଏ ତାହାର ପ୍ରାକ୍ଟିକାଲ୍ ଡେମୋ ଦିଆଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ରୋବଟ ଅଗ୍ନି ନିର୍ବାପକ ଯନ୍ତ୍ର। ଏହି ଆଧୁନିକ ଯନ୍ତ୍ରଟି ରିମୋଟ୍ ଦ୍ୱାରା ଚାଳିତ ହୋଇ ଅତ୍ୟନ୍ତ ଜଟିଳ ଓ ବିପଦଜନକ ସ୍ଥାନକୁ ସହଜରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିପାରେ।

## ହୋଟେଲ ଉପରେ ବୋମାମାଡ଼ ଘଟଣା ୩ ଅଭିଯୁକ୍ତ ଗିରଫ ଓ କୋର୍ଟ ଚାଲାଣ

ସତ୍ୟବାଦୀ,୧୬।୪(ସଂଚାର ବ୍ୟୁରୋ): ସତ୍ୟବାଦୀର କଲେଜ ଛକ ନିକଟ ୩୧୭ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜୟା ହୋଟେଲ ଉପରେ ବୁଧବାର ଦ୍ୱିପହରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତମାନେ ହେଲେ ବୈଦ୍ୟନାଥ ଦାସ ଓରଫ ବାଦଲ (୨୫), ପ୍ରଭାକର ପ୍ରଧାନ ଓରଫ ବୁଲୁ (୨୭) ଓ ବିରେନ୍ଦ୍ର କୁମାର ସାହୁ ଓରଫ ବାବୁ (୨୦)। ସମସ୍ତ ଅଭିଯୁକ୍ତ ପିପିଲି ଥାନା ଅଧୀନ ସିରିଆପୁରୁ ଗ୍ରାମର ବୋଲି ଜଣାପଡିଛି। ବିସ୍ଫୋରକ ପଦାର୍ଥ ଆଇନ 1908ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ତଳପାଟଣା ଗ୍ରାମର ପ୍ରଦୀପ କୁମାର ବାରିକଙ୍କ ହୋଟେଲକୁ ସିରିଆପୁର ଗ୍ରାମର କିଛି ଯୁବକ ଖାଇବା ପାଇଁ ଆସିଥିଲେ। କିନ୍ତୁ ସେମାନେ ହୋଟେଲ ଭିତରେ ଅଶାନ୍ତି ପରିସ୍ଥିତି ସୃଷ୍ଟି କରି ଅସଭ୍ୟ ଭାଷା ବ୍ୟବହାର କରିଥିଲେ।

# ଅଭିଯୁକ୍ତଙ୍କୁ ପୁଲିସ ମାରିଥିବା ଅଭିଯୋଗ

**ପୁଲିସ କହୁଛି ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ**

ଫୁଲବାଣୀ,୧୬।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ପୋଲିସ ମାଡ ରେ ଅଭିଯୁକ୍ତ ମୃତ ଏଭଳି ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ମୃତ ଅଭିଯୁକ୍ତ ହେଲେ ଫୁଲବାଣୀ ପାଞ୍ଜିସାହିର ହିରନ୍ ବେହେରା ସୂଚନା ମୁତାବକ ଫୁଲବାଣୀ ଟାଉନ୍ ଥାନା ଅନ୍ତର୍ଗତ ପେଞ୍ଜିସାହି ରେ ଗତ ୧୨ ତାରିଖ ଦିନ ଗୋଟିଏ ପୋଲିସ ଯାଉଥିବା ସମୟରେ ତା ହାତରୁ ବ୍ୟାଗ୍ ଟି ଛଡାଇ ସେଥିରୁ ୧୦ ହାଜର ଟଙ୍କା ନେଇ ଦୁଇଜଣ ଫେରାର ହୋଇଯାଇଥିଲେ ଟାଉନ୍ ପୁଲିସ ଏହିଘଟଣା ପରେ ୧୩ ତାରିଖରେ ଦୁଇଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରା ଉଚରା କରିଥିଲା ସେଥିରେ ଗୋଟିଏ ନାବାଳକ ରହିଥିଲା ପୋଲିସ ଗତ ୧୪ ତାରିଖରେ ଅପରାହ୍ନରେ କୋର୍ଟ କୁ ଚାଲାଣ କରି ଫୁଲବାଣୀ ମଣ୍ଡଳ କାରାଗାର କୁ ପଠାଇଥିଲା ବୋଲି କହିଛନ୍ତି କିନ୍ତୁ ପରିବାର ଲୋକ କହିଛନ୍ତି ପୋଲିସ ବିନା ମେଡିକାଲରେ କିପରି କୋର୍ଟ ଚାଲାଣ କରିଥିଲା ଆମ ପିଲାକୁ ବାଡାଇ ବାଡାଇ ମାରିକିକି ମିଛରେ ଜେଲ ପଠାଇ ଦେଇଛନ୍ତି। ଆଜି ସକାଳେ ଏହି ଅଭିଯୁକ୍ତ ଙ୍କୁ ଫୁଲବାଣୀ ମୁଖ୍ୟଚିକିତ୍ସାଳୟ ଭର୍ତ୍ତି କରାଯଇଥିଲା କିନ୍ତୁ ଚିକିତ୍ସା ଧିନ ଅବସ୍ତାରେ ଅଭିଯୁକ୍ତ ଙ୍କ ମୃତ ହୋଇଥିଲା ବୋଲି ପୋଲିସ କହିଛି ଏଠାରେ ପ୍ରଶ୍ନ ଉଠୁଛି ଯଦି ସକାଳ ୭ ଟାରେ ଅଭିଯୁକ୍ତକୁ ମେଡିକାଲ ରେ ଭର୍ତ୍ତି କରାଯାଇଥିଲା ତାହାହେଲେ ପରିବାର ଲୋକଙ୍କୁ କାହିଁକି ଖବର ଦିଆଗଲା ନାହିଁ ସକାଳେ ୧୦ ଟା ପରେ ଅଭିଯୁକ୍ତ ମୃତ୍ୟୁ ପରେ କାହିଁକି ଘର ଲୋକଙ୍କୁ ଖବର ଦିଆଗଲା ପରିବାର ଲୋକେ ପୋଲିସ ମାଡ ମାରିବାରୁ ମୃତ୍ୟୁ ହୋଇଥା ଅଭିଯୋଗ ଆଣିଛନ୍ତି। କିନ୍ତୁ ଅନ୍ୟ ପକ୍ଷରେ ପୋଲିସ ଏଭଳି କିଛି ହୋଇ ନାହିଁବୋଲି କହିଛନ୍ତି ।

## ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ଶବ ଉଦ୍ଧାର

ଉମରକୋଟ,୧୬।୪(ସଂଚାର ବ୍ୟୁରୋ): ବାପାଙ୍କ କାନ୍ଦ ବୋବାଳିରେ ଫାଟି ପଡୁଛି ହଷ୍ଟେଲ ପରିସର, ଯାହା ପାଇଁ ମୁଠାଏ ସପ୍ନ ଦେଖି ଥିଲେ ବିଦ୍ୟାଳୟରେ ପାଠ ପଢିବା ପାଇଁ ଛାଡିଥିଲେ କିନ୍ତୁ ଆଜି ନିଜ ଅଲିଅଳି ପୁଅର ଝୁଲନ୍ତା ଶବ ରୁମ ଭିତରେ ଥିବା ବିଦ୍ୟାଳୟ କତୃପକ୍ଷ ଖବର ଦେଇଥିଲେ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ଆଶ୍ରମ ବିଦ୍ୟାଳୟ ର ଛାତ୍ର ନିବାସରେ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରଶାନ୍ତ ଭତ୍ରା, ଛାତ୍ର ଙ୍କ ବାପା ପରମେଶ୍ୱର ଭତ୍ରା ଙ୍କ ଅନୁଯାୟୀ ଛାତ୍ର ଜଣକ ମାତ୍ର ଦୁଇ ଦିନ ତଳେ ଛାତ୍ର ନିବାସ କୁ ଆସିଥିଲେ ମୃର୍ତ୍ୟୁ ର କାରଣ ଅସ୍ପଷ୍ଟ।ପୂର୍ବରୁ ପ୍ରଶାନ୍ତ ଉମରକୋଟ ଆଦର୍ଶ ବିଦ୍ୟାଳୟ ରେ ପଢୁଥିଲେ ଆଦର୍ଶ ବିଦ୍ୟାଳୟ କୁ ସବୁଦିନ ସାଇକଲ ରେ ଯିବା ଆସିବା ଅସୁବିଧା ହେଉଥିଲା ତେଣୁ ପ୍ରଶାନ୍ତ ଭାମିନି ବିଦ୍ୟାଳୟ ରେ ଛାତ୍ର ନିବାସ ରେ ରହି ପଢିବାକୁ ଚାହିଁଥିଲେ ଏଣୁ ଭାମିନି ରେ ଅଷ୍ଟମ ଶ୍ରେଣୀରେ ଜଏନ ହୋଇ ଦୁଇ ଦିନ ତଳେ ଛାତ୍ର ନିବାସ କୁ ଆସିଥିଲେ।

# ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଆୟୋଜିତ




ଯାଜପୁର,୧୫।୪(ସଂଚାର ବ୍ୟୁରୋ): ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ କୁମାର ମଲ୍ଲିକ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ରମାକାନ୍ତ ପରିଡ଼ା, ମତ୍ସ୍ୟ ବିଭାଗ ଅଧିକାରୀ ମନସ୍ମିତା ନାୟକ, ଜାତୀୟ ଉଦ୍ୟାନ କୃଷି ବୋର୍ଡର ଉପନିର୍ଦ୍ଦେଶକ ଭି. ନରେନ୍ଦ୍ର ନନ୍ଦେଶ୍ୱର, ଉଦ୍ୟାନ କୃଷିବିଜ୍ଞାନୀ ବବିତା ମିଶ୍ର ଏବଂ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ୧୦ ଟି ବ୍ଲକର ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାପାଳ କେବଳ ପାରମ୍ପରିକ ଚାଷ ମଧ୍ୟରେ ସୀମିତ ନ ରହି ଫସଲ ବିବିଧିକରଣକୁ ଆପଣାଇବା, ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଉଦ୍ୟୋଗୀ ଭାବେ ପରିଣତ ହେବା ଏବଂ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ସ୍ୱଳ୍ପ ଜମିରୁ ବିଭିନ୍ନ ଅଧିକ ଉତ୍ପାଦକତା ବଢ଼ାଇବା ଦିଗରେ ଆଲୋକପାତ କରାଇଥିଲେ। ଉଦ୍ୟାନ କୃଷି ବିଭାଗର ବିଭିନ୍ନ ସରକାରୀ ଯୋଜନା ବିଷୟରେ ମଧ୍ୟ ଚାଷୀମାନଙ୍କୁ ଅବଗତ କରାଯାଇଥିଲା।

# ଜନଗଣନା କାର୍ଯ୍ୟରୁ ଦୂରେଇ ରହିବା ପାଇଁ ଡାକ୍ତରୀ ପ୍ରମାଣପତ୍ର ପାଲଟିଛି ବାହାନା

- ଡାକ୍ତରୀ ପ୍ରମାଣପତ୍ରକୁ ଅସ୍ତ୍ର କରି କୋଚିଂ ସେଣ୍ଟରରେ ମାତିଛନ୍ତି ଅସାଧୁ ଶିକ୍ଷକ
- ଅସାଧୁ ଶିକ୍ଷକଙ୍କ ଠାରୁ ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି ଗୋଷ୍ଠୀ ଶିକ୍ଷାଧିକାରୀ




ବାଲିଆପାଳ,୧୫।୪(ସଂଚାର ବ୍ୟୁରୋ): ଆଜିଠାରୁ ଆରମ୍ଭ ହୋଇଛି ଘରକୁ ଘର ବୁଲି ଜନଗଣନା। ଚଳିତ ମାସ ୧୬ ତାରିଖ ଠାରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ଅଧିକାରୀ ମାନେ ଘର ଘର ବୁଲି ଜନଗଣନା କରିବେ। ପ୍ରଥମ ୩ଦିନ ଘର ନମ୍ବରିଂ କରାଯିବ।ଏଥିପାଇଁ ସାରା ରାଜ୍ୟରେ ୮୦ ହଜାର କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୮ ହଜାର ସୁପରଭାଇଜର ଅଛନ୍ତି। ମାତ୍ର ବାଲିଆପାଳ ବ୍ଲକରେ ଏହି ଭଳି ଏକ ଜାତୀୟ କାର୍ଯ୍ୟରୁ ଦୁରେଇ ରହିବା ପାଇଁ କିଛି ଅସାଧୁ ଶିକ୍ଷକ ମିଥ୍ୟା ଡାକ୍ତରୀ ପ୍ରମାଣପତ୍ରକୁ ଅସ୍ତ୍ର କରି ନିଜ ନିଜର କୋଚିଂ ସେଣ୍ଟରରେ ମାତିଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଗର୍ଭବତୀ ଶିକ୍ଷୟିତ୍ରୀ ଏବଂ ଅସୁସ୍ଥ ଥିବା ଶିକ୍ଷୟିତ୍ରୀ ମାନଙ୍କୁ ଏହି ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। କେତେକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ୧୫ ରୁ ୨୦ କିଲୋମିଟର ଦୂରରେ କାର୍ଯ୍ୟ କରିବା ପାଇଁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାରୀ ବିଦ୍ୟାଳୟର ଯେଉଁ ଅସାଧୁ ଶିକ୍ଷକ ମାନେ ବାପ, ମା କିମ୍ବା ସ୍ତ୍ରୀ ଅସୁସ୍ଥ ଥିବାର ମିଥ୍ୟା ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରି କୋଚିଂ ସେଣ୍ଟରରେ ମାତିଛନ୍ତି ସେମାନଙ୍କ ଉପରେ ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିଜ ଘର ବାଲିଆପାଳ ବ୍ଲକରେ ହୋଇଥିଲା ବେଳେ ସେ ଏହି ବ୍ଲକ ଅନ୍ତର୍ଗତ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କ ସହିତ ପୂର୍ବରୁ ଭଲ ସମ୍ପର୍କ ଥିବା କିଛି ଶିକ୍ଷକ ଯେଉଁମାନେ କୋଚିଂ ସେଣ୍ଟରରେ ମାତିଛନ୍ତି ସେମାନଙ୍କୁ ଏହିଭଳି ଏକ ଜାତୀୟ କାର୍ଯ୍ୟରୁ ଦୁରେଇ ରଖିବା ପାଇଁ ଚେଷ୍ଟା କରାଯାଇ ନିଜେ ଗୋଷ୍ଠୀ ଶିକ୍ଷାଧିକାରୀ ସେମାନଙ୍କ କୋଚିଂ ବ୍ୟବସାୟକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷକ ମହଲରେ ଚର୍ଚ୍ଚା ହେଉଛି।

# ମହିଳା ସଂରକ୍ଷଣକୁ ବିଜେଡିର ସମର୍ଥନ



● ସୀମା ପୁନଃନିର୍ଦ୍ଧାରଣରେ ନବୀନଙ୍କ ଭିନ୍ନ ଆଭିମୁଖ୍ୟ
● ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ କମିଲେ ବିରୋଧ କରିବ ବିଜେଡି

ଭୁବନେଶ୍ୱର, ୧୬।୪(ସଂଚାର ବ୍ୟୁରୋ): ସଂସଦରେ ମହିଳା ସଂରକ୍ଷଣ ବିଲକୁ ବିଜେଡି ସମର୍ଥନ କରିବ। କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କିତ ୧୩୧ତମ ସମ୍ବିଧାନ ସଂଶୋଧନ ଯଦି ରାଜ୍ୟର ସ୍ୱାର୍ଥକୁ ପ୍ରଭାବିତ କରୁଛି ତେବେ ଏହାକୁ ଦୃଢ଼ ଭାବେ ବିରୋଧ କରିବାକୁ ବିଜେଡିର ସବୁ ରାଜ୍ୟସଭା ସାଂସଦଙ୍କୁ ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ସମ୍ବିଧାନ ସଂଶୋଧନରେ ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ ହେଉଥିବାରୁ ଉଭୟ ସଂସଦ ଓ ସଂସଦ ବାହାରେ ଏନେଇ ସ୍ୱର ଉତ୍ତୋଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ବିଜେଡି ସାଂସଦଙ୍କୁ ଏକ ଚିଠି ଲେଖି ପ୍ରସ୍ତାବିତ ସଂଶୋଧନ ଦ୍ୱାରା ଓଡ଼ିଶାର ସ୍ୱାର୍ଥ କିଭଳି ପ୍ରଭାବିତ ହେବାର ଆଶଙ୍କା ରହିଛି ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

ସଂସଦରେ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ବିଜୁ ଜନତା ଦଳର ସଭାପତି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଦଳମତ ନିର୍ବିଶେଷରେ ଜାତୀୟ ସ୍ତରରେ ଓଡ଼ିଶାର ସମ୍ମାନ ଓ ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ସାଂସଦଙ୍କୁ ଏକଜୁଟ ହୋଇ ବିରୋଧ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍କୁ ଆମେ ସମର୍ଥନ କରିବୁ ଯଦି ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରଭାବିତ ନହୁଏ। ପ୍ରସ୍ତାବିତ ବିଲ୍ ଉଦ୍ଦିଷ୍ଟ ଆଭିମୁଖ୍ୟକୁ ବିରୋଧ କରୁଛି ବୋଲି ସେ ଦର୍ଶାଇଛନ୍ତି। ନବୀନ ପଟ୍ଟନାୟକ କହିଛନ୍ତି, ନାରୀ ସଂରକ୍ଷଣ ପ୍ରସଙ୍ଗକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଯୋଡ଼ି ନ ଦେଇ ପୃଥକ ଭାବେ ଆଣିବାକୁ ଦଳ ଦାବି କରିବ। ନାରୀ ସଶକ୍ତିକରଣ ଓ ଜନପ୍ରତିନିଧି ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ବିଜେଡି ସମର୍ଥନ କରି ଆସୁଛି। ମହିଳାଙ୍କୁ ସଂସଦ ଓ ବିଧାନସଭାରେ ପ୍ରତିନିଧିତ୍ୱ ପାଇଁ ଆସନ ସଂରକ୍ଷିତ ରଖିବା ବ୍ୟବସ୍ଥା ସମୟୋପଯୋଗୀ ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି। ସେ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବେ ଏହାକୁ ଦୃଢ଼ ସମର୍ଥନ କରୁଛନ୍ତି। ସେ ଆହୁରି କହିଛନ୍ତି, 'ବିଜୁ ବାବୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରି ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାକୁ ପରିଚିତ କରାଇଥିଲେ। ବିଜୁ ଜନତା ଦଳ ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩କୁ ମଧ୍ୟ ସମର୍ଥନ କରିଥିଲା। କିନ୍ତୁ ସମ୍ପ୍ରତି ସଂସଦରେ ଆଗତ ସମ୍ବିଧାନ ସଂଶୋଧନ ବିଧେୟକରେ ସ୍ପଷ୍ଟତା ନ ଥିବାରୁ ଏହା ଆମ ପାଇଁ ଚିନ୍ତାର କାରଣ ପାଲଟିଛି'। ନବୀନ କହିଛନ୍ତି ଯେ ଲୋକସଭାର ମୋଟ ଆସନର ୩.୯ ପ୍ରତିଶତ ଓଡ଼ିଶା ପ୍ରତିନିଧିତ୍ୱ କରୁଛି, ଯାହା ୨୧ଟି ଆସନରେ ସୀମିତ।

## ବିବାଦ ନ କରିବାକୁ ପରାମର୍ଶ



ସୀମା ପୁନଃନିର୍ଦ୍ଧାରଣ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଆଶଙ୍କା ପ୍ରକାଶ କରିଛନ୍ତି, ତା'ର ଜବାବ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ଦ୍ୱନ୍ଦ୍ୱ ତିଆରି କରିବାର ପରିକଳ୍ପନା ନବୀନ ପଟ୍ଟନାୟକଙ୍କ ଭଳି ବରିଷ୍ଠ ନେତାଙ୍କୁ ଶୋଭା ଦେଉନି। ପରୋକ୍ଷ ଭାବେ ଏହାକୁ ବିରୋଧ କରି ବିଲ୍କୁ ଅଟକାଇବା ଚେଷ୍ଟା କରୁଥିବା ମାନସିକତା ଛାଡ଼ନ୍ତୁ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଐତିହାସିକ ନିଷ୍ପତ୍ତି ନେବାକୁ ଯାଉଛନ୍ତି। କିନ୍ତୁ ଏତିକି ବଢ଼ିବ ସେତିକି ବଢ଼ିବ ବୋଲି କହି ଦ୍ୱନ୍ଦ୍ୱ କରିବା ଠିକ ନୁହେଁ। ଯଦି ନିର୍ବାଚନମଣ୍ଡଳୀ ଆକାର ଯଦି ୟୁନିଫର୍ମ ରହିଲା, ଅପେକ୍ଷାକୃତ ବଡ଼ ନ ରହିଲା, ସେପରି ସ୍ଥିତିରେ ଜନପ୍ରତିନିଧିମାନଙ୍କୁ ସୁବିଧା ହୁଏ। ବିଜେଡିର ନେତା ବୋଧେ ଏକଥା ବୁଝନ୍ତି ନାହିଁ। ତାଙ୍କର ନିର୍ବାଚନମଣ୍ଡଳୀରେ ତାଙ୍କର ଲୋକ ଯାଇକି କାମ କରନ୍ତି। ଯଦି ଆଗାମୀ ଦିନରେ ସୀମା ପୁନଃନିର୍ଦ୍ଧାରଣ ହୁଏ, ସିଟ ସଂଖ୍ୟା ବଢ଼ିଲେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। କିନ୍ତୁ ତାକୁ ବିରୋଧ କରି ସ୍ୱତନ୍ତ୍ର ଅଧିବେଶନ ପାଇଁ ଜିଦ୍ କରିବା ପରୋକ୍ଷ ଭାବେ ମହିଳା ସଂରକ୍ଷଣକୁ ବିରୋଧ କରିବାର ଯୋଜନା। ସେ ଦୃଷ୍ଟିରୁ ଏଭଳି ବିବାଦରୁ ଦୂରେଇ ରହିବାକୁ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।



## ଦୁଇ ସିବିଏସଇ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୪(ସଂଚାର ବ୍ୟୁରୋ): ଚଳିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି ସଫଳତା ହାସଲ କରିଥିବା ଟିନା ରଥ ଓ ଆଲିଶା ବିଶ୍ୱାଳ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରର ଲୋକସେବା ଭବନରେ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଟପ୍ପର୍ ଛାତ୍ରୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧନା ସ୍ୱରୂପ ରୁପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଭବିଷ୍ୟତରେ ଏହି ଛାତ୍ରୀ ଆହୁରି ସଫଳତା ପାଇବେ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭକାମନା ଦେଇଥିଲେ। ଏଥିସହ ଉଭୟ ଛାତ୍ରୀ ଭବିଷ୍ୟତରେ ଡାକ୍ତର ହୋଇ ସମାଜର ସେବାରେ ନିଜକୁ ବ୍ରତୀ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ। ଟିନା ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ବେଳେ ଆଲିଶା ନ୍ୟୁରୋଲୋଜିଷ୍ଟ ହେବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ ନିଷ୍ଠା ଓ ପରିଶ୍ରମ ଜାରି ରଖି ନିଜର ଲକ୍ଷ୍ୟ ହାସଲରେ ନିଶ୍ଚୟ ସଫଳ ହେବ ବୋଲି କହିଥିଲେ। ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ ଟିନା ରଥ ପୁରୀର ମଦର୍ସ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ଆଲିଶା ବିଶ୍ୱାଳ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ପାଠ ପଢ଼ୁଥିଲେ। ଉଭୟ ୫୦୦ରୁ ୫୦୦ ମାର୍କ ରଖି ରାଜ୍ୟକୁ ଗର୍ବିତ କରିବା ସହ ଓଡ଼ିଶାର ସିବିଏସଇ ଟପ୍ପର୍ ହୋଇଛନ୍ତି। ଟିନାଙ୍କ ପିତା ସମୀର କୁମାର ରଥ ଓ ମାତା ରେଣୁପ୍ରଭା ଦାସ ହୋଇଥିବା ବେଳେ ଭୁବନେଶ୍ୱର ୟୁନିଟ୍-୯ରେ ରହୁଥିବା ଆଲିଶାଙ୍କ ପିତା ହେଉଛନ୍ତି ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ।

## ଫୁଲବାଣୀ ସର୍କଲ ଜେଲରେ କଏଦୀଙ୍କ ମୃତ୍ୟୁ

ଫୁଲବାଣୀ,୧୬।୪(ରାକେଶ କୁମାର ରାଉତ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସର୍କଲ ଜେଲରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଉଛି । ତେବେ ଏହି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପରିବାର ଲୋକେ । ଫୁଲବାଣୀ ଆଦର୍ଶ ଥାନା ପୁଲିସ ନାଁରେ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ତେବେ ପୁଲିସ ପରିବାର ଲୋକଙ୍କୁ ଅଭିଯୋଗ ଦେବା ପରେ ସେମାନେ ଏସପିଙ୍କୁ ଭେଟି ଅଭିଯୋଗ ଆଣିଛନ୍ତି । ମୃତ ଯୁବକ ହେଲେ ଫେଟ୍ଟି ସାହିର ହେରନ ନାୟକ । ମିଳିଥିବା ସୂଚନା ଅନୁସାରେ ଚୋରି ଅଭିଯୋଗରେ ଆଦର୍ଶ ଥାନା ପୁଲିସ ହେରନଙ୍କ ସମେତ ଅନ୍ୟ ଜଣେ ନାବାଳକଙ୍କୁ ଗତ ୧୩ ତାରିଖରେ ଘରୁ ଉଠାଇ ଆଣିଥିଲା । ଏହାପରେ ୧୪ ତାରିଖ ଦିନ ହେରନଙ୍କୁ କୋର୍ଟ ଚାଲାଣ କରିଥିଲା । ହେଲେ ସୋମରେ ଜେଲ୍ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା । ବୁଧବାର ସକାଳେ ହେରନଙ୍କ ଦେହ ଖରାପ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନ ୧୦ଟାରେ ମୃତ୍ୟୁ ହୋଇଥିଲା । ପରିବାର ଲୋକେ ଖବର ପାଇ ମେଡିକାଲରେ ପହଁଚିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ପୁଲିସ ମାରପିଟ କରିବା ଯୋଗୁ ପୁଅର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ଏସପିଙ୍କ କାର୍ଯ୍ୟାଳୟ ପାଖରେ ରୁଣ୍ଡ ହୋଇଥିଲେ । ହେରନେ ଏବଂ ତାଙ୍କ ସହଯୋଗୀ(ନାବାଳକ) ଗତ ୧୨ ତାରିଖ ଦିନ ସାଧା ପୋଷାକରେ ଥିବା ଜଣେ ପୁଲିସ କର୍ମଚାରୀଙ୍କ ବ୍ୟାଗ ଝାମ୍ପି ନେଇଥିଲେ । ସେଥିରେ ୧୦ ହଜାର ଟଙ୍କା ସହିତ ଅନ୍ୟ ସାମଗ୍ରୀ ରହିଥିଲା । ଏନେଇ ପୁଲିସ ଅଧିକାରୀ ଏତଲା ଦେବା ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଉଠାଇ ନେଇଥିଲା । ୧୪ତାରିଖରେ ଘର ଲୋକଙ୍କ ଉପସ୍ଥିତିରେ ପୁଲିସ ହେରନଙ୍କୁ କୋର୍ଟ ଚାଲାଣ କରିଥିଲା। ତାଙ୍କୁ ମାରପିଟ କରାଯାଇ ନାହିଁ । ଏସା ସମ୍ପୂର୍ଣ୍ଣ ମିଥ୍ୟା, ଘଟଣାର ତଦନ୍ତ ପରେ ଜଣାପଡିବ ବୋଲି ଫୁଲବାଣୀ ସଦର ଏସ୍‌ଡିପିଓ ଶୁଭେନ୍ଦ୍ର ବିଶ୍ୱାଳ କହିଛନ୍ତି। ସେହିପରି ମେଡିକାଲରେ ଉତ୍ତେଜନା ଯୋଗୁ ଶବ ବ୍ୟବଚ୍ଛେଦ ବିଳମ୍ବରେ ହୋଇଥିଲା । ଏହାପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତାଙ୍କ ନାମରେ ପୂର୍ବରୁ କେଉ ଚୋରି, ଡକାୟତି ମାମଲା ରହିଛି । ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ପ୍ରଜ୍ଞା ରାଉତ୍ରାୟ ସୂଚନା ଦେଇଛନ୍ତି ।

ଚିତାବାଘ ଛାଲ-ବଜ୍ରକାପ୍ତା କାତି ଚୋରା ଚାଲାଣ

## ମା'-ପୁଅଙ୍କୁ ଗିରଫକଲା ବନ ବିଭାଗ



ନୟାଗଡ଼, ୧୬।୪ (ସଂଚାର ବ୍ୟୁରୋ) : ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ କୁଜାମେଣ୍ଡି ବିଟ ହାଉସ ଅଞ୍ଚଳରୁ ଚିତାବାଘର ଛାଲ ଓ ୧୬୪ ଖଣ୍ଡ ବଜ୍ରକାପ୍ତା କାତି ଜବତ ହୋଇଛି । ଏହି ଘଟଣାରେ କୁଜାମେଣ୍ଢୀ ଗାଁର ଜ୍ୟୋତ୍ସ୍ନା ରାଣୀ ମଲ୍ଲିକ ଓ ପୁଅ ପ୍ରଦୀପ ମଲ୍ଲିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବନ ବିଭାଗର ସୂଚନା ଅନୁଯାୟୀ ଫୁଲବାଣୀ ଅଞ୍ଚଳରୁ ଚିତାବାଘ ଶିକାର ହୋଇଥିବା ବେଳେ, ଦଶପଲ୍ଲା ଅଞ୍ଚଳରୁ ବଜ୍ରକାପ୍ତାକୁ ଶିକାର ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗ ପକ୍ଷରୁ କୁଜାମେଣ୍ଢୀ ଗାଁରେ ଚଢ଼ାଉ କରାଯାଇଥିଲା। ତେବେ ବାଘ ଶିକାର କରିଥିବା ମୁଖ୍ୟ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଫେରାର ରହିଛି । ଧରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଟିମ ଚଢ଼ାଉ ଜାରି ରଖିଥିବା ନୟାଗଡ଼ ଡିଏଫଓ ଦେବର୍ଚ୍ଚନା ବେହେରା କହିଛନ୍ତି ।

## ଫୁଟବଲ୍ ପଡିଆରେ କଫ ସିରପ କାରବାର



ବରଗଡ଼,୧୬।୪ (ସଂଚାର ବ୍ୟୁରୋ) : ବରଗଡ଼ ସଦର ଥାନା ପୁଲିସକୁ ସଫଳତା । କଫ୍ ସିରପ କାରବାର ବେଳେ ମାଡିବସିଲା ପୁଲିସ । ବେହେରା ଫୁଟବଲ ପଡିଆରେ ଏହି କାରବାର ଚାଲିଥିବା ସମୟରେ ପୁଲିସ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୯୬୦ ବୋତଲ କଫ ସିରପ ଜବତ ହୋଇଛି । ଏହା ସହିତ ବ୍ୟବହୃତ ଏକାଧିକ କାର୍, ବାଇକ ଓ ବୋଲେରୋ ଗାଡି ଏବଂ ନଗଦ ୨ଲକ୍ଷ ୬୦ହଜାର ଟଙ୍କା ଜବତ ହୋଇଛି । ଏହି କାରବାରରେ ୭ଅଭିଯୁକ୍ତ ଧରାପଡି ଥିବାବେଳେ ସେମାନେ ବରଗଡ଼ ଜିଲାର ବୋଲି ସୂଚନା ମିଳିଛି । ଅଧିକ ତଦନ୍ତ ଜାରି ରଖିଛି ପୁଲିସ ।

## ବାଂଲାଦେଶୀ ଯୁବତୀ ଶିଳା ଅକ୍ତରଙ୍କୁ ନେଇ ପୁଲିସର ତନାଘନା



ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ) : ବାଂଲାଦେଶୀ ଯୁବତୀ ଶିଳା ଅକ୍ତରଙ୍କୁ ନେଇ ପୁଲିସର ତନାଘନା । ବାଲେଶ୍ୱର ସହଦେବଖୁଣ୍ଟା ପୁଲିସ ଶିଳାଙ୍କୁ ଅଟକ ରଖି ନାଗରିକତ୍ୱ ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି । ଆଇନ ଅନୁସାରେ ତାଙ୍କୁ ବାଂଲାଦେଶ କୁ ପଠାଯିବ ବୋଲି ପୁଲିସ ସୂଚନା ଦେଇଛି । ପୂର୍ବରୁ ଶିଳା ବସ୍ତା ଅଞ୍ଚଳରେ ରହୁଥିଲେ। ନିଜକୁ ପ୍ରିୟା ସାହୁ ନାମରେ ଫେକ ଆଧାର କାର୍ଡ କରିଥିଲେ । ତାଙ୍କ ନାମରେ ବସ୍ତା ଥାନାରେ ଏକ ମାମଲା ମଧ୍ୟ ରହିଛି।

ତେବେ ଶିଳା ଅକ୍ତର ଓରଫ୍ ପଲି ବେଗମ ଓରଫ୍ ପ୍ରିୟା ସାହୁ ଅନ୍ୟ କେଉଁ କେଉଁ ମାମଲାରେ ସମ୍ପୃକ୍ତ ଏବଂ ଆଉ କାହା ସହ ସମ୍ପର୍କରେ ରହିଛନ୍ତି, ସେନେଇ ଅଧିକ ତଦନ୍ତ କରୁଛି ସହଦେବଖୁଣ୍ଟା ଥାନା ପୁଲିସ। ଓ୍ୱାନ ଷ୍ଟପ ସେଣ୍ଟରରେ ଥିବା ଶୀଲା ଜଣେ ବଙ୍ଗଳାଦେଶୀ ନାଗରିକ ବୋଲି ସ୍ପଷ୍ଟ ହୋଇଛି । ତାଙ୍କ ଘର ବଙ୍ଗଳାଦେଶର ଢ଼ାକା ଅଞ୍ଚଳରେ ବୋଲି ଜଣାପଡ଼ିଛି ।

■ ହୋଟେଲରେ ସେକ୍ସ ରାକେଟ ଠାବ

## ୪ ଗିରଫ, ୨ ଯୁବତୀ ଉଦ୍ଧାର

ଭଦ୍ରକ, ୧୬।୪ (ସଂଚାର ବ୍ୟୁରୋ) : ଭଦ୍ରକ ସହରରୁ ଗୁରୁବାର ଏକ ବଡ଼ ଧରଣର ସେକ୍ସ ରାକେଟ ଠାବ୍ ହୋଇଛି। ସେକ୍ସ ରାକେଟରେ ସମ୍ପୃକ୍ତ ୪ଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ୨ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ, ସହରର ରାଜଘାଟ ବ୍ରିଜ ଏବଂ ଧାମରା ବ୍ରିଜ ଅଞ୍ଚଳରେ ସେକ୍ସ ରାକେଟ ଚାଲିଥିବା ପୁଲିସକୁ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏନେଇ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସମ୍ପୃକ୍ତ ଅଞ୍ଚଳରେ ଥିବା ହୋଟେଲରେ ଚଢ଼ାଉ କରି ସେକ୍ସ ରାକେଟରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିବା ସହ ୨ଜଣ ଯୁବତୀଙ୍କୁ ଉଦ୍ଧାର କରିଥିଲା। ପୁଲିସ ହୋଟେଲରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ପୁଲିସ ୨ଜଣ ଯୁବତୀଙ୍କୁ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଏହି ଘଟଣାର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାଇରଙ୍ଗପୁର ଅଞ୍ଚଳବାସୀଙ୍କୁ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା




ଏମ୍ସ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ): ରାଇରଙ୍ଗପୁର, ମୟୂରଭଞ୍ଜ ଆଖପାଖ ଅଞ୍ଚଳର ଲୋକଙ୍କୁ ଏମ୍ସ ସହାୟତାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତରେ ଆଜି ଭୁବନେଶ୍ୱର ଏମ୍ସ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଆଜି ସ୍ୱାକ୍ଷରିତ ଚୁକ୍ତି ଫଳରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍ସ ସହଯୋଗରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ରାଇରଙ୍ଗପୁର ଅଞ୍ଚଳ ସହିତ କେନ୍ଦୁଝର, ମୟୂରଭଞ୍ଜ ଓ ଆଖପାଖ ଜିଲ୍ଲାର ଅଧିବାସୀମାନେ ଏହାଦ୍ୱାରା ଉପକୃତ ହେବେ। ରାଇରାଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ୍ ନିର୍ମାଣରେ ଏମ୍ସ ଭୁବନେଶ୍ୱର ସହାୟତା ଯୋଗାଇବ। ଏଥିସହ ରୋଗୀଙ୍କ ଚାହିଦା ଅନୁଯାୟୀ ବିଭିନ୍ନ ସ୍ପେଶିଆଲିଷ୍ଟ ବିଭାଗର ବହିଃ-ରୋଗ ଚିକିତ୍ସା ସେବା, ମାସିକ, ଦ୍ୱିମାସିକ ଭିତ୍ତିରେ ମେଡିକାଲ କ୍ୟାମ୍ପ, ଦନ୍ତ ଚିକିତ୍ସା ଶିବିର, ଚକ୍ଷୁ ଚିକିତ୍ସା, ସଂକ୍ରାମକ ରୋଗ ସେବା ଶିବିର ଆଦିର ଆୟୋଜନ କରାଯିବ। ଟେଲି ଯୋଗାଯୋଗ ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ସହାୟତା ଯୋଗାଇବା ସହ ଜରୁରୀ ସ୍ଥିତିରେ ଭୁବନେଶ୍ୱର ଏମ୍ସକୁ ରୋଗୀଙ୍କ ସ୍ଥାନାନ୍ତର ସୁଗମ ଓ ସହଯୋଗ କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଅଂଶ। ଏମ୍ସ ତରଫରୁ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ ପ୍ରଦୀପ ଗୁରୁ ସ୍ୱାକ୍ଷର କରିଥିଲେ।

■ କର୍ଣ୍ଣିହାରେ ଗାଈ ମଡ଼କ

## ୧୦ ଦିନରେ ୨୦୦ରୁ ଉର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ

ତାଳଚେର, ୧୬।୪ (ସଂଚାର ବ୍ୟୁରୋ) : ଅନୁଗୋଳ ଜିଲ୍ଲା କର୍ଣ୍ଣିହା ବ୍ଲକ ଓଳନ୍ଦା ଗାଁରେ ଗାଈ ମଡ଼କ । ୧୦ ଦିନରେ ମଲେଣି ୨୦୦ରୁ ଉର୍ଦ୍ଧ୍ୱ ଗାଈ। ଅଜଣା ରୋଗ ଆତଙ୍କ ଯୋଗୁ ଗାଈଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ତେବେ ଗାଁରେ ଗୋରୁଗାଈ ସଂଖ୍ୟା ପାଖାପାଖି ୫୦୦ ରୁ ୬୦୦ ଥିବା ବେଳେ ଗତ ୧୦ଦିନ ମଧ୍ୟରେ ମଲେଣି ପ୍ରାୟ ୨୫୦ ଗୋରୁ। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିବା ବେଳେ ଗୋରୁମାନେ ଜଙ୍ଗଲକୁ ଚରିବାକୁ ଯାଇ ରୋଗରେ ପଡୁଥିବା ଜଣାପଡ଼ିଛି । ଜଙ୍ଗଲରୁ ଫେରି ଗୋରୁମାନେ ହଠାତ ରକ୍ତବାନ୍ତି କରୁଛନ୍ତି, ଆଉ ଦଶ ପନ୍ଦର ମିନିଟ୍ ମଧ୍ୟରେ ପ୍ରାଣ ହରାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ସେପଟେ ଅଭିଯୋଗ ପରେ ବି ପଶୁ ଚିକିତ୍ସକ ଏପର୍ଯ୍ୟନ୍ତ ଗାଁକୁ ଆସି ନଥିବା ଜଣାଯାଇଛି ।

● ଡିଜିଟାଲ ଚୋର ଗ୍ୟାଙ୍ଗ କାବୁ

## କୋଟି କୋଟିର ଟଙ୍କାର ସୁନା ଓ ରୁପା ଗହଣା ଜବତ



ସାଲେପୁର,୧୬।୪(ସଂଚାର ବ୍ୟୁରୋ): ପୁଣି ଚର୍ଚ୍ଚାରେ କଟକ ଗ୍ରାମାଞ୍ଚଳ ପୁଲିସ। ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ପୁଲିସ ଟିମ ଏକ ବଡ଼ ସଫଳତା ହାସଲ କରିଛି। ଅନ୍ତଃଜିଲ୍ଲାରେ ସକ୍ରିୟ ଥିବା ଏକ ଡିଜିଟାଲ ଚୋର ଗ୍ୟାଙ୍ଗକୁ ଧରିବା ସହ ପୁଲିସ୍ କୋଟି କୋଟି ଟଙ୍କାର ସୁନା ଓ ରୁପା ଗହଣା ଜବତ କରିଛି। ଏହି ମାମଲାରେ ୮ ଜଣ ରିସିଭର ଓ ୨ ଜଣ ଅଭିଯୁକ୍ତଙ୍କୁ ଧରାଯାଇଥିବା ଜଣାପଡ଼ିଛି। ସାଲେପୁର ଏସ୍‌ଡିପିଓ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ପକ୍ଷରୁ ସମସ୍ତ ତଥ୍ୟ ଦିଆଯାଇଛି। ଜବତ ସାମଗ୍ରୀ ମଧ୍ୟରେ ପ୍ରାୟ ୯୨୫ ଗ୍ରାମ ସୁନା ରହିଛି, ଯାହାର ଅନୁମାନିତ ମୂଲ୍ୟ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା। ସେହିପରି ଜବତ ହୋଇଥିବା ୩ କିଲୋ ୧୦୦ ଗ୍ରାମ ଓଜନର ରୁପା ଅଳଙ୍କାରର ମୂଲ୍ୟ ପ୍ରାୟ ୮ ଲକ୍ଷ ଟଙ୍କା ହେବ। ଆହୁରି ପୁଲିସ୍ ମଧ୍ୟ ନଗଦ ୬୧ ହଜାର ୬ ଶହ ଟଙ୍କା ଜବତ କରିଛି। ଏଥିସହ ଦୁଇଟି ଗାଡ଼ି ମହିନ୍ଦ୍ରା ଥାର୍ (ନଂ.ଓଡି୦୫-ସିଏଫ୍ ୦୬୫୭) ଓ ଫୋର୍ଡ ଫିଗୋ (ନଂ. ଓଡି୦୨ଏକ୍ସ ୮୩୭୩), ଦୁଇଟି ୱାକି-ଟକି, ଦୁଇଟି ମୋବାଇଲ ଓ ଆହୁରି ବିଭିନ୍ନ ସାମଗ୍ରୀ ମଧ୍ୟ ପୁଲିସ୍ ଜବତ କରିଛି। ମାମଲାର ତଦନ୍ତ ଚାଲିଥିବା ବେଳେ ଏହି ଅପରାଧ ସହ ଯେଉଁମାନଙ୍କର ବି ସମ୍ପୃକ୍ତି ଥିବ, ସେମାନଙ୍କୁ ଗିରଫ କରାଯିବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ଏସ୍‌ପି ଭିନୀତ ଅଗ୍ରୱାଲ କହିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ଓ ଜିପାଇଗୋ ମଧ୍ୟରେ ବୁଝାମଣା

ଆର୍ଥିକ ନେଣଦେଣ ନୁହେଁ, ସେବାଭିତ୍ତିକ ଏମଓୟୁ




ଭୁବନେଶ୍ୱର,୧୬।୪ (ସଂଚାର ବ୍ୟୁରୋ): ଓଡ଼ିଶାରେ ନର୍ସିଂ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଓ ଜରୁରୀକାଳୀନ ପ୍ରସୂତୀ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହଲିଙ୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଓ ଜିପାଇଗୋ (ଜନ୍ ହପ୍କିନ୍ସ ଅନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତୀ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଉପଲକ୍ଷେ ଲୋକସଭା ଭବନ ସଭାଗୃହଠାରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ମିଶ୍ର ଓ ଜିପାଇଗୋଙ୍କ ପକ୍ଷରୁ ସଂସ୍ଥାର ଜାତୀୟ ନିର୍ଦ୍ଦେଶକ ଡଃ ଅମିତ ଶାହ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ତେବେ ଏହି ବୁଝାମଣା କୌଣସି ଆର୍ଥିକ ନେଣଦେଣ ଉପରେ ପର୍ଯ୍ୟବସିତ ନୁହେଁ। ଏହା ସମ୍ପୂର୍ଣ୍ଣ ସେବାଭିତ୍ତିକ। ବିଶ୍ୱସ୍ତରୀୟ ଗୁଣାତ୍ମକ ସେବା ନିମନ୍ତେ ଜ୍ଞାନ ଓ ପ୍ରାଜ୍ଞତାର ଆଦାନ-ପ୍ରଦାନ ଉପରେ ଏହି ଚୁକ୍ତି ଆଧାରିତ। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ଚୁକ୍ତି ଦ୍ୱାରା ଜିପାଇଗୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ।

ସିବିଏସଇ ଦଶମ ପରୀକ୍ଷା

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ରେକର୍ଡ





ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):ଓଡ଼ିଶାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ) ୦୨୫-୨୬ ଶିକ୍ଷାବର୍ଷରେ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୭ଟି ଶିକ୍ଷାନୁଷ୍ଠାନରୁ ମୋଟ ୧୪୮୦ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ବେଳେ ୧୪୬୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷର ପାସ୍ ହାର ୯୬.୪୫ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ଗତ ବର୍ଷ ୯୩.୦୭ ପ୍ରତିଶତ ଥିଲା। ଲଗାତାର ଦ୍ୱିତୀୟ ବର୍ଷ ପାଇଁ କୌଣସି ଛାତ୍ର ପରୀକ୍ଷାରେ ଫେଲ ହୋଇନାହାଁନ୍ତି।

ଶତ ପ୍ରତିଶତ ପାସ ହାର ହାସଲ କରୁଥିବା ବିଦ୍ୟାଳୟ ସଂଖ୍ୟା ମଧ୍ୟ ପୂର୍ବ ବର୍ଷ ୯ରୁ ଚଳିତ ବର୍ଷ ୧୨କୁ ବୃଦ୍ଧି ପାଇଛି। ଏହା ବ୍ୟତୀତ, ୯୦ ପ୍ରତିଶତରୁ ୯୯ ପ୍ରତିଶତ ମଧ୍ୟରେ ପାସ ହାର ଥିବା ସ୍କୁଲ ସଂଖ୍ୟା ୧୧ରୁ ୧୩କୁ ବୃଦ୍ଧି ପାଇଛି। ୯୦ ପ୍ରତିଶତରୁ କମ ପାସ ହାର ଥିବା ସ୍କୁଲଗୁଡ଼ିକ ୭ରୁ ମାତ୍ର ୨କୁ ହ୍ରାସ ପାଇଛି। ରାଜ୍ୟସ୍ତରରେ ହାରାହାରି ପାସ୍ ହାର ୯୩.୬୬ ପ୍ରତିଶତ ରହିଥିବା ବେଳେ ଜାତୀୟ ପାସ୍ ହାର ୯୩.୭୦ ପ୍ରତିଶତ ରହିଛି କିନ୍ତୁ ଓଡ଼ିଶା ଏହାର ଉତ୍କୃଷ୍ଟ ପ୍ରଦର୍ଶନ କରି ୯୬.୪୫ ପ୍ରତିଶତ ଫଳାଫଳ ସହିତ ଉଭୟ ହାରାହାରିକୁ ଅତିକ୍ରମ କରିଛି। ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଇଏମଆରଏସ, ଧାଙ୍ଗେରାର ମହେଶ ଭୂପତି ହେମ୍ବ୍ରମ ଏବଂ ହୀରାମଣି ବାସ୍କେ ପ୍ରତ୍ୟେକେ ୯୪ ପ୍ରତିଶତ ହାସଲ୍ କରିଛନ୍ତି। ଇଏମଆରଏସ ବହଳଦାର ଦୁଷ୍ମନ୍ତ ମାଝୀ ୯୩.୬ ପ୍ରତିଶତ ରଖିଛନ୍ତି। ଇଏମଆରଏସ କରଞ୍ଜିଆର ଆଲିନା ଆଲାମ ୯୨.୬୩ ପ୍ରତିଶତ ପାଇଛନ୍ତି। ଇଏମଆରଏସ ହିର୍ଲିର ଲକ୍ଷ୍ମୀକାନ୍ତ ଭତ୍ରା ମଧ୍ୟ ପ୍ରଶଂସନୀୟ ପ୍ରଦର୍ଶନ କରି ୯୧.୮ ପ୍ରତିଶତ ପାଇଛନ୍ତି। ଏହି ସଫଳତା ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଆହୁରି ଉତ୍ସାହିତ କରିବ ଏବଂ ସମଗ୍ର ଓଡ଼ିଶାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଏକଲବ୍ୟ ବିଦ୍ୟାଳୟର ଭୂମିକାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ୭ ଘଣ୍ଟା ଧରି ଚାଲିଲା ଭିତର ରତ୍ନଭଣ୍ଡାର ଗଣତିମଣତି

ପୁରୀ,୧୬।୪ (ସଂଚାର ବ୍ୟୁରୋ): ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ମଣତିର ଆଜି ଦ୍ୱିତୀୟ ଦିବସରେ ୭ ଘଣ୍ଟା ଧରି ଗଣତି କରାଯାଇଛି। ଗଣତିମଣତି କାର୍ଯ୍ୟ ଶେଷ ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ମାର୍ଚ୍ଚ ୨୫ ତାରିଖରେ ପ୍ରଥମେ ଚଳନ୍ତି ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କରାଯାଇଥିଲା। ପରେ ଏପ୍ରିଲ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ବାହାର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ଶେଷ ହୋଇଥିଲା। ଗତ ୧୩ରୁ ତୃତୀୟ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ଆରମ୍ଭ ପରେ ଆଜି ଏହା ସପ୍ତମ ଦିନରେ ପହଞ୍ଚିଛି। ଗୁରୁବାର ଅପରାହ୍ନ ୧୨ଟା ୨୫ ମିନିଟ୍ ସମୟରେ ଭିତର ରତ୍ନଭଣ୍ଡାରର ତାଲା ଖୋଲି ଗଣତିମଣତି କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଏହା ସନ୍ଧ୍ୟା ୭ଟା ୧୫ ମିନିଟ୍ ସମୟରେ ଶେଷ ହୋଇଥିଲା। ୧୯୭୮ ତାଲିକା ଅନୁସାରେ ସମସ୍ତ ଅଳଙ୍କାରର ଗଣତି ଓ ମେଳକ କରାଯାଇଛି। ୧୯୭୮ ତାଲିକାରେ କ୍ରମିକ ସଂଖ୍ୟା ସୂଚିତ ଥିବାରୁ ଗଣତି ମଣତି ପାଇଁ ସହଜ ହେଉଛି। ଆଜି ଗଣତି ବେଳେ ଅଳଙ୍କାରର କୌଣସି ଅମେଳକ ହୋଇନାହିଁ। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏବଂ ନିର୍ଭୁଲ ଭାବରେ ସମସ୍ତ କାର୍ଯ୍ୟ କରାଯାଉଛି। ୧୯୭୮ ତାଲିକା ମେଳ କଲାବେଳେ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ଗଣତି ପାଇଁ ସକ୍ଷମ ହୋଇଥିଲେ ଟିମ୍। ଗଣତି ମଣତି ସରିବା ପରେ ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ କରାଯାଇ ସ୍ପଷ୍ଟ ସୂଚନା ଦିଆଯିବ। ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତର ବଡ଼ ବାଣିଜ୍ୟ ସହଯୋଗୀ ଚୀନ




ନୂଆଦିଲ୍ଲୀ, ୧୬।୪: ନିକଟରେ ଶେଷ ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ସବୁଠୁ ବଡ଼ ବାଣିଜ୍ୟ ସହଯୋଗୀ ଭାବେ ଚୀନ ଉଭା ହୋଇଛି। ଏଥି ସହିତ ଦୀର୍ଘ ଚାରି ବର୍ଷ ଧରି ଶୀର୍ଷ ସ୍ଥାନରେ ଥିବା

## ଆମେରିକା ତଳକୁ ଖସିଲା

ଆମେରିକା ତଳକୁ ଖସିଯାଇଛି। ଭାରତ ଓ ଚୀନ ମଧ୍ୟରେ ଏହି ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୧୫,୧୧୦ କୋଟି ଡଲାର ଥିଲା। ଏହି ଏଥିରୁ ଚୀନରୁ ସର୍ବାଧିକ ଲାଭ ମିଳିଛି। କାରଣ ଭାରତ ଅନେକ ଜିନିଷ ଚୀନରୁ ମଗାଇଥିବା ବେଳେ ବହୁତ କମ ଜିନିଷ ପଠାଇଛି। ସେଥିପାଇଁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ନିଅଣ୍ଟ ପରିମାଣ ୧୧,୨୧୬ କୋଟି ଡଲାର ରହିଛି।

୨୦୨୪-୨୫ରେ ଏହି ନିଅଣ୍ଟ ୯୯୨୦ କୋଟି ଡଲାର ଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଚୀନକୁ ଭାରତର ରପ୍ତାନି ୩୬.୬୬ ପ୍ରତିଶତ ବୃଦ୍ଧି ପାଇ ୧୯୪୭ କୋଟି ଡଲାରକୁ ବୃଦ୍ଧି ପାଇଛି। ଆମଦାନି ପରିମାଣ ୧୬ ପ୍ରତିଶତ ବଢ଼ି ୧୩,୧୬୩ କୋଟି ଡଲାର ହୋଇଛି। ତେବେ ଆମେରିକାକୁ ଭାରତର ରପ୍ତାନି ୦.୯୨ ପ୍ରତିଶତ ବୃଦ୍ଧି ପାଇ ୮୭୩୦ କୋଟି ଡଲାର ହୋଇଛି ଓ ଆମଦାନି ପରିମାଣ ୧୫.୯୫ ପ୍ରତିଶତ ବୃଦ୍ଧି ପାଇ ୫୨୯୦ କୋଟି ଡଲାର ରହିଛି। ଫଳରେ ଆମେରିକା ସହ ଭାରତର ବାଣିଜ୍ୟ ବଳକା ୩୪୪୦ କୋଟି ଡଲାର ହୋଇଛି। ପୂର୍ବବର୍ଷ ବାଣିଜ୍ୟ ବଳକା ପରିମାଣ ୪୦୮୯ କୋଟି ଡଲାର ଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ୨୦୧୩-୧୪ରୁ ୨୦୧୭-୧୮ ପର୍ଯ୍ୟନ୍ତ ଚୀନ ଭାରତର ଏକ ନମ୍ବର ବାଣିଜ୍ୟ ସହଯୋଗୀ ଥିଲା। ୨୦୨୦-୨୧ରେ ପୁଣି ଥରେ ଚୀନ ସେହି ସ୍ଥାନକୁ ଫେରିଥିଲା। ଚୀନ ପୂର୍ବରୁ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ) ଭାରତର ଏକ ନମ୍ବର ବାଣିଜ୍ୟ ସହଯୋଗୀ ଥିଲା। ୨୦୨୧-୨୨ ପରଠାରୁ ଆମେରିକା ଭାରତର ଏକ ନମ୍ବର ବାଣିଜ୍ୟ ସହଯୋଗୀ ହୋଇରହିଥିଲା। ତେବେ ୨୦୨୫-୨୬ରେ ନେଦରଲ୍ୟାଣ୍ଡ୍‌ସ, ବ୍ରିଟେନ, ସିଙ୍ଗାପୁର, ବାଂଲାଦେଶ, ସାଉଦି ଆରବ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଓ ମାଲେସିଆକୁ ଭାରତର ରପ୍ତାନି ହ୍ରାସ ପାଇଥିଲା।

ତେବେ ସେହି ସମୟରେ ୟୁଏଇ, ଜର୍ମାନୀ, ହଂକଂ, ଇଟାଲୀ, ନେପାଳ, ବ୍ରାଜିଲ, ସ୍ପେନ, ବେଲଜିୟମ ଓ ଭିଏତନାମକୁ ରପ୍ତାନି ବଢ଼ିଥିଲା। ଏହି ବର୍ଷ ରୁଷ, ଇରାକ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, କତର ଓ ତାଇୱାନରୁ ଆମଦାନି ହ୍ରାସ ପାଇଥିଲା। କିନ୍ତୁ ୟୁଏଇ, ସାଉଦି ଆରବ, ହଂକ, ସ୍ୱିଜରଲ୍ୟାଣ୍ଡ, ସିଙ୍ଗାପୁର, ଜାପାନ, କୋରିଆ, ଜର୍ମାନୀ, ଥାଇଲ୍ୟାଣ୍ଡ ଓ ମାଲେସିଆରୁ ଆମଦାନି ବଢ଼ିଥିଲା ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।



# ମାର୍ଚ୍ଚରେ ଦେଶର ବେକାରି ହାର ୫.୧%କୁ ବୃଦ୍ଧି

ନୂଆଦିଲ୍ଲୀ,୧୬।୪: ଚଳିତ ବର୍ଷ ମାର୍ଚ୍ଚରେ ଦେଶର ବେକାରି ହାର ୫.୧%କୁ ବୃଦ୍ଧି ପାଇଛି। ଏହା ୫ ମାସର ସର୍ବୋଚ୍ଚ ସ୍ତର। ଫେବ୍ରୁଆରୀରେ ବେକାରି ହାର ଥିଲା ୪.୯%। ବିଶେଷ କରି ସହରାଞ୍ଚଳରେ ନିଯୁକ୍ତି କମିବା ଫଳରେ ଦେଶର ହାରାହାରି ବେକାରି ହାର ବଢ଼ିଥିବା ବୁଧବାର ଜାରି ସରକାରୀ ତଥ୍ୟରୁ ଜଣାପଡ଼ିଛି। ମହିଳାଙ୍କ କ୍ଷେତ୍ରରେ ବେକାରି ହାର ଅଧିକ ରହିଛି। ପୁରୁଷ ବେକାରି ହାର ୫% ଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ରହିଛି ୫.୩%। ମାର୍ଚ୍ଚରେ ସହରାଞ୍ଚଳ ବେକାରି ହାର ବଢ଼ି ୬.୮% ହୋଇଛି, ଯାହାକି ଫେବ୍ରୁଆରୀରେ ଥିଲା ୬.୬%। ଅନ୍ୟପକ୍ଷରେ, ଗ୍ରାମାଞ୍ଚଳରେ ଏହା ୪.୨%ରୁ ବଢ଼ି ୪.୩% ହୋଇଥିବା ପିରିୟଡିକ୍ ଲେବର୍ ଫୋର୍ସ ସର୍ଭେ(ପିଏଲ୍ଏଫ୍ଏସ୍) ରୁ ଜଣାପଡ଼ିଛି। ୧୫ବର୍ଷରୁ ଅଧିକ ବୟସର ବ୍ୟକ୍ତିବିଶେଷ ଯେଉଁମାନେ ବେକାର କିନ୍ତୁ ସକ୍ରିୟ ଭାବେ କାର୍ଯ୍ୟ ସନ୍ଧାନରେ ଅଛନ୍ତି ସେମାନଙ୍କୁ ନେଇ ଏହି ସର୍ଭେ କରାଯାଇଛି। ଯୁବବର୍ଗ ବା ୧୫ରୁ ୨୯ ବର୍ଷ ବୟସ୍କଙ୍କ ମଧ୍ୟରେ ବେକାରି ହାର ୧୫.୨%ରେ ପହଞ୍ଚିଛି, ଯାହାକି ଫେବ୍ରୁଆରୀରେ ୧୪.୮% ଥିଲା। ଯୁବକମାନଙ୍କ ମଧ୍ୟରେ ଏହା ୧୩.୭%ରୁ ବଢ଼ି ୧୪.୩% ହୋଇଥିବାବେଳେ ଯୁବତୀମାନଙ୍କ ମଧ୍ୟରେ ଏହା ୧୭.୬% ରୁ ବଢ଼ି ୧୭.୭% ହୋଇଛି। ଗ୍ରାମୀଣ ଏବଂ ସହରାଞ୍ଚଳର ୮୯,୨୩୪ ପରିବାର ଓ ୩୭୫,୨୬୨ ବ୍ୟକ୍ତିବିଶେଷଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ମାର୍ଚ୍ଚରେ ଶ୍ରମବଳ ଯୋଗଦାନ ହାର(ଏଲ୍ଏଫ୍ପିଆର୍) ୫୫.୪%କୁ ଖସିଯାଇଛି, ଯାହାକି ୫ ମାସରେ ସର୍ବନିମ୍ନ। ପୁରୁଷଙ୍କ ମଧ୍ୟରେ ଶ୍ରମବଳ ଯୋଗଦାନ ହାର ୭୭.୫%ରୁ ୭୭.୪% କୁ ଏବଂ ମହିଳାଙ୍କ କ୍ଷେତ୍ରରେ ଏହା ୩୫.୩%ରୁ ୩୪.୪%କୁ ଖସିଯାଇଛି।

## ରାତାରାତି ୟୁଜର୍ସଙ୍କୁ ଝଟକା ଦେଲା ୟୁ ଟ୍ୟୁବ୍

# ପ୍ରିମିୟମ୍ ପ୍ଲାନ୍‌ର ରେଟ୍ ବଢ଼ାଇଲା

ନୂଆଦିଲ୍ଲୀ, ୧୬।୪:ବିଶ୍ୱର ସର୍ବବୃହତ୍ ଭିଡିଓ ପ୍ଲାଟଫର୍ମ ୟୁଟ୍ୟୁବ୍ ତା'ର ପ୍ରିମିୟମ୍ ସବସ୍କ୍ରିପସନ୍ ପ୍ଲାନ୍‌ର ମୂଲ୍ୟ ବୃଦ୍ଧି କରିଛି। କମ୍ପାନି କୌଣସି ବଡ଼ ଘୋଷଣା ବିନା ଏହି ପରିବର୍ତ୍ତନ କରିଥିବା ବେଳେ ୟୁଜର୍ସମାନେ କେବଳ ଇମେଲ୍ ମାଧ୍ୟମରେ ଏ ସମ୍ପର୍କରେ ସୂଚନା ପାଇଛନ୍ତି । ଏହି ସୂଚନା ପରେ ଭାରତୀୟ ୟୁଜର୍ସମାନଙ୍କ ମଧ୍ୟରେ ଆଗାମୀ ଦିନରେ ମୂଲ୍ୟ ବୃଦ୍ଧି ଚିନ୍ତା ବଢ଼ିଛି। ସୂଚନା ଅନୁଯାୟୀ, ଆମେରିକାରେ ୟୁଟ୍ୟୁବ୍ ପ୍ରିମିୟମ୍ ସମସ୍ତ ପ୍ଲାନ୍ର ମୂଲ୍ୟ ବୃଦ୍ଧି ହୋଇଛି। ବ୍ୟକ୍ତିଗତ ପ୍ଲାନ ମୂଲ୍ୟ ପ୍ରତି ମାସ ୧୩.୯୯ ଡଲାରରୁ ୧୫.୯୯ ଡଲାର ବଢ଼ାଯାଇଛି। ସେହିପରି ଫ୍ୟାମିଲି ପ୍ଲାନର ମୂଲ୍ୟ ୨୬.୯୯ ଡଲାରରେ ପହଞ୍ଚିଛି। ଛାତ୍ର ଓ ଲାଇଟ୍ ପ୍ଲାନରେ ପ୍ରତି ମାସ ୧ ଡଲାର ବୃଦ୍ଧି ହୋଇଛି। ବାର୍ଷିକ ପ୍ଲାନଗୁଡ଼ିକ ମଧ୍ୟ ଏବେ ମହଙ୍ଗା ହୋଇଯାଇଛି । ଏହା ସହିତ ଆପଲ୍ ଡିଭାଇସ୍ ମାଧ୍ୟମରେ ସବସ୍କ୍ରାଇବ୍ କରୁଥିବା ଉପଭୋକ୍ତାମାନେ ପ୍ଲାଟଫର୍ମ ଫି' କାରଣରୁ ଅଧିକ ଦେୟ ଦେଉଛନ୍ତି। ଜୁଲାଇ ୨୦୨୩ ପରେ ଏହା ଦ୍ୱିତୀୟ ବଡ଼ ମୂଲ୍ୟ ବୃଦ୍ଧି ବୋଲି କୁହାଯାଉଛି। ଏ ପର୍ଯ୍ୟନ୍ତ ଭାରତରେ ୟୁଟ୍ୟୁବ୍ ପ୍ରିମିୟମର ମୂଲ୍ୟ ଅପରିବର୍ତ୍ତିତ ରହିଛି। ବ୍ୟକ୍ତିଗତ ପ୍ଲାନ୍ ପ୍ରତି ମାସ ୧୨୯ ଟଙ୍କା, ଫ୍ୟାମିଲି ପ୍ଲାନ୍ ୧୮୯ ଟଙ୍କା ଓ ଛାତ୍ରଛାତ୍ରୀ ପ୍ଲାନ୍ ୭୯ ଟଙ୍କାରେ ଉପଲବ୍ଧ ଅଛି । ଏହି କାରଣରୁ ଆମ ଦେଶ ୟୁଟ୍ୟୁବ୍ ପ୍ରିମିୟମ୍ ପାଇଁ ସବୁଠାରୁ ସୁଲଭ ବଜାର ମଧ୍ୟରୁ ଗୋଟିଏ। ଯଦିଓ ଏ ଯାଏଁ ଭାରତରେ ମୂଲ୍ୟ ବୃଦ୍ଧି ହୋଇନାହିଁ। କିନ୍ତୁ ଆମେରିକାରେ ଏହି ପଦକ୍ଷେପ ସୂଚନା ଦେଉଛି ଯେ ଆଗାମୀ ଦିନରେ କମ୍ପାନି ଅନ୍ୟ ଦେଶରେ ମଧ୍ୟ ମୂଲ୍ୟ ବୃଦ୍ଧି କରିପାରେ। ଏହା ୟୁଜରଙ୍କୁ ଚିନ୍ତାରେ ପକାଇଛି।




# ମାର୍ଚ୍ଚରେ ୩୮ ମାସର ଉଚ୍ଚତମ ସ୍ତରକୁ ପହଞ୍ଚିଛି ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୬।୪: ପଶ୍ଚିମ ଏସିୟା ସଂକଟ ମଧ୍ୟରେ ଇନ୍ଧନ, ବିଦ୍ୟୁତ ଓ ମେନୁଫେକ୍ଚରିଂ ଉତ୍ପାଦର ମୂଲ୍ୟ ବୃଦ୍ଧି କାରଣରୁ ମାର୍ଚ୍ଚ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୩ ବର୍ଷ ଅର୍ଥାତ ୩୮ ମାସର ସର୍ବୋଚ୍ଚସ୍ତର ୩.୮୮%କୁ ପହଞ୍ଚି ଯାଇଛି। ବୁଧବାର ଜାରି ସରକାରୀ ତଥ୍ୟରେ ଏହି ସୂଚନା ଦିଆଯାଇଛି। ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ମାର୍ଚ୍ଚରେ ଲଗାତାର ପଞ୍ଚମ ମାସ ବୃଦ୍ଧି ହୋଇଛି। ପ୍ରାଥମିକ ଖାଦ୍ୟପଦାର୍ଥ ମୂଲ୍ୟ ସ୍ଥିର ଥିବା ବେଳେ ମୁଖ୍ୟ ମୁଦ୍ରାସ୍ଫୀତିରେ ବୃଦ୍ଧି ହୋଇଛି। ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ-ଇରାନ ସଂଘର୍ଷ ଆରମ୍ଭ ପରେ ଶକ୍ତି କ୍ଷେତ୍ରରେ ଦେଖା ଦେଇଥିବା ବୃଦ୍ଧି ମାର୍ଚ୍ଚରେ ମୁଦ୍ରାସ୍ଫୀତି ବୃଦ୍ଧିର କାରଣ ପାଲଟିଛି। ଡବ୍ଲୁପିଆଇ ଆଧାରିତ ମୁଦ୍ରାସ୍ଫୀତି ଫେବୃଆରୀରେ ୨.୧୩ ଓ ମାର୍ଚ୍ଚ ୨୦୨୫ରେ ୨.୨୫% ଥିଲା। ଉଦ୍ୟୋଗମନ୍ତ୍ରାଳୟ ବୟାନରେ କହିଛି ଯେ ଅଶୋଧିତ ପେଟ୍ରୋଲିୟମ ଓ ପାକୃତିକ ଗ୍ୟାସ୍, ଅନ୍ୟ ମେନୁଫେକ୍ଚରିଂ ବସ୍ତୁ, ଅଣ ଖାଦ୍ୟ ସାମଗ୍ରୀ, ମୂଳ ଧାତୁ ଓ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଏହି ମୁଦ୍ରାସ୍ଫୀତି ବୃଦ୍ଧିର ମୁଖ୍ୟ କାରଣ।

ଡବ୍ଲୁପିଆଇ ତଥ୍ୟ ଅନୁସାରେ ଇନ୍ଧନ ଓ ବିଦ୍ୟୁତ ଶ୍ରେଣୀରେ ମୁଦ୍ରାସ୍ଫୀତି ମାର୍ଚ୍ଚରେ ବଢ଼ି ୧.୦୫% ହୋଇଯାଇଛି। ତେବେ ଫେବୃଆରୀ ମାସରେ ଏଥିରେ ୩.୭୮% ହ୍ରାସ ରେକର୍ଡ କରାଯାଇଥିଲା। ଅଶୋଧିତ ପେଟ୍ରୋଲିୟମ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ବଢ଼ି ୫୧.୫୭% ହୋଇଯାଇଛି। ତେବେ ଏହା ପୂର୍ବ ମାସରେ ଏଥିରେ ୧.୨୯% ହ୍ରାସ ଦେଖାଯାଇଥିଲା। ଉତ୍ପାଦିତ (ମେନୁଫେକ୍ଚର୍ଡ) ସାମଗ୍ରୀର ମୁଦ୍ରାସ୍ଫୀତି ହାର ଫେବୃଆରୀର ୨.୯୨% ରୁ ବଢ଼ି ମାର୍ଚ୍ଚ ମାସରେ ୩.୩୯% ହୋଇ ଯାଇଛି।

ଫାଇନାନସିଆଲ ସର୍ଭିସେସ କମ୍ପାନୀ ବାର୍କଲେଜ କହିଛି ଯେ 'ବୈଶ୍ୱିକ ଏନର୍ଜୀ ଦର ଲଗାତାର ଉଚ୍ଚସ୍ତରରେ ରହିବା ଧିରେ ଧିରେ ଅନ୍ୟ ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରିଛି। ଏଥିରୁ ସଂସ୍ଥା ଏକ ଆକଳନ କରିଛି ଯେ ଆଗକୁ ପାଇକାରୀ ମୁଦ୍ରାସ୍ଫୀତି ଆହୁରି ବଢ଼ିବ'। ତେବେ ଖାଦ୍ୟବସ୍ତୁ ମୁଦ୍ରାସ୍ଫୀତି ହାର ଫେବୃଆରୀର ୨.୧୯% ସ୍ଥାନରେ ମାର୍ଚ୍ଚରେ ୧.୯୦%କୁ ଓହ୍ଲାଇ ଆସିଥିଲା। ଏଥିରେ ପନିପରିବା ମୁଦ୍ରାସ୍ଫୀତି ୧.୪୫%କୁ ହ୍ରାସ ହୋଇଥିଲା ଯାହା ଫେବୃଆରୀରେ ୪.୭୩% ଥିଲା।

ଏଥିରେ ବ୍ୟାଙ୍କ ଅଫ ବରୋଦାର ମୁଖ୍ୟ ଅର୍ଥଶାସ୍ତ୍ରୀ ସୋନଲ ବଧାନ ଆକଳନ କରିଛନ୍ତି ଯେ ଅଶୋଧିତ ତୈଳ ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ବଢ଼ି ରହିଲେ ଆଗାମୀ ମାସମାନଙ୍କରେ ଏହାର ପ୍ରଭାବ ସମଗ୍ର ପାଇକାରୀ ମୁଦ୍ରାସ୍ଫୀତି ଉପରେ ପଡିପାରେ। ୨୮ ଫେବୃଆରୀରେ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧ କାରଣରୁ ଅଶୋଧିତ ତୈଳ ମୂଲ୍ୟରେ ୫୦%ରୁ ଅଧିକ ବୃଦ୍ଧି ହୋଇଛି। ଭାରତ ସରକାର ମାର୍ଚ୍ଚ ୨୬ ତାରିଖରେ ପେଟ୍ରୋଲ ଓ ଡିଜେଲ ଦରରେ ଲିଟର ପିଛା ୧୦ ଟଙ୍କା ଉତ୍ପାଦଶୁଳ୍କ ହ୍ରାସ କରିଥିଲେ। ଉତ୍ପାଦ ଶୁଳ୍କରେ ଏହି ହ୍ରାସ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ତୀବ୍ର ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଥିଲା, ଯାହା ପ୍ରତି ବ୍ୟାରଲ ୭୦ ଡଲାରରୁ ବଢ଼ି ୧୨୨ ଡଲାରକୁ ପହଞ୍ଚି ଯାଇଥିଲା।

ଏହା ପୂର୍ବରୁ ଜାରି ତଥ୍ୟ ଅନୁସାରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ମାର୍ଚ୍ଚମାସରେ ବଢ଼ି ୩.୪% ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଚଳିତମାସ ପ୍ରାରମ୍ଭ ରେ ଜାରି ଆର୍ଥିକ ବର୍ଷ ୨୦୨୬-୨୭ ତାଙ୍କର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତି ଉପସ୍ଥାପନ କରି ପ୍ରମୁଖ ନୀତିଗତ ହାର ରେପୋକୁ ୫.୨୫%ରେ ଯଥାବତ ରଖିଥିଲେ। ଆରବିଆଇ ନୀତିଗତ ହାର ନିର୍ଦ୍ଧାରଣ ଲାଗି ମୁଖ୍ୟ ରୂପେ ଖୁଚୁରା ମୁଦ୍ରାସ୍ଫୀତିକୁ ଆଧାର କରିଥାନ୍ତି।



# ଇରାନ ଏବଂ ରୁଷରୁ ଶସ୍ତାରେ ତେଲ କିଣି ପାରିବନି ଭାରତ




ନୂଆଦିଲ୍ଲୀ, ୧୬।୪: ମଧ୍ୟପ୍ରାଚ୍ୟରେ ସଂଘର୍ଷ। ଅଧିକାଂଶ ଦେଶରେ ତୈଳ ସଙ୍କଟ ଗମ୍ଭୀର। ଏହାରି ଭିତରେ ଆମେରିକା ପୂର୍ବରୁ ଥିବା କଟକଣା ସତ୍ତ୍ୱେ ଇରାନ ଏବଂ ରୁଷରୁ ତେଲ କ୍ରୟ କରିବାକୁ ଦେଶଗୁଡ଼ିକୁ ଛାଡ଼ ଦେଇଥିଲା। ହେଲେ ଏବେ ଏହି ଛାଡ଼ର ସମୟ ଶେଷ ହେଉଛି। ଆଉ ଆମେରିକା ମଧ୍ୟ ଏହାକୁ ବୃଦ୍ଧି କରିବାକୁ ମନା କରିଦେଇଛି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଘୋଷଣା କରିଛନ୍ତି ଯେ ୱାଶିଂଟନ୍ ରୁଷ ଏବଂ ଇରାନରୁ ଶକ୍ତି କ୍ରୟ କରିବାକୁ ଦେଶଗୁଡ଼ିକୁ ଅନୁମତି ଦେଉଥିବା ଛାଡ଼କୁ ବୃଦ୍ଧି କରିବ ନାହିଁ। ଆମେ ରୁଷ ଏବଂ ଇରାନୀ ତେଲ ପାଇଁ ସାଧାରଣ ଲାଇସେନ୍ସ ନବୀକରଣ କରିବୁ ନାହିଁ। ମାର୍ଚ୍ଚ ୧୧ ପୂର୍ବରୁ ଜାହାଜରେ ଲୋଡ୍ ହୋଇଥିବା କିମ୍ବା ପରିବହନରେ ଥିବା ତେଲକୁ ବିକ୍ରି କରିବାକୁ ଅନୁମତି ଦିଆଯାଇଥିଲା। ବେସାନ୍ତ ଉଲ୍ଲେଖ କରିଛନ୍ତି ଯେ ସେହି ସମସ୍ତ ପୁରୁଣା ତେଲ ଏବେ ବ୍ୟବହୃତ ହୋଇଛି କିମ୍ବା ବିକ୍ରି କରାଯାଇଛି।" ମାର୍ଚ୍ଚ ୧୨ ତାରିଖରେ, ଆମେରିକାର ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନରମାନଙ୍କୁ ରୁଷୀୟ ତେଲ କିଣିବାକୁ ଅନୁମତି ଦେବା ପାଇଁ ୩୦ ଦିନିଆ ଅସ୍ଥାୟୀ ଛାଡ଼ ଘୋଷଣା କରିଥିଲା ଯାହା ପୂର୍ବରୁ ଲୋଡ୍ ହୋଇସାରିଥିଲା। ଏକ ବିବୃତ୍ତିରେ ଏହି ଛାଡ଼ ଘୋଷଣା କରି ବେସାନ୍ତ କହିଛନ୍ତି, "ବିଶ୍ୱ ବଜାରରେ ତୈଳର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ, ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନର୍ସଙ୍କୁ ରୁଷୀୟ ତେଲ କ୍ରୟ କରିବାକୁ ଅନୁମତି ଦେବା ପାଇଁ ଏକ ଅସ୍ଥାୟୀ ୩୦ ଦିନିଆ ଛାଡ଼ ଜାରି କରୁଛି। ଏହି ନିଷ୍ପତ୍ତି ରୁଷକୁ ଲାଭ ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା କେବଳ ସେହି ଜାହାଜଗୁଡ଼ିକୁ ଅନୁମତି ଦିଏ ଯେଉଁମାନେ ପ୍ରତିବନ୍ଧକ ଲାଗୁ ହେବା ସମୟରେ ସମୁଦ୍ରରେ ଥିଲେ ଏବଂ ସେମାନଙ୍କର ପୂର୍ବ କାର୍ଗୋ ବିକ୍ରୟ କରିବାକୁ ଅନୁମତି ଦିଏ। ଏହା ରୁଷ ପାଇଁ କୌଣସି ଲାଭ ପ୍ରଦାନ କରିବ ନାହିଁ।" ବିଶ୍ୱ ଶକ୍ତି ମୂଲ୍ୟ, ବିଶେଷକରି ଅଶୋଧିତ ତୈଳ ମୂଲ୍ୟକୁ ସ୍ଥିର କରିବା ପାଇଁ ଏହି ଅସ୍ଥାୟୀ ଛାଡ଼କୁ ଏକ ଆବଶ୍ୟକ ପଦକ୍ଷେପ ଭାବରେ ଆମେରିକା ବର୍ଣ୍ଣନା କରିଥିଲା। ଫେବୃଆରୀ ଶେଷ ଭାଗରେ, ଆମେରିକା-ଇରାନ ବିବାଦ ଯୋଗୁଁ ତେଲ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ଉପରେ ବୃଦ୍ଧି ପାଇଥିଲା। ୱାଶିଂଟନ ୩୦ ଦିନିଆ ଲାଇସେନ୍ସ ଘୋଷଣା କରିଥିଲା, ଯାହା ଦ୍ୱାରା ଅନ୍ୟ ଦେଶମାନଙ୍କୁ ଇରାନୀ ତେଲ କ୍ରୟ କରିବାକୁ ଅନୁମତି ଦିଆଯାଇଥିଲା। ରୁଷୀୟ ତେଲ ଉପରେ ଛାଡ଼ ଏପ୍ରିଲ ୧୧ରେ ଶେଷ ହୋଇଛି। ସେହିପରି ଇରାନୀ ତେଲ ଉପରେ ଛାଡ଼ ଏପ୍ରିଲ ୧୯ରେ ଶେଷ ହେବାକୁ ଯାଉଛି।



## ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଲେଖକ କଳା ପରିଷଦର ବିଷୁବ ମିଳନ ଉଦ୍‌ଯାପିତ



କଳାହାଣ୍ଡି,୧୬।୪(ସଂଚାର ବ୍ୟୁରୋ): କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ଆୟୋଜିତ ଦ୍ୱିଦିବସୀୟ ବିଷୁବ ମିଳନ -୨୬ ଭବାନୀପାଟଣାସ୍ଥ ଟାଉନ ହଲଠାରେ ଉଦଯାପିତ ହୋଇଯାଇଛି।ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ ଓ ସମ୍ମାନିତ ଅତିଥି ଭାବେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ତଥା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ମଂଚାସୀନ ହୋଇଥିଲେ।ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ମନୋଜ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ପରିଷଦ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ନାଟ୍ୟକାର ବିରଞ୍ଚି ନାରାୟଣ ମୁଣ୍ଡଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ହାସ୍ୟରସାତ୍ମକ ନାଟକ 'ଗାମୁଛା' ମଞ୍ଚସ୍ଥ ହୋଇଥିଲା। ଆଜିର ସମାଜରେ କିଛି ଆତ୍ମଘୋଷିତ ଜ୍ଞାନୀ (ଟାଉଟର) ଗାମୁଛା ଖଣ୍ଡେ ମଞ୍ଚରେ ପାଇବା ପାଇଁ କିପରି ଧରାଧରି କରି ଅତିଥି ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି ଏବଂ ଫଳସ୍ୱରୂପ ପ୍ରକୃତ ଗୁଣୀଲୋକ ଆଗକୁ ଆସିବାକୁ ପସନ୍ଦ ନକରି ନୀରବ ରହିଯାଉଛନ୍ତି ତାହା ନାଟକରେ ପ୍ରତିଫଳିତ ହୋଇଥିଲା। ବିଭିନ୍ନ ଭୂମିକାରେ ଭାଗିରଥି ବେହେରା, ଶୁଭେନ୍ଦୁ ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ରାଜେଶ ଦାସ, ଆଲୋକ ସାହୁ, ସୌରଭ ମହାପାତ୍ର, ଶିବଶକ୍ତି ପୁରୋହିତ ଓ ଦୀପ୍ତିମୟୀ ସିଂହ ଅଭିନୟ କରିଥିବାବେଳେ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା ସଂଗୀତ ଦେଇଥିଲେ।ଲିପ୍ସା ବାରିକ ନୃତ୍ୟ ନିର୍ଦ୍ଦେଶନା, ପ୍ରତାପ ପଣ୍ଡା ରୂପସଜ୍ଜା ଏବଂ ରୁବି ମହାନ୍ତି ଓ ରାହୁଲ ମିଶ୍ର କଣ୍ଠଦାନ କରିଥିଲେ।ସାଧାରଣ ଗାମୁଛାକୁ କେନ୍ଦ୍ରକରି ଗଢ଼ିଉଠିଥିବା ଏଇ ହାସ୍ୟ ରସାତ୍ମକ ନାଟକର ପ୍ରାସଙ୍ଗିକତା ଯେ ଖୁବ ଗୁରୁତ୍ୱ ତାହା ସମାଜ ଅନୁଭବ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ବହୁ କଳାକାର, ବୁଦ୍ଧିଜୀବୀ ତଥା ସାହିତ୍ୟପ୍ରେମୀ ଉପଭୋଗ କରିଥିଲେ।

# ୪ କୋଟିର ରାସ୍ତା କାମରେ ଅନିୟମିତତା




ଡୋଦଲ,୧୬।୪(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଦଉପୁର ପଞ୍ଚାୟତର ବାବୁରିଗାଁ ଠାରୁ ବୁଡାକୁଟି ପଞ୍ଚାୟତର ମାଙ୍କିଡିଆ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା କାମରେ ଗୁରୁତର ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି। ଉକ୍ତ ଆରଡି ବିଭାଗ ପକ୍ଷରୁ ପ୍ରାୟ ୨ କି.ମି. ୭୦୦ ମିଟର ଲମ୍ବା ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ହୋଇଥିବା ସତ୍ତ୍ୱେ କାମର ନିମ୍ନମାନକୁ ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁସାରେ ପୂର୍ବରୁ ଥିବା ପିଚ୍ ରାସ୍ତାକୁ ସଠିକ୍ ପ୍ରସ୍ତୁତି ବିନା ସିଧାସଳଖ ଢଳେଇ କରାଯାଉଛି। ନିର୍ମାଣ ସମୟରେ ପାଣି ଦେଇ ରୋଲର ରୋଲିଂ କରାଯାଉନଥିବା ସହ ପ୍ରତ୍ୟେକ ଲେୟରକୁ ରୋଲର ଚଳାଇ ଯଥାପ୍ରକାର କମ୍ପାକ୍ସନ୍ ମଧ୍ୟ କରାଯାଉନଥିବା ଅଭିଯୋଗ ଉଠିଛି। ଫଳସ୍ୱରୂପ, ରାସ୍ତାର ଭିତି ଦୃଢ଼ ହେଉନଥିବାରୁ ନିର୍ମାଣ କାମର ଖରାପ ହେବା ସହ ଅଳ୍ପ ଦିନରେ ନଷ୍ଟ ହୋଇଯିବ। ସେହିପରି ନିୟମ ଅନୁଯାୟୀ ପ୍ରଶସ୍ତିକରଣ ହେଉଥିବା ରାସ୍ତାକୁ ମେଟାଲ ବ୍ୟବହାର କରିବାକୁ ଥିଲେ ସୁଦ୍ଧା ଚିପ୍ସ ସହ ବଜରି ମିଶାଇ ଢଳାଇ କରାଯାଉଥିବା ମଧ୍ୟ ଅଭିଯୋଗ ରହିଛି। ଏହାର ପରିଣାମ ସ୍ୱରୂପ ରାସ୍ତାର ଦୃଢ଼ତା କମିଯାଇଥିବା ସହ ମାଙ୍କିଡିଆ ଆରମ୍ଭରୁ ନୂତନ ରାସ୍ତା ଫାଟିଯାଇଥିବା ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ, ଯାନବାହନ, ଛାତ୍ରଛାତ୍ରୀ, ଅଗ୍ନିଶମ ଓ ଆମ୍ବୁଲାନ୍ସ ଗାଡ଼ି ଯାତାୟାତ କରୁଥିବା ସତ୍ତ୍ୱେ ଡାଇଭର୍ସନ ବ୍ୟବସ୍ଥା କରାଯାଇନାହିଁ।

### ସିନ୍ଧୁପୁର -ହଳଦିଆ ରାସ୍ତାରେ ବିଛାଡି ହୋଇପଡ଼ିଛି ଗୋଡି

# ଯାତାୟାତରେ ଲୋକେ ହୀନସ୍ତା, ବଢ଼ୁଛି ଦୁର୍ଘଟଣା



ମାହାଙ୍ଗା,୧୬।୪(ସଂଚାର ବ୍ୟୁରୋ): ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ସିନ୍ଧୁପୁର -ହଳଦିଆ ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ରାସ୍ତାର କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଲୋକମାନେ ଯାତାୟତରେ ନାନା ସମସ୍ୟା ଦେଇ ଗତି କରୁଥିବା ଜଣାଯାଇଛି। ପ୍ରକାଶ ଯେ ଏହି ରାସ୍ତାରେ ଡଷ୍ଟ ଓ ଗୋଡି ପ୍ରାୟ ୧୦ ଦିନ ହେବ ପଡ଼ିଛି। ବର୍ତ୍ତମାନ ଗୋଡି ଗୁଡିକ ବିଛାଡି ହୋଇ ପଡ଼ିଥିବାରୁ ଯାତାୟତରେ ନାନା ଅସୁବିଧା ହେବା ସହ ଦୁର୍ଘଟଣାମାନ ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ସିନ୍ଧୁପୁର ଓ ହଳଦିଆ ପଞ୍ଚାୟତର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିଛି। ଏହି ରାସ୍ତା ଦେଇ ଶହ ଶହ ବାଇକ, ଚାରି ଚକିଆ ଓ ଭାରିଯାନ ଆଦି ଯାତାୟତ କରିଥାଏ। ବିଶେଷ କରି ଦୁଇ ପଞ୍ଚାୟତର କୁନି କୁନି ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଦ୍ୟାଳୟ, କଲେଜ, ଥାନା, ଡାକ୍ତରଖାନା, ବ୍ୟାଙ୍କ, ବ୍ଲକ, ଏଦେକଣା ବଜାର, ସାଲେପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାତାୟତ କରିଥାନ୍ତି କିନ୍ତୁ ଏହି ରାସ୍ତା କାର୍ଯ୍ୟରେ ନିଯୁକ୍ତ ଠିକାଦାର ରାସ୍ତାକୁ ଅଧାପନ୍ତରିଆ କରି ଛାଡି ଦେଇଛନ୍ତି। ଏହି ରାସ୍ତା ଉପରେ ଏବେ ମେଣ୍ଟାଲ ଗୋଡି ବିଛାଡି ହୋଇ ପଡ଼ିଥିବାରୁ ଅନେକ ସମୟରେ ପଥଚାରୀ ମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା କାର୍ଯ୍ୟରେ ବ୍ୟବହୃତ ୧୨୦ ଏମଏମରୁ ଉର୍ଦ୍ଧ୍ୱ ସାଇଜର ମେଣ୍ଟାଲ ବ୍ୟବହାର କରାଯାଉଛି। ଯାହାକି ସରକାରୀ ନିୟମ ବାହାରେ କାର୍ଯ୍ୟ ହୋଇଛି। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମନମୁଖୀ ପାଇଁ ଲୋକଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ରାସ୍ତା ଉପରେ ପାଣି ନ ପଡୁଥିବାରୁ ଡଷ୍ଟ ଗୁଣ୍ଡ ଉଡି ଲୋକଙ୍କ ଯାତାୟତରେ ବାଧାପ୍ରାପ୍ତ ହେଉଛି। ତେଣୁ ସ୍ଥାନୀୟ ବିଧାୟକ ଓ ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

### ଉଜ୍ଜ୍ୱଳା ଗ୍ୟାସ ହେରଫେର

# ହିତାଧିକାରୀଙ୍କ ଗ୍ୟାସ ଉଠାଇ ନେଉଛି ଅଫିସ




ବାଲିଆପାଳ,୧୬।୪(ସଂଚାର ବ୍ୟୁରୋ): ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନଥିବା ପରିବାରକୁ ସରକାରଙ୍କ ତରଫରୁ ମାଗଣାରେ ଗ୍ୟାସ ସଂଯୋଗ ପ୍ରଦାନ କରାଯାଉଅଛି। ମାତ୍ର ତୃଣମୂଳ ସ୍ତରରେ ମହିଳା ମାନଙ୍କୁ ବର୍ତ୍ତମାନ ଏହି ଯୋଜନାରେ ଗ୍ୟାସ ସଂଯୋଗ ଏବଂ ଗ୍ୟାସ ପୁନର୍ଭର୍ତ୍ତି ଉଭିବା ପାଇଁ ନାକେଦମ ହେବାକୁ ପଡୁଛି। ଗ୍ୟାସ ଗୋଦାମରେ ଘରୋଇ ଗ୍ୟାସ ରଖିଥିବା ସତ୍ତ୍ୱେ ପ୍ରାପ୍ୟ ଦେଶରେ ଯୁଦ୍ଧ ହେଉଥିବା ବାହାନା ଦେଖାଇ ଗ୍ୟାସ ଅଫିସ କର୍ମଚାରୀମାନେ ମହିଳା ମାନଙ୍କ ନାମରେ ଆସିଥିବା ଗ୍ୟାସ, ଚୁଲା, ରେଗୁଲେଟରର ଓ ପାଇପ ସାମଗ୍ରୀ କୁ ହେରଫେର କରୁଥିବାର ଅଭିଯୋଗ ଆସିଛି। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା କୁଣ୍ଡଳୀ ପଞ୍ଚାୟତର ସୁମତି ସୋରେନ, ସଂଯୁକ୍ତା ମଲ୍ଲିକ, ଶକୁନ୍ତଳା ସେଠି, ମମତା ମହାନ୍ତି, ରେବତୀ ମଲ୍ଲିକ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ପାଇଁ ବସ୍ତା ବ୍ଲକ ନାରୋଗଦା ଠାରେ ଥିବା କାର୍ତ୍ତିକ ଇଣ୍ଡେନ ଗ୍ୟାସ ଅଫିସ ରେ ଆବେଦନ କରିଥିଲେ। ହେଲେ ଅଫିସ ତରଫରୁ ମହିଳାଙ୍କ କେୱାଇସି ଏବଂ ତାଙ୍କୁ ଗ୍ୟାସ ଦିଆଯାଇଛି ବୋଲି ଫୋଟୋ ଉଠାଇଲା ପରେ ବି ମହିଳାମାନେ ଗ୍ୟାସ, ଚୁଲା ଓ ପାଇପ ପାଇବାରୁ ବଞ୍ଚିତ ଥିଲେ। ହିତାଧିକାରୀଙ୍କ ଗ୍ୟାସ ସଂଯୋଗ ନମ୍ବର ଅନଲାଇନରେ ଚେକ କରିବାରୁ ଜାଣିବାକୁ ମିଳିଥିଲା ୪୦ ଦିନ ପୂର୍ବରୁ ଏହି ମହିଳାଙ୍କ ନାମରେ ଗ୍ୟାସ ଉଠାଯାଇଛି। ଠିକ ସେହିପରି ଇଡିଦା ପଞ୍ଚାୟତର କବିତା ଦାସ ଏହି ଅଫିସରେ ନୂତନ ଉଜ୍ଜ୍ୱଳା ଗ୍ୟାସ ପାଇଁ ଆବେଦନ କରି ଖାତା ନମ୍ବର ପାଇଥିବା ସତ୍ତ୍ୱେ ତାଙ୍କୁ ଆଜି ପର୍ଯ୍ୟନ୍ତ ଗ୍ୟାସ, ଚୁଲା ଓ ପାଇପ ମିଳି ନଥିବାର ସମ୍ପର୍କ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଉଜ୍ଜ୍ୱଳା ଗ୍ୟାସ ପାଇଥିବା କୁଣ୍ଡଳି ପଞ୍ଚାୟତର ବସୁମତୀ ଜେନା, ବାପୁନ ସାମଲ, ନମିତା ସାମଲ, ଜଲ୍ଲି ମଲ୍ଲିକ, ଗାଈବାରି ପଞ୍ଚାୟତ, ପ୍ରତିମା ରାଉଳ, ପାର୍ବତୀ ମଲ୍ଲିକ, ରାଜା ହରିଶ୍ଚନ୍ଦ୍ର ବେହେରା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ଗ୍ୟାସ ପୁନର୍ଭର୍ତ୍ତି ଉଭିବା ପାଇଁ ବୁକିଙ୍ଗ କରିଥିଲେବି ତାଙ୍କୁ ଗ୍ୟାସ ନଦେଇ ତାଙ୍କୁ ନକଶାଇ ତାଙ୍କ ନାମରେ କାର୍ତ୍ତିକ ଇଣ୍ଡେନ ଗ୍ୟାସ ଅଫିସର କର୍ମଚାରୀମାନେ ଉଠାଇ ନେଇଥିବା ଅଭିଯୋଗ କରିଥିଲେ। ଯାହା ଗ୍ୟାସ କଳାବଜାରୀ ନଗ୍ନରୂପ କୁ ସୁଚାଉଛି। ତେବେ ଏ ବିଷୟରେ ଗଣମାଧ୍ୟମ ପ୍ରତିନିଧି ଜାଣିଲା ପରେ ହିତାଧିକାରୀଙ୍କ ସହ ନାରୋଗଦା ଠାରେ ଥିବା କାର୍ତ୍ତିକ ଇଣ୍ଡେନ ଗ୍ୟାସ ଅଫିସର ପରିଚାଳକ ବାଲୁଙ୍କେଶ୍ୱର ବେହେରା ଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ।

# ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ପାଳିତ



କଳାହାଣ୍ଡି,୧୬।୪(ସଂଚାର ବ୍ୟୁରୋ): ଗାଁର ମଙ୍ଗଳ ଲାଗି ଆଦୀମ କାଳରୁ କୋକସରା ବ୍ଲକ ଡୁଡୁକାଠେଙ୍ଗାପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଖଲିଗଡ଼ ଗ୍ରାମର ପୁରୁଣାପଡ଼ାରେ ମା'ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ପାଳିତ ହୋଇଆସୁଛି। ମା' ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରାରେ ମଧ୍ୟ ଭିନ୍ନତା ରହିଛି। ଲୋକଙ୍କ ଦ୍ୱାର ମୁହଁରେ ଯାଇ ମା'ଠାକୁରାଣୀ କାଳିଶୀ ରୂପେ ଦର୍ଶନ ଦେଇଥାନ୍ତି। ମଙ୍ଗଳବାର ମା'ଙ୍କ ଯାତ୍ରା ଲାଗି ଗାଁରେ ଶହ ଶହ ଲୋକଙ୍କ ସମାଗମ ହେଇଥିବା ବେଳେ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଉଠିଥିଲା। ସକାଳୁ ଗାଁର ପ୍ରତ୍ୟେକ ପଡ଼ାର ଘରେ ଘରେ ଦେବାଦେବୀଙ୍କ ଲାଠି, କୁର୍ସୀ ପହଞ୍ଚି କାଳିଶୀ ରୂପରେ ମା'ଠାକୁରାଣୀ ଦର୍ଶନ ଦେବା ସହ ପାଲିଙ୍କିରେ ଲାଠି ଚଢ଼ାଇଥାନ୍ତି ଓ ପରେ ପୁଝାରୀଙ୍କ ଘରକୁ ଆସି ପୁଣି ଅପରାହ୍ନରେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ଶହ ଶହ ଲୋକେ ମା'ଙ୍କୁ ଦର୍ଶନ କରିବା ସହ ଶୁକ୍ଳ ଓ ରକ୍ତ ଭୋଗରେ ବଳୀ ପ୍ରଦାନ କରିଥିଲେ। ମାଟି ପୂଝାରୀ ମାନସିଂ ପୁଝାରୀ, ସୁକଚନ ପୂଝାରୀ, ଶିରା ନବେ ମାଝୀ, କର୍ତ୍ତମାନ ମାଝୀ, ଜୟଧର ଚଲାନ, ରବି ମାଝୀ, ନସିଂ ଚଲାନ ପ୍ରମୁଖ ପୂଜାର୍ଚ୍ଚନା ସମ୍ପାଦନା କରିଥିଲେ ଓ ଗୌନ୍ତିଆ ଗବ୍ର ମାଝୀ, ଗଣା ଖଗେ ମହାନନ୍ଦ, ସେବକ ଶଶୀ ରାଉତ, ବିରେନ କନ୍ଧ, ପଦ୍ମନ ଚଲାନ, ଜଗ ପୁଝାରୀ, ପୁରୁନ କନ୍ଧ, ପିତବାସ କନ୍ଧ, ତ୍ରିନାଥ ପୂଝାରୀ, ଅମୃ ମାଝୀ, ସୁକଚନ ମାଝୀ, ସହଦେବ ମାଝୀ, ଧନସାଏ ଚଲାନ ମଦନ ଚଲାନ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଙ୍କ୍ୟ ମାନେ ପାରାଦୀପର ନୂତନ ଏଏସ୍‌ପି



ପାରାଦୀପ,୧୬।୪(ସଂଚାର ବ୍ୟୁରୋ): ପାରାଦୀପକୁ ନୂତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ଜଣେ ଯୁବ ଆଇପିଏସଙ୍କର ନିଯୁକ୍ତି ହୋଇଛି। ସେ ହେଉଛନ୍ତି ଶ୍ରୀ ମାନେ ଆଜିଙ୍କ୍ୟ ମାନେ। ସେ ଜଗତସିଂହପୁର ଉପଖଣ୍ଡ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ କିଛିଦିନ ଭିତରେ ସେ ନିଜର ଦକ୍ଷତା ଜିଲ୍ଲାରେ ରହି ପ୍ରତିପାଦନ କରିବାରେ ବେଶ ସିଦ୍ଧହସ୍ତ ହୋଇଛନ୍ତି। ସେ ଜଣେ ଯୁବ ଆଇପିଏସ ଭାବେ ଜିଲ୍ଲାକୁ ଆସିବା ପରେ ତାଙ୍କର କାର୍ଯ୍ୟକରିବାର ଶୈଳୀ ବେଶ ଲୋକାଦୃତ ହୋଇଥିବା କୁହାଯାଉଛି। ସେ ୨୦୨୨ ମସିହାର ଆଇପିଏସ ହୋଇଥିବା ବେଳେ ତାଙ୍କୁ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ନିଯୁକ୍ତି ମିଳିଛି। ପାରାଦୀପରେ କୁମାରମଣୀ ମେହେର, ରାଜେଶ କୁମାର ଓ ଅସିତ କୁମାର ପାଣିଗ୍ରାହୀଙ୍କ ଭଳି ଆଇପିଏସ ଅଧିକାରୀମାନେ ଏଠାରେ କାର୍ଯ୍ୟ କରିଥିବା ବେଳେ ଜଣେ ଯୁବ ଆଇପିଏସ ଭାବେ ଆଜିଙ୍କ୍ୟ ମାନେ ଏଠାରେ କାର୍ଯ୍ୟ କରିବେ।

# ଜିଲ୍ଲାପାଳଙ୍କ ବିଭିନ୍ନ ସ୍କୁଲ୍ ଓ ଅଙ୍ଗନୱାଡିକୁ ଅଚାନକ ପରିଦର୍ଶନ ଶିକ୍ଷକ ଓ କର୍ମଚାରୀ ଛାନିଆଁ



ସୁବର୍ଣ୍ଣପୁର,୧୬।୪(ସଂଚାର ବ୍ୟୁରୋ): ଗତକାଲି ସକାଳେ ସକାଳେ ଲଛିପୁର, ଲୁପୁରସିଂହା, ରୁଗୁଡ଼ି ପାଲି ସମେତ ଏ ଅଞ୍ଚଳ ର ଅନେକ ଅଙ୍ଗନ୍‌ୱାଡ଼ି ସେଣ୍ଟର ଓ ବିଦ୍ୟାଳୟ ଅଚାନକ ପରିଦର୍ଶନ କରିଥିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ। ଏ ସବୁ ର ପରିଚାଳନା ବିଷୟ ରେ କର୍ମଚାରୀ ଙ୍କୁ ବୁଝିବା ସହ ପିଲା ଙ୍କ ସହ ସିଧା ସଳଖ କଥା ହୋଇ ସବୁ ବୁଝିଲେ। ଲୁପୁରସିଂଙ୍ଗା ଅଙ୍ଗନୱାଡି ରେ ଚାଲିଥିବା ଶିଶୁ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କୁ ଦେଖି ଖୁସି ହୋଇଥିଲେ। ବିଭିନ୍ନ ଗାଁ ଗସ୍ତ ସାରି ସକାଳ ୯ ଟା ବେଳେ ଏ ରାସ୍ତା ରେ ଜିଲ୍ଲାପାଳ ସୋନପୁର ଫେରୁ ଥିବା ଓ ତାଙ୍କ ତତ୍ପରତା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ଏ ଅଞ୍ଚଳ ର ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଅଙ୍ଗନ ୱାଡି କର୍ମଚାରୀ ପ୍ୟାକ୍ସ କର୍ମଚାରୀ ଆଜି ଛାନିଆଁ ହୋଇ ଯାଇଥିଲେ। ପ୍ରତିଦିନ ଜିଲ୍ଲାପାଳ ଙ୍କ ଏଭଳି କିଛି ନା କିଛି ଅଞ୍ଚଳ ଗାଁ କୁ ପରିଦର୍ଶନ ଯୋଗୁଁ ସରକାରୀ କର୍ମଚାରୀ ଚଳ ଚଞ୍ଚଳ ହୋଇ ଉଠିଥିବା ଜଣା ଯାଇଛି। ଆକ୍ସନ ଠାରୁ କ୍ଷେତ୍ର ପରିଦର୍ଶନ, ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଡିସ୍କସନ୍ ମହୋଷଧି ଠାରୁ ଅଧିକ କାର୍ଯ୍ୟ କରେ ବୋଲି ଜିଲ୍ଲାପାଳ ବେଳେ ବେଳେ ସଭାରେ ଅଫିସର ମାନଂକୁ କହନ୍ତି ।

# ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି

ସୁବର୍ଣ୍ଣପୁର,୧୬।୪(ସଂଚାର ବ୍ୟୁରୋ): ସୋନପୁର ଟାଉନ ର ପେଲେସ ଗାର୍ଡେନ ଠାରୁ ଜନଗଣନା ଆରମ୍ଭ ହୋଇଛି। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ପୌର ପରିଷଦ ଅଧିକାରୀ ରୁଷି ମାଝୀ ସୋନପୁର ଏନୋ ମେଟର ୩୮ଜଣ ୬ଜଣ ସୁପର ଭାଇଜର, ସୋନପୁର ଟାଉନ ର ବିଭିନ୍ନ ୱାର୍ଡ ରେ ଏବଂ ୫୪ଟି ହାଉସ ଲିଷ୍ଟିଙ୍ଗ ବ୍ଲକ, ଗୃହ ଗଣନା କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଥିଲେ। ସୂଚନା ମୁତାବକ ନିଜେ ଜନଗଣନା କାର୍ଯ୍ୟକ୍ରମ ଏପ୍ରିଲ ୧ତାରିଖ ରୁ ଆରମ୍ଭ ହୋଇ ୧୫ ତାରିଖ ପଯ୍ୟନ୍ତ ଥିଲା। କିନ୍ତୁ ସରକାର ଙ୍କ ନିର୍ଦ୍ଦେଶ ମୋତେ ଆଜି ୧୬ତାରିଖ ୧୮ତାରିଖ ଭିତରେ ହାଉସ ଲିଷ୍ଟ ତିନି ଦିନ ଭିତରେ ଦେବାର ଅଛି। ପ୍ରତ୍ୟେକ ୱାର୍ଡ, ପ୍ରତ୍ୟେକ ମୁନ୍ସିପାଲଟି ର ପଡା ମାନଙ୍କ ଜନଗଣନା ଆରମ୍ଭ ହୋଇଛି। ବର୍ତମାନ ଘର ଗଣନା ଚାଲିଛି ୩ ଦିନ ଧରି ତାପରେ ଘର ମାନଙ୍କ ଲେ ଆଉଟ ପ୍ରସ୍ତୁତି ହେବା। ୧୯ ତାରିଖ ରୁ ଘର ଘର ବୋଲି ୩୩ଟି ପ୍ରଶ୍ନ ପଚାରିବ ଅଧିକାରୀ ବାବୁ ମାନେ ହାଉସ ହୋଲଡ଼ର ମାନଙ୍କୁ ଜନଗଣନା କାର୍ଯ୍ୟକ୍ରମ କରି ବେ ବୋଲି ସତ୍ୟ ପ୍ରକାଶ କଲେ ଏଁ ନେଇ ସୂଚନା ଦେଲେ ଏନୋ ମେରେ ଟର ତ୍ରିଲୋଚନ ନାୟକ। ସାମ୍ବାଦିକ ମାନଙ୍କୁ ପତିକ୍ରିୟା ଦେଇଛନ୍ତି ।

● ବଳାଙ୍ଗୀ ମହୋତ୍ସବ ଉଦଘାଟିତ

# କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ




ବାରିପଦା,୧୬।୪(ସଂଚାର ବ୍ୟୁରୋ): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି. ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ମୟୁରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ଆଇନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼. ରଞ୍ଜନ କୁମାର ତରେଇ, ଜିଲ୍ଲା ଓକିଲ ସଙ୍ଘର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ. ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ପଣ୍ଡିତ ଭାଗବତ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିଲେ. ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାର ମାନଙ୍କର ନୃତ୍ୟ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ. ଓଡିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା. ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ମନୋରଞ୍ଜନ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ. ଶେଷରେ ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱିତୀୟ ଟାଏକ୍ୱୋଣ୍ଡୋ କଲର୍ ବେଲ୍ଟ ପରୀକ୍ଷା




ସୁବର୍ଣ୍ଣପୁର ,୧୬।୪(ସଂଚାର ବ୍ୟୁରୋ): ଆର୍ଟସ୍ ଟେମ୍ପଲ୍, ସୁବର୍ଣ୍ଣପୁର ଟାଇକୋଣ୍ଡୋ ଏବଂ ଓଡ଼ିଶା ଟାଇକୋଣ୍ଡୋ ଓ ଇଣ୍ଡିଆ ଟାଇକୋଣ୍ଡୋ ଦ୍ୱାରା ଅନୁବନ୍ଧିତ ଓଡ଼ିଶା ର ଏକମାତ୍ର ସଂସ୍ଥା ର ମିଳିତ ଆନୁକୁଲ୍ୟରେ ବିଭିନ୍ନ ଟାଇକୋଣ୍ଡୋ କ୍ରୀଡା କୁ ନେଇ ସୁବର୍ଣ୍ଣପୁରରେ ଆଜି ଏକ ଐତିହାସିକ କଲର୍ ବେଲ୍ଟ ପରୀକ୍ଷା ଏବଂ ଜିଲ୍ଲା ସ୍ତରୀୟ ଅଫିସିଆଲ୍ ଟାଇକୋଣ୍ଡୋ ସିଲେକ୍ସନ ଟ୍ରାଏଲ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟାଇ କୋଣ୍ଡୋ ର ସମ୍ପାଦକ ଚିନ୍ମୟ ବେହେରା ଙ୍କ ସହଯୋଗରେ ମୁଖ୍ୟ ପରୀକ୍ଷକ ଭାବେ ମାଷ୍ଟର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ ପିଲାମାନଙ୍କର କଳା ନୈପୁଣ୍ୟତା ପରୀକ୍ଷା କରିଥିଲେ। ସୁବର୍ଣ୍ଣପୁର ଟାଇକୋଣ୍ଡୋ ଶାଖା ସମ୍ପାଦକ ଓ ଆର୍ଟସ୍ ଟେମ୍ପଲ୍ ସୁବର୍ଣ୍ଣପୁରର ମୁଖ୍ୟ କୋଚ୍ ମାଷ୍ଟର ସୁଶାନ୍ତ କୁମ୍ଭାର ଉକ୍ତ ପରୀକ୍ଷାରେ ସହଯୋଗ କରିଥିଲେ। ଆର୍ଟ୍ସ ଟେମ୍ପୁଲ ବୌଦ୍ଧ ରୁ ମାଷ୍ଟର ସୁଧୀର କୁମାର ବାରିକ୍, କାନସିନ୍ କାଇ ବ୍ଲାକ ବେଲ୍ଟ ଡିଗ୍ରୀଧାରୀ ଶଙ୍କର ପ୍ରସାଦ ନାଏକ, ସୂର୍ଯ୍ୟ କୁମାର ରଣା, ବୃନ୍ଦାବନ ଭୋଇ, ମିଲନ କୁମାର ଦାସ, ଅଭିଷେକ ନାଏକ ଆସି ସହଯୋଗ କରିଥିଲେ। ଆଜିର ଏହି ଶିବିରରେ ୪ ଜଣ ଗ୍ରୀନ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଦିବ୍ୟାଂଶ ସାହୁ, ସ୍ମୃତିଶ୍ରୀ ମିଶ୍ର, ସାଇ ସ୍ୱରୂପ ମିଶ୍ର ଓ ସୁନ୍ଦର ଜଗତ ଓ ୬ ଜଣ ଗ୍ରୀନ୍ ସିନିୟର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ହେଲେ ଓମ୍ ସ୍ମୃତି ରଞ୍ଜନ ନାୟକ, ସ୍ମୃତି କୁମ୍ଭାର, କାବ୍ୟା ମେହେର, ସୁହାନା ଜଗଦଲା, ୨-ଶୃତି ସାହୁଲ ଖୁରା, ଅନମୋଲ ମିଶ୍ର ଓ ୯ ଜଣ ୟେଲୋ ବେଲ୍ଟ ରେ ସର୍ବଶ୍ରୀ ପ୍ରତ୍ୟାଶା ବେହେରା, ବ୍ରଜକିଶୋର ବାଘ, ବାଳଗୋପାଳ ବାଘ, ସମୀକ୍ଷା ପାଲ, ଜୟଲକ୍ଷ୍ମୀ ମିର୍ଦ୍ଧା, ଓମ୍ ପରିମିତା ମିର୍ଦ୍ଧା, ସାଇ ସାଧ୍ୱୀ, ସାଇ ଇଭାନ, ଆଧିରା ମହାପାତ୍ର ପ୍ରମୁଖ ଉତ୍ତିର୍ଣ୍ଣ ହୋଇଥିଲେ।ଓଡ଼ିଶା ଟାଇକୋଣ୍ଡୋ ତରଫରୁ ବେଲ୍ଟ ଓ ପ୍ରମାଣ ପତ୍ର ଉପସ୍ଥିତ ଅତିଥି, ଅଭିଭାବକ ଓ ପୁରାତନ ଛାତ୍ର ଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା

# ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ରାଲି ଅନୁଷ୍ଠିତ

ସୁବର୍ଣ୍ଣପୁର,୧୬।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ତରଫରୁ "ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ" ଅନୁଷ୍ଠିତ ହୋଇ ସଫଳତାର ସହିତ ସମାପ୍ତ ହୋଇଛି। ଏହି ଅବସରରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ସୋନପୁର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସୋନପୁର ନିଉ ଟାଉନ ହଲ ପର୍ଯ୍ୟନ୍ତ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଏହି ରାଲିରେ ମହିଳା ସଶକ୍ତିକରଣ ବାର୍ତ୍ତା ପ୍ରଚାର ପାଇଁ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ଦେଖାଯାଇଥିଲା। ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ନୃପରାଜ ସାହୁ ଯୋଗଦେଇ ମହିଳାମାନଙ୍କ ଆତ୍ମନିର୍ଭରଶୀଳତା ଓ ସାମାଜିକ ଉନ୍ନତିରେ ମିଶନ ଶକ୍ତିର ଭୂମିକାକୁ ଉଲ୍ଲେଖ କରିଥିଲେ। ଏହାସହ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଆଞ୍ଜଲିନା ପଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ଶ୍ରୀ ବିଶ୍ୱଜିତ ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଯମୁନା ପଧାନ, ସମସ୍ତ ୬ଟି ବ୍ଲକର ମିଶନ ଶକ୍ତି ଓ ଓଏଲଏମ ଅଧିକାରୀମାନେ ଏବଂ ଶ୍ରୀମତୀ ନଳିନୀ ପଣ୍ଡା (ମାନନୀୟା ସାଂସଦ ବଲାଙ୍ଗୀରଙ୍କ ପ୍ରତିନିଧି), ଶ୍ରୀମତୀ ହେମଲତା ବକ୍ସି (ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ) ପୌରାଞ୍ଚଳ, ସୋନପୁର ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ୧୦୦୦ରୁ ଉର୍ଦ୍ଧ୍ୱ ମହିଳା, ଯଥା ସିଆର୍ପି/ସିଏସଏସ ଓ ବିଭିନ୍ନ ଏସଏଚଜି ଫେଡେରେସନର ସଦସ୍ୟା ମାନେ ସକ୍ରିୟ ଭାବେ ଯୋଗ ନେଇଥିଲେ।

### ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ସଫଳତା

# ଆଶୀର୍ବାଦ ମିଶ୍ର ହେଲେ ଓଏଭିଏସ ଟପ୍ପର

ସତ୍ୟବାଦୀ,୧୬।୪(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୮୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଆଶୀର୍ବାଦ ମିଶ୍ର ୯୯.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଶୀର୍ଷ ସ୍ଥାନ ଅଧିକାର କରିଥିବା ସହ ରାଜ୍ୟରେ ଥିବା ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିପାରିଛନ୍ତି। ସତ୍ୟଜିତ ସେଠୀ ୯୮.୪ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଏବଂ ତୁଳସୀ ନାୟକ ୯୮ ପ୍ରତିଶତ ମାର୍କ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ସାମଗ୍ରିକ ଶିକ୍ଷାଦାନର ମାନକୁ ପ୍ରମାଣିତ କରି ୯ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ଶହେରୁ ଶହେ ମାର୍କ ରଖିବାକୁ ସକ୍ଷମ ହୋଇଛନ୍ତି। ପରୀକ୍ଷା ଫଳାଫଳର ବିସ୍ତୃତ ବିବରଣୀ ଅନୁଯାୟୀ, ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୨୬ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୫୫ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୭୬ ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବିଶ୍ୱନାଥ ପାଢ଼ୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ଉତ୍ସାହର ପରିବେଶ ଦେଖାଦେଇଛି।

# କିଡିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ଲାଞ୍ଜିଗଡ଼,୧୬।୪(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ରୋଡ କ୍ଲଷ୍ଟର ଅନ୍ତର୍ଗତ କିଡିଙ୍ଗ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକୋତ୍ସବ ସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ, ନିଲେଶ କୁମାର ନାଗ, ପରିଚାଳନା କମିଟି ସଭାପତି ମୁନି ରାମ ଶବର, ସଦସ୍ୟ ବିଜୟ ଭରାସଗରୀଆ, କାନ୍ତ ଜାଲ, ପିରବତୀ ମାଝୀ, ଗୋରେଖ ଶବର, ନିରଞ୍ଜନ ଶବର, ଅହଲ୍ୟା ଛତ୍ରିଆ, ଡମ୍ବରୁଧର ଶବର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ସହ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ପ୍ରଥମେ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମାନସ ରଞ୍ଜନ ନାଏକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଅଖୁର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# କୁଶଭଦ୍ରା ନଦୀବନ୍ଧ ତଳୁ ତାଡ଼ି ନେଇଗଲେ ହଜାର ହଜାର ଟ୍ରିପ ବାଲି ଓ ମାଟି



ଗୋପ,୧୬।୪(ସଂଚାର ବ୍ୟୁରୋ): ଗୋପ ଅଞ୍ଚଳରେ ସନ୍ଧ୍ୟାଠାରୁ ରାତି ଅଧ ଯାଏ ହଜାର ହାଜର ଟ୍ରିପ ମାଟି ଓ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି, ଏପଟେ ତହସିଲଦାର କହୁଛନ୍ତି ମୋ ପାଖରେ ଖବର ନାହିଁ। କୁଶଭଦ୍ରା ନଦୀର ପୁନଃରୁଦ୍ଧାର ପାଇଁ ସରକାର କୋଟି କୋଟି ଟଙ୍କା ମଞ୍ଜୁରୀ ଦେଇଥିବା ବେଳେ ଚୋରା ବାଲି ଓ ମାଟି ଚାଲାଣ ରୋକିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ଏପଟେ ବାଲିମାଫିଆ ମାନେ ବିନଦାସ ଟ୍ରାକ୍ଟର ଓ ଟ୍ରକ ଯୋଗେ ମାଟି, ବାଲି ପରିବହନ କରାଯାଉଥିବାରୁ ପୁରୀ ଏବଂ କୋଣାର୍କ ବୁଲି ଯାଉଥିବା ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗୋପ ଗଣେଶ୍ୱରପୁର ନଦୀ ବନ୍ଧ ତଳୁ ହଜାର ହଜାର ଟ୍ରିପ ବାଲି ମାଟି ତାଡି ନେଇଯାଇଥିବା ଫଳରେ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଯାହା ଫଳରେ ବର୍ଷା ଦିନେ ବନ୍ୟା ଜଳ ଆସିଲେ ବନ୍ଧ ଭାଙ୍ଗିଯିବାର ଭୟ ରହିଛି। ବନ୍ୟା ଜଳ ଆସିଲେ ଗଣେଶ୍ୱରପୁର ପଞ୍ଚାୟତ, ନାଗପୁର ପଞ୍ଚାୟତ ଏବଂ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ପ୍ରତି ବିପଦ ମଧ୍ୟ ରହିଛି। ଗଣେଶ୍ୱରପୁର ନଦୀ ବନ୍ଧ ତଳୁ ଏତେ ମାଟି ଚୋରଚାଲାଣ ହୋଇଛି ଯେ ନଈ ଝର ଦେଖିବାକୁ ମିଳିଛି।ଏପଟେ ପୋଲିସ, ରାଜସ୍ୱ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବାଲି ମାଫିଆ ମାନେ ସକ୍ରିୟ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏବେ କିନ୍ତୁ କିଛିଦିନ ହେବ ପୁଣି ବାଲି ମାଟି ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଗୋପ ତହସିଲଦାର ଦୁଇଟି ଡଙ୍ଗାରେ ଗୋଡ଼ ଦେବା ଅର୍ଥାତ ଗୋପ ବ୍ଲକ ବିଡ଼ିଓ ଦାୟିତ୍ୱ ଏବଂ ତହସିଲଦାର କାର୍ଯ୍ୟଭାର ବାଲି ମାଫିଆଙ୍କ ପାଇଁ ପଞ୍ଚମରେ ବୃହସ୍ପତି ପଡ଼ିଛି। ଗୋପ ବ୍ଲକର କୁଶଭଦ୍ରା ନଦୀ ପଠା ଏବଂ ନଦୀ ବନ୍ଧ ତଳ, ଗୋଚର ଏବଂ ସରକାରୀ ଜମିରୁ ବେଆଇନ ଭାବେ ମାଟି ବାଲି ଉଠାଯାଉଛି ଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ବାଲି ମାଫିଆ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ଚୋର ବାଲି ମାଟି ଚାଲଣରେ ରୋକ ଲଗେଇବା ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବିକରିଛନ୍ତି।

# ହେପାଟାଇଟିସ୍, ଲିଭର ଓ ଫାଇବ୍ରୋସ୍କାନ୍



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଲିଭର ବା ଯକୃତ (କଳିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ।

ଯକୃତ ବା କଳିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚିଠ ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚିଠ ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଳିଜାର କଠିନତା ସମ୍ବନ୍ଧରେ ମାପିହୁଏ। କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ। ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ। ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ। ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ।

ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋବାଇଲ୍: ୯୪୩୭୦୫୧୯୫୭

# ଅଚାନକ ମୃତ୍ୟୁକୁ ବି ରୋକାଯାଇପାରିବ



ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ପରିବାର ସହ ହସିଖୁସି କଥା ହେଉଥିଲା ବେଳେ, ସଭାସମିତିରେ ଭାଷଣ ଦେଉଥିଲା ବେଳେ, ଡାଇନିଂ ଟେବୁଲରେ ଚା'ପିଇବା ସମୟରେ ଅଚାନକ ଚେତାଶୂନ୍ୟ ହୋଇପଡ଼ିଯିବା ଏବଂ ପରେ ଆରପାରିକୁ ଚାଲିଯିବାର ଘଟଣା ନିୟମିତ ଦେଖିବାକୁ ମିଳୁଛି। ପୂର୍ବରୁ ଯେ, ଏହା ହେଉନଥିଲା ତାହା ନୁହେଁ, ମାତ୍ର ଗତ କିଛି ବର୍ଷ ଧରି ଦେଶରେ ଅଚାନକ ମୃତ୍ୟୁ ସଂଖ୍ୟା ବଢ଼ିବା ଭୟ ସୃଷ୍ଟି ସହ ଚିନ୍ତା ମଧ୍ୟ ବଢ଼ାଇବାରେ ଲାଗିଛି। ଏନସିଆରବି ରିପୋର୍ଟ ଅନୁସାରେ ୨୦୨୪ ବର୍ଷ ତୁଳନାରେ ୨୦୨୫ ବର୍ଷରେ ଅଚାନକ ମୃତ୍ୟୁରେ ୧୨%ର ବୃଦ୍ଧି ଘଟିଛି। ଯାଇଛି ୫୬, ୬୫୩ ଜଣଙ୍କର ଜୀବନ। ଅଚାନକ ମୃତ୍ୟୁର କାରଣ ମଧ୍ୟରୁ ୫୭% ହେଉଛି ହୃଦଘାତ। ଅର୍ଥାତ୍ ହୃଦାଘାତ କାରଣରୁ ୨୦୨୫ ବର୍ଷରେ ୩୨୪୫୭ ଜଣଙ୍କର ଜୀବନ ଯାଇଛି। ଭାରତରେ ହୃଦଘାତ କାରଣରୁ ମୃତ୍ୟୁହାର ପ୍ରତି ଏକ ଲକ୍ଷରେ ୨୭୨ ଥିଲାବେଳେ ବିଶ୍ୱ ହାର ହେଉଛି ମାତ୍ର ୨୩୫। କ୍ରମାଗତ ଭାରତରେ ହୃଦଘାତର ବଢ଼ିବା ଚିନ୍ତା ସୃଷ୍ଟି କରୁଥିଲା ବେଳେ ଏହାକୁ ମଧ୍ୟ ଅନେକାଂଶରେ ରୋକାଯାଇପାରିବ।

ହୃଦରୋଗ ଖାଲି ସେ ବୟସ ବଢ଼ିବା କାରଣରୁ ହୋଇଥାଏ ତାହା ଭୁଲ। ଛୋଟ ପିଲାମାନେ ମଧ୍ୟ ଏହାର ଶିକାର ହୋଇଥାନ୍ତି। ତେବେ ଚିନ୍ତାର କାରଣ ହେଉଛି କରୋନା କାଳ ପରଠାରୁ ଏହି ମାମଲା ବୃଦ୍ଧି ପାଇଲା। ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ହୃଦଘାତ ସମସ୍ୟା ଅଧିକ ରହୁଛି। ତେଣୁ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଉଛି ଭାରତୀୟ ଆର୍ୟୁବିଜ୍ଞାନ ପରିଷଦ। କରୋନା ସଂକ୍ରମିତଙ୍କୁ ନେଇ ହୋଇଥିବା ଏକ ଯାଞ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ ସଂକ୍ରମିତ ହୋଇଥିଲେ ସେମାନଙ୍କ ହୃଦୟର ଧମନିରେ ରକ୍ତ ଜମାଟ ବାନ୍ଧୁଛି। ଯେଉଁ କାରଣରୁ ହୃଦୟକୁ ରକ୍ତ ପମ୍ପିଂରେ ସମସ୍ୟା ହେଉଛି। କରୋନା ଭାଇରସର ସବୁଠୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ରକ୍ତ ଜମାଟ ବାନ୍ଧିବା। ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ପୂର୍ବରୁ ହୃଦଘାତର ସଂକେତ ମିଳିଥାଏ। ଏହି ସଂକେତ ଗୁଡ଼ିକ ହେଉଛି ଛାତି ଯନ୍ତ୍ରଣା, ଅସ୍ଥିରତା ଅନୁଭବ କରିବା, ଶରୀରର ବାମ ଭାଗରେ ଯନ୍ତ୍ରଣା ହେବା, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ପିଠି, କାନ୍ଧ, ବେକମୁଣ୍ଡାର ପେଟର ଯନ୍ତ୍ରଣା। ତେଣୁ ଏହି ସମସ୍ୟା ଦେଖାଦେଲେ ତୁରନ୍ତ ପରାମର୍ଶ ନେବା ଦରକାର।

ଅଚାନକ ମୃତ୍ୟୁ କେତେବେଳେ କାହାକୁ ହେବ ତାହା କେହି ଜାଣିନଥାନ୍ତି। ମାତ୍ର ବଦଳୁଥିବା ସାମାଜିକ ଧାରା ଏବଂ ଚାଲିଚଳଣରେ ଆମେ ଆମ ନିଜ ଶରୀରର ଯତ୍ନ ନେବାକୁ ଭଲି ଯାଉଛୁ। ଭଲ ସାର୍ଟ ପ୍ୟାଣ୍ଟ, ଘର, ଗାଡ଼ି, ସୁନାଗହଣାକୁ ଗୁରୁତ୍ୱ ଦେଉଥିଲା ବେଳେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କଥାକୁ ଅଣଦେଖା କରୁଛନ୍ତି। ପାଟି ସୁଆଦ ପାଇଁ ରାଗ ମସଲା ଠାରୁ ଆରମ୍ଭ କରି ଏପରି ଖାଦ୍ୟ ଖାଉଛେ ଯାହା ଧିରେ ଧିରେ ଶରୀରରେ ସମସ୍ୟା ସୃଷ୍ଟି କରୁଛି। ଆଉ ଯେତେବେଳେ ଶରୀର ଅସହ୍ୟ ହେଉଛି ସେତେବେଳେ ଯାଉଛେ ଡାକ୍ତରଙ୍କ ନିକଟକୁ। ଦିନ ଥିଲା ଏହି ଚିକିତ୍ସା ବେଶ ବ୍ୟୟବହୁଳ ହେଉଥିବାରୁ ଅନେକଙ୍କ ପାଇଁ ଡାକ୍ତରଖାନା ଯିବା ସହଜ ହେଉନଥିଲା। ହେଲେ ଏବେ ପ୍ରତି ଡାକ୍ତରଖାନାରେ ହୃଦଘାତର ତ୍ୱରିତ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି।

ହୃଦଘାତ ସମସ୍ୟାକୁ ନେଇ ସଚେତନ ରହିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ସମସ୍ତେ ବିଭିନ୍ନ କାର୍ଯ୍ୟକ୍ରମ, କର୍ମଶାଳାର ଆୟୋଜନ କରୁଛନ୍ତି। ହେଲେ ଲୋକେ ତଥାପି ସଚେତନ ହେଉନାହାଁନ୍ତି। ଏନସିଆରବି ରିପୋର୍ଟ ଯେଉଁ ସୂଚନା ଦେଉଛି ତାହା ନିହାତି ଭାବେ ଭୟଙ୍କର। ହେଲେ ଏହାକୁ ମଧ୍ୟ ରୋକାଯାଇପାରିବ। ଡାକ୍ତରଙ୍କ ଭୂମିକା ଅପେକ୍ଷା ଗୁରୁତ୍ୱ ହେଉଛି ଆମ ମାନଙ୍କର ବ୍ୟକ୍ତିଗତ ଦାୟିତ୍ୱବୋଧ। ସବୁ ଜାଣି ମଧ୍ୟ ଆମେ ଆମ ଶରୀରକୁ ନିର୍ଯ୍ୟାତନା ଦେଇ ଚାଲିଛେ। ଟଙ୍କା ଉପାର୍ଜନ, ଚାକିରି ବୋଝ, ପରିବାର ଦାୟିତ୍ୱ ଭିତରେ ଶରୀରକୁ ଯେଭଳି ଭାବେ ବିଶ୍ରାମ ଦେବା କଥା ତା ମଧ୍ୟ ଦେଉନାହେଁ। ଫଳରେ ଦିନକୁ ଦିନ ଶରୀରର ଯନ୍ତ୍ରାଂଶ ଦୁର୍ବଳ ହେବାରେ ଲାଗିଛି। ତେଣୁ ସବୁ ଦାୟିତ୍ୱ ଭିତରେ ମଧ୍ୟ ଆମକୁ ଆମର ଓ ଆମ ପରିବାରର ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ। ନଚେତ କେତେବେଳେ ଯେ ପରିବାରରେ ଶୋକ ପରିବେଶ ସୃଷ୍ଟି ହେବ ତାହା କେହି କହିପାରିବେ ନାହିଁ।

ପ୍ରଫେସର, ହୃଦରୋଗ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ



# ଖରାଦିନେ ଜଙ୍କ ଫୁଡ୍ ଖାଇବା ମନା



ଖରାଦିନ ଆରମ୍ଭ ହୋଇଯାଇଛି। ଏହି ଦିନେ ଶରୀରକୁ ଥଣ୍ଡା ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଗ୍ରୀଷ୍ମ ଦିନେ ପେଟ ଥଣ୍ଡା ରହିବା ନିହାତି ଜରୁରୀ। ଯଦି ପେଟ ଠିକ୍ ରୁହେ, ତେବେ ଶରୀର ସୁସ୍ଥ। ପ୍ରଚଣ୍ଡ ଖରାତାତିରୁ ରକ୍ଷା ପାଇବା ପାଇଁ ଜୁସ୍, ଆଇସକ୍ରିମ୍, କୋଲ୍ଡ ଡ୍ରିଙ୍କସ୍ ଭଳି ଥଣ୍ଡା ପାନୀୟ ପିଇବାକୁ ଅନେକ ପସନ୍ଦ କରିଥାଆନ୍ତି। ତୁ ତୁ ଖରାରେ ସୂର୍ଯ୍ୟଙ୍କ କିରଣ ଏତେ ଟାଣ ଥାଏ ଯେ ଘରୁ ବାହାରିବା ମୁସ୍କିଲ ହୋଇଯାଏ। ଏଭଳି ସମୟରେ ଲୋକମାନେ ଶରୀରକୁ ଥଣ୍ଡା ରଖିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି। ଏଥିସହ ଏହି ଋତୁରେ ଅନେକ ଜିନିଷ ଖାଇବାକୁ ଡାକ୍ତରମାନେ ମନା ମଧ୍ୟ କରିଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ଜିନିଷ ଖାଇବା ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ।

ଆସୁଛି ଖରା ଏହି ସବୁ ଜିନିଷ ଠାରୁ ନିଜକୁ ଦୂରେଇ ରଖନ୍ତୁ ନଚେତ ଭୋଗିବେ ସାଙ୍ଘାତିକ ପରିଣାମ। ଗ୍ରୀଷ୍ମ ଋତୁ ପାଖେଇ ଆସୁଥିବାରୁ ଖାଇବା ଅଭ୍ୟାସ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ଏହି ଋତୁରେ, ଖାଇବା ଅଭ୍ୟାସ ଯୋଗୁଁ ଅସୁସ୍ଥ ସ୍ୱାସ୍ଥ୍ୟର ସମ୍ଭାବନା ବଢ଼ିଯାଏ। ଆପଣ ନିଶ୍ଚୟ ଦେଖିଥିବେ ଯେ ଏହି ଋତୁରେ କିଛି ଲୋକ ଖାଇବାକୁ ନେଇ ଡିହାଇଡ୍ରେସନ୍ ଭଳି ସମସ୍ୟା ଭୋଗନ୍ତି। ତେଣୁ କଣ ଖାଇବା ଆଉ କଣ ଖାଇବା ନାହିଁ ତାହା ଜାଣନ୍ତୁ।

**ରାଗ ମସଲାଯୁକ୍ତ ଖାଦ୍ୟଃ** ସ୍ୱାଦିଷ୍ଟ ଖାଦ୍ୟ ପାଇଁ ଲୋକମାନେ ପ୍ରାୟତଃ ମସଲାଯୁକ୍ତ ଖାଦ୍ୟକୁ ଖୁବ୍ ପସନ୍ଦ କରନ୍ତି। ଏହା ସତ୍ୟ ଯେ ମସଲା ପ୍ରତ୍ୟେକ ଖାଦ୍ୟରେ ସ୍ୱାଦ ଏବଂ ସୁଗନ୍ଧ ବୃଦ୍ଧି କରିଥାଏ, କିନ୍ତୁ ଗ୍ରୀଷ୍ମ ଋତୁରେ ସେଗୁଡିକୁ ଏଡାଇବା ଭଲ। ଲଙ୍କା ଗୁଣ୍ଡ, ଅଦା, ଜିରା, ରସୁଣ ଏବଂ ସୋରିଷ ପରି ବହୁ ପରିମାଣର ଗରମ ମସଲା ଖାଇବା ଦ୍ୱାରା ଶରୀରର ମେଟାବୋଲିଜିମ୍ ବଢ଼ାଇଥାଏ, ଯେଉଁ କାରଣରୁ ଶରୀର ଭିତରେ ଉତ୍ତାପ ବଢ଼ିଥାଏ। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

**ନନ ଭେଜ୍ ଖାଦ୍ୟଃ** ନନ ଭେଜ୍ ଖାଦ୍ୟ, ତନ୍ଦୁରୀ ଡିସ୍, ମାଂସ ଏବଂ ମଟନ୍ ଖାଇବା ସ୍ୱାଦିଷ୍ଟ, କିନ୍ତୁ ଗ୍ରୀଷ୍ମ ସମୟରେ ସତର୍କତାର ସହିତ ଖାଇବା ଉଚିତ୍। ଶରୀର ନନ୍ ଭେଜ୍ ଖାଦ୍ୟ ହଜମ କରିବାକୁ ଅଧିକ ସମୟ ନେଇଥାଏ, ଯେଉଁ କାରଣରୁ ଶରୀର ଅତ୍ୟଧିକ ଗରମ ହେତୁ ଡିହାଇଡ୍ରେଟ୍ ହୋଇପାରେ।

**ଜଙ୍କ ଫୁଡ୍ଃ** ଗ୍ରୀଷ୍ମ ଋତୁରେ ସିଙ୍ଗଡା, ପକୁଡି, ପିଜା, ବର୍ଗର ଭଳି ଜଙ୍କ ଫୁଡ ହଜମ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡେ। ଗ୍ରୀଷ୍ମ ସମୟରେ ତେଲ ଭାଜି ଖାଦ୍ୟରୁ ଦୂରେଇ ରହିବା ଭଲ। ଏହି ଖାଦ୍ୟ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ।

**ମଦ୍ୟପାନଃ** ମଦ୍ୟପାନ କରିବା ଶାରୀରିକ ଏବଂ ମାନସିକ ଦକ୍ଷତାକୁ ଦୁର୍ବଳ କରିଥାଏ। ଏହା ବ୍ୟତୀତ ଏହା ହାଇପୋଥାଲାମସ୍ ଗ୍ରନ୍ଥିର କାର୍ଯ୍ୟକୁ ମଧ୍ୟ ମନ୍ଥର କରିଥାଏ ଯାହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ। ମଦ୍ୟପାନ କରିବା ଦ୍ୱାରା ଅଧିକ ପରିସ୍ରା ହୁଏ, ଯାହା ଶରୀରରେ ଡିହାଇଡ୍ରେସନ୍ ହୋଇଥାଏ। ମଦ୍ୟପାନ ଶରୀରର ତାପମାତ୍ରା ବୃଦ୍ଧି କରି ଉତ୍ତାପର କାରଣ ହୋଇପାରେ।

**ଚା ଏବଂ କଫିଃ** ଚା ଏବଂ କଫି ମନକୁ ସତେଜ ରଖେ, ତେଣୁ ଅଧିକାଂଶ ଲୋକ ଚା କିମ୍ବା କଫି ସହିତ ସକାଳ ଆରମ୍ଭ କରନ୍ତି। ସୀମିତ ପରିମାଣରେ କଫିନ୍ ଖାଇବା ଲାଭଦାୟକ। କିନ୍ତୁ ଏହି ଦୁଇଟି ଜିନିଷ ଶରୀରକୁ ଗରମ କରି ଡିହାଇଡ୍ରେସନ୍ ସୃଷ୍ଟି କରିଥାଏ। ଏଥିସହ ଯଦି ଆପଣ ଖରାଦିନେ ସୁସ୍ଥ ରହିବାକୁ ଚାହୁଁଛନ୍ତି, ତେବେ ଏହି ସମସ୍ତ ଖାଇବାଠାରୁ ଦୂରେଇ ରୁହନ୍ତୁ।

# ବୌଦ୍ଧରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ

● ଅଧାବାଟରେ ମାଡ଼ିବସିଲା ପୁଲିସ୍

**ବଲାଙ୍ଗୀର,୧୬।୪(ସଂଚାର ବ୍ୟୁରୋ):** ବଲାଙ୍ଗୀର - ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଗଞ୍ଜେଇ ଭର୍ତ୍ତି ଏକ ସ୍କୋର୍ପିଓ (ନଂ ସିଜି ୦୪ କ୍ୟୁଡି ୪୩୮୫)କୁ ପୁଇଁନ୍ତଲା ଥାନା ପୁଲିସ୍ ବୁଧବାର ଜବତ କରିଛି। ଉକ୍ତ ଗାଡିରୁ ୩.୬ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କା ହେବ ବୋଲି କୁହାଯାଇଛି। ବୌଦ୍ଧ - ସୋନପୁର ଅଞ୍ଚଳରୁ ଛତିଶଗଡ଼ ଚାଲାଣ ହେଉଥିବା ଏହି ଗାଡିକୁ ତରଭା ପୁଲିସ୍ ପିଛା କରୁଥିଲା। ତେବେ ତରଭା ପୁଲିସ୍‌କୁ ଚକମା ଦେଇ ଏହା ବଲାଙ୍ଗୀର ସହର ଅଭିମୁଖେ ଆସୁଥିଲା। ଖବର ପାଇ ପୁଇଁନ୍ତଲା ଥାନା ପୁଲିସ୍ ଉକ୍ତ ଗାଡିକୁ ପିଛା କରିଥିଲା। ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥର ପୁଇଁନ୍ତଲା ଗିରିଗୋବର୍ଦ୍ଧନ ମନ୍ଦିର ବାଇପାସ୍ ନିକଟ ରାସ୍ତା କଡରେ ଗଞ୍ଜାଇ ଭର୍ତି ଗାଡ଼ିକୁ ଛାଡ଼ି ଗଂଜେଇ ଚୋରାଚାଲାଣକାରୀ ମାଫିଆମାନେ ଫେରାର ମାରିଥିଲେ। ଉକ୍ତ ଗାଡିରେ ଦୁଇଜଣ ବ୍ୟକ୍ତି ଥିଲେ। ସେମାନେ ଗାଡି ଛାଡି ଫେରାର ହୋଇଯାଇଥିବା ପୁଲିସ୍ ପକ୍ଷରୁ ଗୁରୁବାର ବଲାଙ୍ଗୀର ସଦର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ବଲାଙ୍ଗୀର ଟାଉନ୍ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି।

## ହେମଗିରି ବ୍ଲକ ପରିସରରେ ଓଡ଼ିଶା ପକ୍ଷ ପାଳନ



**ସୁନ୍ଦରଗଡ଼,୧୬।୪(ସଂଚାର ବ୍ୟୁରୋ):** ହେମଗିର ବ୍ଲକ ପରିସର ଠାରେ ଓଡିଶା ପକ୍ଷ୍ୟ ୨୦୨୬ ପାଳନ ଅବସରରେ ଓଡ଼ିଆ ନବବର୍ଷ ଉତ୍ସବ ଓ ଡକ୍ଟର ବି ଆର ଆମ୍ବେଦକରଙ୍କ ଜୟନ୍ତୀ ସଫଳତା ର ସହ ପାଳନ ହୋଇଯାଇଛି, ବ୍ଲକ ଉନ୍ନୟନ ଅଧିକାରୀ ରିନା ନାଏକ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଖାଦ୍ୟ ପ୍ରତିଯୋଗୀତା, ଝୋଟି, ମୁରୁଜ ପ୍ରତିଯୋଗୀତା, ନୃତ୍ୟ, ସଙ୍ଗୀତ ହୁଲହୁଲି, ଓ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ପ୍ରତିଯୋଗୀତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା, ଏହା ସହିତ ଓଡ଼ିଆ ନବବର୍ଷ ର ଗୁରୁତ୍ୱ ସମ୍ବନ୍ଧରେ ସାରଗର୍ଭକ ଆଲୋଚନା କରାଯାଇଥିଲା ଏବଂ ଡାକ୍ତର ବି ଆର୍ ଆମ୍ବେଦକର ଙ୍କ ସ୍ମୃତିଚାରଣ ସହିତ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ମହିମା ସେଠ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହେମଗିର ତହସିଲଦାର ସାରିକା ରାଣୀ ଧାମେଲ, ସିଡିପିଓ, ହେମଗିର ସରପଞ୍ଚ, ସାନଗୁମୁଡା ସରପଞ୍ଚ ରେବତୀ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ, ପରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯଇଥିଲା

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଯାପିତ



**କଣାସ,୧୬।୪(ସଂଚାର ବ୍ୟୁରୋ):** କଣାସ ବ୍ଲକ ସ୍ତରୀର ଭିମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଆଜି ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଛି। ଏହି ଶିବିରରେ ୧୨୧ଜଣ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ଥିଲେ। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ସକାଳ ୭ଟା ରୁ ଦିନ ୧୧ଟା ପର୍ଯ୍ୟନ୍ତ ଶିବିର କାର୍ଯ୍ୟ ଚାଲିଥିଲା। ପ୍ରଚାର, ପ୍ରସାର ଅଭାବରୁ ଏବଂ ସକାଳୁଆ ଶିବିର ଅନୁଷ୍ଠିତ ହୋଇଥିବାରୁ ବହୁ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ପାରିନଥିଲେ। ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଶିଶୁ ସାହିତ୍ୟ 'ଟିକି ଚଢେଇ' ଲୋକାର୍ପିତ

**କଣାସ,୧୬।୪(ସଂଚାର ବ୍ୟୁରୋ):** କଣାସ ବ୍ଲକର ଐତିହାସିକ ଗ୍ରାମ ଦିବ୍ୟସିଂହପୁରର ବାଲୁଙ୍କେଶ୍ୱର ଦେବ ପୀଠରେ ନବଦିନ ବ୍ୟାପି ଅନୁଷ୍ଠିତ ଶ୍ରୀରାମଚରିତ ମାନଓ ନବାହ୍ନ ପାରାୟଣର ୭ମ ଦିବସର ସଂଧ୍ୟା ଅଧିବେଶନରେ ଶିଶୁ ସାହିତ୍ୟିକ ବିଜୟ କୁମାର ସାହୁଙ୍କ "ଟିକି ଚଢେଇ" ଶିଶୁ ସାହିତ୍ୟ ଶିଶୁ ସାହିତ୍ୟ ପୁସ୍ତକ ଲୋକାର୍ପିତ ହୋଇ



ଯାଇଛି। ଶ୍ରୀରାମକୃପା ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା ସାହିତ୍ୟ ଗବେଷକ ଡକ୍ଟର ଅମ୍ବରୀଶ ଶତପଥୀ, ସମ୍ମାନିତ ଅତିଥି ଭାବେ ଲେଖକ ଚକ୍ରଧର ତ୍ରିପାଠୀ, ପ୍ରବଚକ ପଣ୍ଡିତ ବିକ୍ରମ ମହାରଣା, ସମାଜସେବୀ ମଦନ ମୋହନ ମହାପାତ୍ର, ହରମୋହନ ନାୟକ, ଯୋଗେନ୍ଦ୍ର ନାୟକ, ସାହିତ୍ୟିକ ବିଜୟ କୁମାର ସାହୁ, ବ୍ୟାସ ଦାମୋଦର ଦାସ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ। ସାରସ୍ୱତ ସାଧକ କବି କାଶିନାଥ ପାଣୀଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଶିକ୍ଷକ ଡକ୍ଟର ସାରଥି ଜେନା ପରିଚାଳନା କରିଥିଲେ। ନିୟୁଜ୍୧୮ର ଯୁବ ସାମ୍ବାଦିକ ସୁମନ୍ତ ସୁନ୍ଦରାୟାଙ୍କୁ ବିଶିଷ୍ଟ ସାମ୍ବାଦିକ, ଶ୍ୟାମାଶଙ୍କର ମିଶ୍ରଙ୍କୁ କୃଷକ ବନ୍ଧୁ ଓ ସୁମନ୍ତ କୁମାର ବେହେରାଙ୍କୁ କୃତୀ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଦିବା-ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ: ନୂଆପୋଖରୀ ଚାମ୍ପିଅନ

**ବାଲିକୁଦା,୧୬।୪(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଜେନାମାଣି ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୦୨୬ ଜିଲ୍ଲା ସ୍ତରୀୟ ଦିବା-ରାତ୍ର କ୍ରିକେଟ ଟୁର୍ନାମେଣ୍ଟ ବେଶ ଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି। ଏହି ରୋମାଞ୍ଚକର ଫାଇନାଲ ମ୍ୟାଚରେ ନୂଆପୋଖରୀ କ୍ରିକେଟ ଟିମ ଶ୍ରେଷ୍ଠ ପ୍ରଦର୍ଶନ କରି ଚମ୍ପିୟାନ ଟ୍ରଫି ହାସଲ କରିଥିବା ବେଳେ ମଣ୍ଡାସାହି କ୍ରିକେଟ ଟିମ ରନର୍ସପ ହୋଇ ସନ୍ତୋଷ ପ୍ରକାଶ କରିଛି। ଏହି ଉଦଯାପନୀ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଶୃଙ୍ଖଳା ଓ ଏକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ କମଳାକାନ୍ତ ମହାପାତ୍ର ଏବଂ ସମ୍ମାନନୀୟ ଅତିଥି ଭାବେ ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ମୁଦୁଲି ଯୋଗ ଦେଇଥିଲେ।

● ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

## ବାଳିକା ବର୍ଗରେ ପାଟଣାଗଡ଼ ଓ ବାଳକ ବର୍ଗରେ ବଙ୍ଗୋମୁଣ୍ଡା ଚାମ୍ପିଅନ



**ବଲାଙ୍ଗିର,୧୬।୪(ସଂଚାର ବ୍ୟୁରୋ):** ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା କବାଡ଼ି ଚାମ୍ପିୟନସିପ୍-୨୦୨୬ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉଦ୍‌ଯାପିତ ହୋଇଯାଇଛି। ବାଳିକା ବର୍ଗରେ ସଇଁନ୍ତଲାକୁ ହରାଇ ପାଟଣାଗଡ଼ ଚାମ୍ପିୟନ ହୋଇଛି। ସେହିପରି ବାଳକ ବର୍ଗରେ ତୁରେକେଲାକୁ ହରାଇ ବଙ୍ଗୋମୁଣ୍ଡା ଚାମ୍ପିୟନ ହୋଇଛି। କ୍ରିଡ଼ା ସଂସଦର ସଭାପତି ଡା. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥିଠି ଭାବେ ଉଭୟ ବାଳକ ଓ ବାଳିକା ବର୍ଗକୁ ଯୋଗଦେଇ ବିଜେତା ଓ ଉପ-ବିଜେତା ମାନଙ୍କୁ ଟ୍ରଫି ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ସହ-ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତୃଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, ବରିଷ୍ଠ ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌରଚନ୍ଦ୍ର ପଧାନ, ଅନୁପ କୁମାର ସାହୁ, ଜୟରାମ ମିଶ୍ର, ଡା. ଶୁଭମ ମିଶ୍ର ଓ ସୁନିଲ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ।

ବାଲିପାଳରେ ମାତିଛନ୍ତି ବାଲି ମାଫିଆ

# ଟ୍ରାକ୍ଟରରେ ବାଲି ଉଠାଇ ହାଇୱାରେ ଚାଲାଣ

**ବାଲିପାଳ ଘାଟରୁ ବଢୁଛି ବାଲି ଚୋରି, ପ୍ରଶାସନ ହାତ ଖାଲି**



**ଆନନ୍ଦପୁର,୧୬।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ପଞ୍ଚାୟତରେ ବର୍ତ୍ତମାନ ବାଲି ମାଫିଆଙ୍କ ଦାଦାଗିରି ଚାଲିଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଜିଲ୍ଲା ଖଣି ବିଭାଗ ର ଚଢ଼ାଉ ଅଭାବ ରୁ ଦିନକୁ ଦିନ ବାଲି ଚୋରୀ କାରବାର ବୃଦ୍ଧି ପାଇଛି। ଯେପରି ମନେ ହେଉଛି ଜିଲ୍ଲା ଖଣି ବିଭାଗ ର ଅଧିକାରୀ ଜାଣି ଶୁଣି ନିଦାବିଷ୍ଟୁ ସାଜିଛି। ତେବେ ବାଲିପାଳ କୁଶେଇ ନଦୀ ଘାଟରୁ ଦୀନ ଦ୍ୱିପ୍ରହରରେ ଟ୍ରାକ୍ଟର ମାଧ୍ୟମରେ ବେଆଇନ ଭାବେ ବାଲି ଉଠାଯାଉଥିବା ବେଳେ, ସେହି ବାଲିକୁ ନଦୀ କୂଳରେ ଗଚ୍ଛିତ କରି ରାତିରେ ହାଇୱା ଯାନରେ ଜିଲ୍ଲା ବାହାରକୁ ଚୋରାଚାଲାଣ କରାଯାଉଛି। ଫଳରେ ଏପଟେ ମାଫିଆ ମାନେ ମାଲେ ମାଲ୍, କିଛି ଅଧିକାରୀ ମାନଙ୍କ ପ୍ୟାକେଟ ଗରମ ହେଉଛି, , ସରକାର ଙ୍କ ର କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଛି। ସୂଚନା ଅନୁସାରେ, ଏହି ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ବାଲି ଅବୈଧ ଭାବେ ସଂଗ୍ରହ କରାଯାଇ ରହିଛି। ବିନା ଟିପି (ଟ୍ରାନ୍ସିଟ୍ ପାସ)ରେ ଏହି ବାଲି ଚାଲାଣ ହେଉଥିବାରୁ ସରକାରଙ୍କୁ ଭାରୀ ରାଜସ୍ୱ ହାନି ହେଉଥିବା ଅନୁମାନ କରାଯାଉଛି। ଏହାଠାରୁ ଅଧିକ ଚିନ୍ତାଜନକ ବିଷୟ ହେଲା, ବାଲି ମାଫିଆଙ୍କ ବିରୋଧରେ କିଏ ମୁହଁ ଖୋଲିଲେ ତାଙ୍କୁ ହତ୍ୟା ଧମକ ମିଳୁଥିବା ଅଭିଯୋଗ ମଧ୍ୟ ଆସିଛି। ଏହା ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛି ଖଣି ବିଭାଗ ଅଧିକାରୀ ଓ ପୋଲିସଙ୍କ ସହ ମାଫିଆଙ୍କ ଗୁପ୍ତ ବୁଝାବୁଝି ଥିବାରୁ ଏହି ଅବୈଧ କାରବାର ଦିନକୁ ଦିନ ବଢ଼ିଚାଲିଛି। ପ୍ରଶାସନ ସବୁ କିଛି ଜାଣିଥିଲେ ମଧ୍ୟ ନିରବ ରହିଥିବା ନେଇ ପ୍ରଶ୍ନ ଉଠୁଛି। ଏହି ପରିପ୍ରେକ୍ଷିତରେ, ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଚଢ଼ାଉ କରି ବାଲି ମାଫିଆଙ୍କୁ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଏହି ଅବସ୍ଥା ଆହୁରି ଗମ୍ଭୀର ଆକାର ନେବା ସମ୍ଭାବନା ରହିଥିବା ନେଇ ଚା ଖଟି ରେ ଚର୍ଚ୍ଚା ଜୋର୍ ଧରିଛି।

## ସଙ୍କଟ ମୋଚନ ମହାବୀରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିପାଟଣା,୧୬।୪(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ପ୍ରଭୂ ସଙ୍କଟ ମୋଚନ ମହାବୀର ଙ୍କ ପୀଠରେ ୨୫ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ସୋମବାର ଅଙ୍କୁରା ରୋପଣ, ପଣାସଂକ୍ରାନ୍ତି ମଙ୍ଗଳବାର କଳସ ଯାତ୍ରା, ଅଗ୍ନିସ୍ଥାପନ ହୋଇଥିଲା। ଢୋଲ, ତୁରି, ଶଙ୍ଖ ଏବଂ ବାଣ ରୋଷଣୀ ରେ କୁସଭଦ୍ରା ନଦୀରୁ କଳସରେ ଜଳ ଭରି ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ କୁ ଆସିଥିଲେ। ବୁଧବାର ସୂର୍ଯ୍ୟ ପୂଜା, ଯଜ୍ଞ, ଗୁରୁବାର ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳ ପୂଜା, ଗ୍ରହପୂଜା, ହୋମ ପୂର୍ଣ୍ଣାହୁତି, ହନୁମାନ ଚାଳିଶା ସମ୍ପନ୍ନ ହୋଇଛି। ଏହି ଅବସରରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କ ମୁର୍ତ୍ତମୟୀ ପ୍ରତିମା ସ୍ଥାପନ କରାଯାଇଥିଲା। ପ୍ରଭୁ ଶ୍ରୀରାମ ଙ୍କ ପ୍ରତିମା ସୁସଜ୍ଜିତ ବିମାନ ରେ ଗ୍ରାମ ପରିକ୍ରମା କରିଥିଲେ। କର୍ତ୍ତା ଭାବେ ଅଶ୍ୱିନୀ କୁମାର ଦାଶ ଓ କର୍ତ୍ତି ନିନା ଦାଶ କର୍ମ ସଂପାଦକ କରିଥିଲେ। ମହାବୀରଙ୍କ ପୂଜକ ପୁରୁଷୋତ୍ତମ ମିଶ୍ର ଓ ବଟକୃଷ୍ଣ ମିଶ୍ର ପୂଜା ଦାୟିତ୍ୱ ତୁଲାଇ ଥିଲେ।

"ଯେତିକି କାମ ହେବାକୁ ଥିଲା ସେତିକି ହୋଇଛି, ଆହୁରି କାମ ହେବ ନାହିଁ"

## ସଡ଼କରେ ଖାଲ ଢିପ ଛାଡି ଫେରିଗଲେ ଠିକାଦାର

**କନ୍ଧମାଳ,୧୬।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଆଡାସିପଡା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଆଡାସିପଡା-ତିଲକପଡା ରାସ୍ତାର ରକ୍ଷଣାବେକ୍ଷଣ କାମରେ ଅନିୟମିତତା ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ୨୦୧୯ ଜୁନ ୧୭ ତାରିଖରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ରାସ୍ତାର ରକ୍ଷଣାବେକ୍ଷଣ ଅବଧି ୨୦୨୫ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ, ଠିକାଦାର ଆସି କେବଳ କିଛି ସ୍ଥାନରେ ରିପିଆର କାମ କରି ଅନ୍ୟାନ୍ୟ ସ୍ଥାନରେ ଥିବା ଖାଲ ଓ ଢିପକୁ ସେହିଭଳି ଛାଡି ଚାଲିଯାଇଥିବା



ଅଭିଯୋଗ ହୋଇଛି। ଏହାର ପରିଣାମରେ ରାସ୍ତାର ଅବସ୍ଥା ଦିନକୁ ଦିନ ଖରାପ ହେଉଥିବା ସହ ଯାତାୟାତ କରିବାରେ ସାଧାରଣ ଲୋକମାନେ ବହୁତ ଦୁର୍ଘଟଣା ଓ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏନେଇ ଅଞ୍ଚଳର ଦେବାଶିଷ ସାହାଣୀ ଓ ମନୋଜ କୁମାର ବେହେରା ଠିକାଦାରଙ୍କୁ ପଚାରିବା ପରେ "ଯେତିକି କାମ ହେବାକୁ ଥିଲା ସେତିକି ହୋଇଛି, ଆହୁରି କାମ ହେବ ନାହିଁ" ବୋଲି କହିଥିବା ଜଣାପଡ଼ିଛି। ଏହିପରି ଉତ୍ତର ଲୋକମାନଙ୍କ ମନରେ ଅନେକ ପ୍ରଶ୍ନ ଉଠାଇଛି।ସରକାରୀ ନିୟମ ଅନୁସାରେ ପାଞ୍ଚ ବର୍ଷ ମଧ୍ୟରେ ରାସ୍ତାର କ୍ଷୟକ୍ଷତି ସମସ୍ତ ଠିକ କରାଯିବା କଥା ଥିଲେ ମଧ୍ୟ, ତାହା ପ୍ରାୟୋଗିକ ଭାବେ ହେଉନଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏବିପିଏସ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ

## ଶୁଭଶ୍ରୀ ୯୯.୪% ରଖି ଜିଲ୍ଲାରେ ଟପ୍ପର



**ରାୟଗଡ଼ା,୧୬।୪ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍ (ଏବିପିଏସ୍) ସିବିଏସଇ ଦଶମ ବୋର୍ଡ ପରୀକ୍ଷା ୨୦୨୬ରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ଜିଲ୍ଲାରେ ନୂତନ ମାଇଲସ୍ଟୋନ୍ ସୃଷ୍ଟି କରିଛି। ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ (ଆଦିତ୍ୟ ବିର୍ଲା ଗ୍ରୁପ) ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ପରିଣାମ ପ୍ରଦର୍ଶନ କରି ସ୍କୁଲ ସହ ଜିଲ୍ଲାର ମାନକୁ ଉଚ୍ଚସ୍ଥାନରେ ପହଞ୍ଚାଇଛନ୍ତି। ଏହି ପରୀକ୍ଷାରେ ସ୍କୁଲରୁ ମୋଟ ୩୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ସମସ୍ତେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ୧୦୦ ପ୍ରତିଶତ ଫଳାଫଳ ହାସଲ କରିଛନ୍ତି। ଏହାମଧ୍ୟରୁ ୧୪ ଜଣ ଛାତ୍ରଛାତ୍ରୀ ୯୦ ଶତାଂଶରୁ ଅଧିକ ଅଙ୍କ ଅର୍ଜନ କରିଥିବା ଦ୍ୱାରା ବିଦ୍ୟାଳୟର ଉଚ୍ଚ ଶିକ୍ଷାଗତ ମାନ ପ୍ରତିଫଳିତ ହୋଇଛି। ବିଶେଷତଃ ଛାତ୍ରୀ କୁମାରୀ ଶୁଭଶ୍ରୀ ଦାସ ୯୯.୪ ଶତାଂଶ ଅଙ୍କ ରଖି ବିଦ୍ୟାଳୟ ଏବଂ ସମଗ୍ର ରାୟଗଡ଼ା ଜିଲ୍ଲାରେ ଟପ୍ପର ହୋଇ ସମସ୍ତଙ୍କ ଗର୍ବର କାରଣ ହୋଇଛନ୍ତି। ଏହାସହ ଅନ୍ୟାନ୍ୟ ୧୪ ଜଣ ଶିକ୍ଷାର୍ଥୀ ଡିଷ୍ଟିଙ୍କସନ୍ ହାସଲ କରିଥିବାବେଳେ ୧୦ ଜଣ ପ୍ରଥମ ଶ୍ରେଣୀ ଓ ୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସମତୁଳିତ ଓ ନିରନ୍ତର ଶିକ୍ଷାଗତ ସଫଳତାର ଚିତ୍ର ପ୍ରଦର୍ଶନ କରିଛନ୍ତି। ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଓ ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ରା ବିଦ୍ୟାଳୟର ଏହି ସଫଳତା ପାଇଁ ଶିକ୍ଷକମାନଙ୍କ ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପ୍ରତି ସେମାନଙ୍କ ଅବଦାନକୁ ଉଚ୍ଚ ସ୍ତୁତି କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ତିୱାରୀ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇ ଏହି ସଫଳତାର ପଛରେ ଅଭିଭାବକମାନଙ୍କ ସମର୍ଥନ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ପ୍ରୟାସକୁ ମୂଳ କାରଣ ଭାବେ ଉଲ୍ଲେଖ କରିଛନ୍ତି।

## ଦିବ୍ୟଜ୍ୟୋତି ହାୟର ସେକେଣ୍ଡରୀ ସ୍କୁଲର ସଫଳତା



**ବେତନଟୀ,୧୬।୪(ସଂଚାର ବ୍ୟୁରୋ):** ସିବିଏସଇ ଦଶମ ବୋର୍ଡ଼ ପରୀକ୍ଷାରେ ଦିବ୍ୟଜ୍ୟୋତି କନଭେଣ୍ଟ ସ୍କୁଲର ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ଫଳାଫଳ ହାସଲ କରିଛି । ୯୮ ପ୍ରତିଶତ ମାର୍କ ରଖି ବନିତ ପାଲ ସ୍କୁଲ ଟପ୍ପର ହୋଇଥିବାବେଳେ ବ୍ଲକ ଟପ୍ପର ମଧ୍ୟ ହୋଇଛନ୍ତି। ୯୪.୨% ରଖି ରୁଦ୍ରାଂଶ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ସ୍ଥାନ ପ୍ରତ୍ୟୁଷ ରାଣା ସିଂ ୯୨% ରଖିଥିବା ବେଳେ ଚତୁର୍ଥ ସ୍ଥାନରେ ଶ୍ୟାନି ସାଲନୀକା ଜେନା ୯୧%ରଖିଛନ୍ତି, ପଞ୍ଚମ ସ୍ଥାନରେ ଜସ୍ମିତ ଦାସ ୯୦.୪%ରଖିଥିବାବେଳେ, ଷଷ୍ଠ ସ୍ଥାନରେ ପ୍ରଜ୍ଞାନ ବେହେରା ୯୦% ରଖି କୃତକାର୍ଯ ହୋଇଛନ୍ତି । ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଓ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍କୁଲର ଅଧ୍ୟକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦିବ୍ୟ ଜ୍ୟୋତି କନଭେଣ୍ଟ ସ୍କୁଲର ପ୍ରେସିଡେଣ୍ଟ ମଦର ଟେସିନା ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉଭୟ ସମସ୍ତ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅବିଭାବକମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସଡ଼କମରାମତି ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

୧୯ ଏପ୍ରିଲ ସୁଦ୍ଧା କାମ ନହେଲେ ରାଜରାସ୍ତା ଅବରୋଧ ଚେତାବନୀ



**କନ୍ଧମାଳ,୧୬।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତର ସାଧାରଣ ନାଗରିକ କମିଟି ପକ୍ଷରୁ ମୁଖ୍ୟ ସଡ଼କ ନିର୍ମାଣ ଦାବିକୁ ନେଇ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ନିର୍ମିତ ଶ୍ରୀରାମପଦା ଛକ ଠାରୁ ଭାୟା ରଟିଙ୍ଗିଆ ପଞ୍ଚାୟତ ହୋଇ ଗ୍ରେସିଙ୍ଗିଆ ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ସଡ଼କ ଦୀର୍ଘ ମାସ ଧରି ଜର୍ଜରିତ ଅବସ୍ଥାରେ ରହି ମରଣଯନ୍ତା ପାଲଟିଛି। ଏହା ଫଳରେ ଗର୍ଭବତୀ ମହିଳା, ରୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହେଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଅନେକଥର ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଫଳପ୍ରଦ ପଦକ୍ଷେପ ନେଉନଥିବାରୁ ଆଜି ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳ କାର୍ଯ୍ୟାଳୟକୁ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏହା ଜମା କରାଯାଇଥିଲା।

## ସିବିଏସଇ ଦଶମ ପରୀକ୍ଷାରେ ଡିପିଏସର ଶତପ୍ରତିଶତ ସଫଳତା



**ଯାଜପୁର ରୋଡ଼, ୧୬।୪(ସଂଚାର ବ୍ୟୁରୋ):** ଚଳିତ ବର୍ଷ ସିବିଏସଇ ଦଶମ ପରୀକ୍ଷାରେ ବ୍ୟାସନଗର ସ୍ଥିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ବ୍ୟାସନଗର ପବ୍ଲିକ ସ୍କୁଲ ଅର୍ଜନ କରିଛି ସତ ପ୍ରତିଶତ ସଫଳତା। ଏହି ସଫଳତା ପଛରେ ଛାତ୍ର ଛାତ୍ରୀଙ୍କ କଠିନ ପରିଶ୍ରମ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରେରଣା ସହିତ ନିରନ୍ତର ପ୍ରୟାସ ଓ ଅଭିବାବକ ମାନଙ୍କର ସହଯୋଗ ରହିଥିବାରୁ ଚଳିତ ବର୍ଷ ୨୬ଜଣ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୧୧ଜଣ ୯୫ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ନେଇ ସ୍କୁଲର ଚେୟାରମ୍ୟାନ ଡ଼ଃ ଦେବସ୍ମିତା ସାହୁ ସୂଚନା ଦେଇଥିଲେ। ସ୍କୁଲ ପାଇଁ ୯୯ପ୍ରତିଶତ ନମ୍ବର ରଖି ସାହିଦ ନୱାଜ ଟପର ହେବା ସହିତ ଗୌରବ ଆଣିଥିବା ମଧ୍ୟ କହିଥିଲେ।ସ୍କୁଲର ଉଚ୍ଚ ଶୈଳୀର ଶିକ୍ଷାଦାନ ଓ ଉର୍ନତ ଭିତିଭୂମି ପାଇଁ ଆଜି ଏହି ଉତ୍କୃଷ୍ଟ ଫଳାଫଳ ସହିତ ସଫଳତା ମିଳିଥିବା ଅନୁଷ୍ଠାନର ସଭାପତି ଭାରତ ଭୂଷଣ ଦେଓ ପ୍ରକାଶ କରିଛନ୍ତି।

ବୈଶାଖ ମେଳା ଅବସରରେ ୧୫ଟି ସ୍ୱତନ୍ତ୍ର ବସ ଚଳାଇବାକୁ ଜିଲ୍ଲପାଳଙ୍କୁ ଦାବି

## ଟିଟିଲାଗଡ଼ରୁ ହରିଶଙ୍କର ମୁଖ୍ୟମନ୍ତ୍ରୀ ସେବା ବସ ଚଳାଇବାକୁ ଦାବି



**ବଲାଙ୍ଗିର,୧୬।୪(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଐତିହ୍ୟ ପୀଠ ହରି ଓ ଶଙ୍କର ମିଳନ ସ୍ଥଳି ଗନ୍ଧମାର୍ଦ୍ଦନ ପାଦ ଦେଶରେ ବୈଶାଖ ମେଳା ପାଇଁ ପ୍ରଶାସନ ର ପ୍ରସ୍ତୁତି ଚାଲିଥିବା ବେଳେ ଏପ୍ରିଲ ୨୭ ରୁ ମଇ ୧ ପର୍ଯ୍ୟନ୍ତ ୫ ଦିନ ଯାଇ ବୈଶାଳ ମେଳା ଅନୁଷ୍ଠିତ ହେବ। ରାଜ୍ୟ ବାହାରୁ ଭକ୍ତ ଛୁଟିବେ। ଏହି ଉଦ୍ଦେଶ୍ୟରେ ଯାତ୍ରୀଙ୍କ ସୁବିଧା ପାଇଁ ବସ ସେବା ପାଇଁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପତ୍ରରେ ବୈଶାଖ ମେଳାରେ ସ୍ୱତନ୍ତ୍ର ଅର୍ଥ ପ୍ରଦାନ, ପ୍ରଚାର ପ୍ରସାର, ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାର ଙ୍କ ସଂଗ୍ରାହଳୟ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି। ୧୪ ଗୋଟି ବ୍ଲକରେ ୫ ଦିନ ପାଇଁ ରାଜ୍ୟ ପରିବହନ ବିଭାଗ ଦ୍ୱାରା ସ୍ୱତନ୍ତ୍ର ବସ ଚଳାଇବା ପାଇଁ ଦାବି ଏବଂ ବଲାଙ୍ଗିର ସହରରୁ ହରିଶଙ୍କରକୁ ବସ ଚଳାଚଳ ବନ୍ଦ ହୋଇଯାଇଛି। ଏହା ପୁନଃର୍ବାର ଚଳାଇବା ପାଇଁ ଦାବି, ଭକ୍ତ ଓ ପର୍ଯ୍ୟଟନମାନଙ୍କର ସୁଅ ଛୁଟୁଥିବା ଏହା ପୁନର୍ବାର ବିଚାର କରି ଚଳାଇବା ପାଇଁ ଦାବି, ଟିଟିଲାଗଡ଼ ରୁ ହରିଶଙ୍କର ମୁଖ୍ୟମନ୍ତ୍ରୀ ସେବା ବସ ଛାତ୍ର ଛାତ୍ରୀ ଓ ମହିଳାମାନଙ୍କ ପାଇଁ ପୁନଃର୍ବାର ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ବୈଶାଳ ମେଳା ପୂର୍ବରୁ ଚଳାଇବା ପାଇଁ ଦାବି। ଏ ବିଷୟରେ ଜିଲ୍ଲା ପ୍ରଶାସନ ସୂଚନା ପ୍ରଦାନ କରିଛି ଯେ ଆଗାମୀ ୧୮ ତାରିଖ ଦିନ ରାଜ୍ୟ ପରିବହନ ଜିଲ୍ଲା ପ୍ରଶାସନ ଓ ଘରୋଇ ମାଲିକ ସଂଘ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

## ଆଦର୍ଶ ପ୍ରଧାନ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ସଭା

**ବାଲିଆପାଳ,୧୬।୪(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ସ୍ଥିତ ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦେବତୋଷ କୁମାର ଦତ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ସଭାକୁ ତୀର୍ଥ କୁମାର ନାଗ ପରିଚାଳନା କରିଥିଲେ। ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ଯୋଗଦେଇଥିଲେ। ସଭା ଆରମ୍ଭରେ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦତ୍ତଙ୍କ ଅକାଳ ମୃତ୍ୟୁରେ ଛାତ୍ର ଜଗତର ଅପୁରଣୀୟ କ୍ଷତି ଘଟିଛି ବୋଲି କହିବା ସହିତ ସାରଙ୍କ ସହିତ ବିତାଇଥିବା ସମୟର ଅନୁଭୂତିକୁ ଛାତ୍ର ଛାତ୍ରୀ ବଖାଣି ଥିଲେ। ସମସ୍ତେ ଲୁହ ଭିଜା ଆଖିରେ ଫୋଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବରିଷ୍ଠ ଦେବାନୀ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନବରଙ୍ଗପୁର,୧୬।୪(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ ଙ୍କ ଅଦାଲତ ପରିସରରେ ଥିବା ନବରଙ୍ଗପୁର ଜିଲ୍ଲା ଓକିଲ ସଙ୍ଘ ତରଫରୁ ବରିଷ୍ଠ ଦେବାନୀ ବିଚାରପତି ମୋନିତା ତ୍ରିପାଠୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ନବରଙ୍ଗପୁର ଓକିଲ ସଙ୍ଘ ସହ ବାର ଓ ବେଞ୍ଚ ସହ ସମ୍ପର୍କ ସହ ତାଙ୍କର ନ୍ୟାୟିକ ପ୍ରକ୍ରିୟା ର ସ୍ତୁତିଚାରଣ କରାଯିବା ସହ ତାଙ୍କୁ ନବରଙ୍ଗପୁର ଜିଲ୍ଲା କୁ ପୁଣି ଥରେ ଆସିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଦାୟକାଳୀନ ବିଚାରପତି ମୋନିତା ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରେଜିଷ୍ଟ୍ରାର ଶାଶ୍ୱତୀ ମିଶ୍ର ଯୋଗ ଦେଇଥିଲେ। ଏହି ସଭାରେ ସିରାଜଉଦ୍ଦିନ ଅହମଦ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ତପନ ସିଂ ସ୍ୱାଗତ ଭାଷଣ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ।

## ଭୋଗରାଇ କୋଷ୍ଟ କେନାଲ ସ୍ଥିତି ଅନୁଧ୍ୟାନ ପାଇଁ ସେଣ୍ଟ୍ରାଲ ଟିମ୍

**ବାଲିଆପାଳ,୧୬।୪(ସଂଚାର ବ୍ୟୁରୋ):** ନଅଙ୍କ ଦୁର୍ଭିକ୍ଷ ପରେ ୧୮୮୦ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ୨୨୧ କିମି ଲମ୍ବ କୋଷ୍ଟ କେନାଲ ଏବେ ମୃତ ପ୍ରାୟ। ଏକଦା ଏଇ କେନାଲ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟିକ କାରବାର ତଥା ଜଳପଥରେ ଗମନାଗମନର ଏକ ପ୍ରମୁଖ



ମାଧ୍ୟମ ଥିଲା। ଏହାଛଡ଼ା କେନାଲର ଦୁଇ ପାର୍ଶ୍ୱରେ ଥିବା ହଜାର ହଜାର ଏକର ଚାଷ ଜମିକୁ ଜଳସେଚନ ମଧ୍ୟ ହେଉଥିଲା।ବ୍ରିଟିଶ ଅମଳରେ ହୋଇଥିବା ଭୋଗରାଇ କୋଷ୍ଟ କେନାଲର ସ୍ଥିତି ଅନୁଧ୍ୟାନ କଲେ ସେଣ୍ଟ୍ରାଲ ୱାଟର କମିଶନ, ତୁରନ୍ତ ପୁନଃଉଦ୍ଧାର ନେଇ ଦାବି କଲେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସୂଚନା ଅନୁଯାଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ଦେଇ ଯାଇଥିବା ବ୍ରିଟିଶ ଅମଳର କୋଷ୍ଟ କେନାଲ ଆଜିକୁ ୨୦ ବର୍ଷ ଧରି ପୋତି ହୋଇ ଗଲାଣି। ଏହାର ରକ୍ଷଣ ବ୍ୟକ୍ଷଣ ଅଭାବ ଯୋଗୁଁ ଦଳ ଓ ଅନାବନା ଲଟାରେ ପରିପୂର୍ଣ୍ଣ ହୋଇଛି। ଆଜି ପର୍ଯ୍ୟନ୍ତ ଏହାକୁ ପୁନଃଉଦ୍ଧାର କରିବା ପାଇଁ ସ୍ଥାନୀୟ ବାସୀଙ୍କ ବାରମ୍ବାର ଦାବୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନି। ତେବେଏକ ବର୍ଷ ତଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏକ କେନ୍ଦ୍ରୀୟ ଟିମ ନେଇ ଏହାର ପରିଦର୍ଶନ କରିଥିଲେ, ପୁଣି ଭୋଗରାଇ ବିଧାୟକ ଏକ ଗୌତମ ବୁଦ୍ଧ ଦାସ ସେଣ୍ଟ୍ରାଲ ୱାଟର କମିଶନକୁ ଚିଠି ପୁନଃଉଦ୍ଧାର ପାଇଁ ଜଣାଇ ଥିଲେ। ଏ ନେଇ ଆଜି ଏକ ସେଣ୍ଟ୍ରାଲ ୱାଟର କମିଶନର ଏକ ୩ ଜଣିଆ ଟିମ ପହଂଚି ଏହି କଷ୍ଟ କେନାଲ ପରିଦର୍ଶନ କରିଛନ୍ତି। ପରିଦର୍ଶନ ପରେ ଏକ ରିପୋର୍ଟ ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ ବୋଲି ଜଣାଇଛନ୍ତି। ତେବେ ଏହି ପରିଦର୍ଶନ କେବେଳ ଖାତା କଲମରେ ରହୁଛି ନା ବାସ୍ତବରେ ଏହାର ପୁନଃ ଉଦ୍ଧାର ହେଉଛି ତାହା ସମୟ କହିବ। ଅନ୍ୟପଟେ ବିଧାୟକ ଆସିଥିବା ଟିମ ସହ ଆଲୋଚନା କରି ତୁରନ୍ତ ଏହାକୁ ପୁନଃ ଉଦ୍ଧାର କରିବା ପାଇଁ ଦାବୀ କରିଛନ୍ତି ପଶ୍ଚିମବଙ୍ଗର ସୀମା ମାନକୁଣ୍ଡା ଠାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ଆମ ଭୋଗରାଇ ପରିସୀମାରେ ଆସୁଥିବା ପ୍ରାୟ ୧୪ କିମି ଲମ୍ବ କେନାଲର ଏହି ଅଂଶ ଏବେ ବିଲାତି ଦଳରେ ପରିପୂର୍ଣ୍ଣ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି।